
ବୁମ୍ରାଙ୍କୁ ୪ ଆଇସିସି ଆୱାର୍ଡ
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 332 | ଭାଗ ୩୨ | ସଂଖ୍ୟା ୩୩୨ Bhubaneswar | Tuesday 25 February 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୨୫ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## କପି କରି ଧରାପଡ଼ିଲେ ୮ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ଗତ ୨୧ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆଜି ପରୀକ୍ଷାର୍ଥୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ଇଂରାଜୀ ବିଷୟରେ ପରୀକ୍ଷା ଦେଇଛନ୍ତି। ତେବେ କେତେକ ସ୍ଥାନରେ ପରୀକ୍ଷାର୍ଥୀମାନେ ଅସଦ୍ ଉପାୟ ଅବଲମ୍ବନ କରୁଥିବା ନେଇ ଖବର ଆସିଛି। ଏଥିରେ କଟକ ଜିଲ୍ଲାର ଏକ ପରୀକ୍ଷା କେନ୍ଦ୍ରରେ ୮ ଜଣ ପରୀକ୍ଷାର୍ଥୀ ସାମିଲ୍ ଥିବା ଜଣାପଡ଼ିଛି। ଏହି ପରୀକ୍ଷାର୍ଥୀମାନେ ପରୀକ୍ଷାରେ କପି କରୁଥିବା ବେଳେ ସେମାନଙ୍କୁ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ୍ ଠାବ କରିଛି। ଏହି ପରୀକ୍ଷାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ମାଟ୍ରିକ ପରୀକ୍ଷାରେ ଡ୍ରପ୍ଆଉଟ୍ ଏବେ ଚିନ୍ତାର ବିଷୟ ପାଲଟିଛି ବୋଲି ବୋର୍ଡ ପକ୍ଷରୁ କୁହାଯିବା ସହ ଏହା ଉପରେ ନଜର ରହିଛି ଏବଂ ସ୍କୁଲ ପ୍ରଧାନଶିକ୍ଷକ ଓ ସେଣ୍ଟର୍ ସୁପରିଣ୍ଟେଣ୍ଡେଣ୍ଟମାନେ ମଧ୍ୟ ଅବଗତ ଥିବା କୁହାଯାଇଛି।

## କାଶୀ-ତାମିଲ୍ ସଙ୍ଗମ ୩.୦ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ସାଂସ୍କୃତିକ ଐକ୍ୟ ଭାରତର ସ୍ୱତନ୍ତ୍ରତା

### ପ୍ରଧାନମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାରାଣାସୀଠାରେ ଆୟୋଜିତ କାଶୀ-ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ଯୋଗଦେଇ କାଶୀ-ତାମିଲ୍ ସଙ୍ଗମ ଦେଶର ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷା, ରୀତିନୀତି ଓ ପ୍ରଥା ଅଲଗା ହୋଇପାରେ। କିନ୍ତୁ ଆମ ସମସ୍ତଙ୍କର ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆଧାତ୍ମିକ ଚିନ୍ତାଧାରା ସମାନ। ଆମର ଏହି ସାଂସ୍କୃତିକ ଐକ୍ୟ ଭାରତକୁ ଅନ୍ୟ ସବୁ ରାଷ୍ଟ୍ରମାନଙ୍କଠାରୁ ସ୍ୱତନ୍ତ୍ର କରିଛି। ଆମେ ସମସ୍ତେ ମହାଭାରତୀୟ ସାଂସ୍କୃତିକ ଐତିହ୍ୟର ଗୋଟିଏ ଗୋଟିଏ ଅଂଶ। ଆମେ ସମସ୍ତେ ଏହି ମହାଭାରତୀୟ ଚେତନାରେ ବାନ୍ଧି ହୋଇ ରହିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତର ସାଂସ୍କୃତିକ ଏକତାକୁ ସୁଦୃଢ଼ ଓ ଏହାର ପ୍ରଚାର ପ୍ରସାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୨ରେ କାଶୀ-ତାମିଲ ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ଏହା ଗତ ୧୫ରୁ ବାରାଣାସୀର ନମୋ-ଘାଟରେ ଆୟୋଜିତ ହେଉଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ ସୁକାନ୍ତ ମଜୁମ୍ଦାର ଓ ଉତ୍ତର ପ୍ରଦେଶର କ୍ୟାବିନେଟ ମନ୍ତ୍ରୀ ଅନୀଲ ରାଜଭର ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କାଶୀ ଓ ତାମିଲନାଡୁ ମଧ୍ୟରେ ଆଧାତ୍ମିକ ସମ୍ପର୍କ ଖୁବ୍ ପ୍ରାଚୀନ। କାଶୀ କେବଳ ଏକ ସହର ନୁହେଁ, ଏହା ଭାରତର ଶାଶ୍ୱତ, ଆଧାତ୍ମିକ ପରମ୍ପରାର ପ୍ରତୀକ। ସେହିପରି ତାମିଲନାଡୁର ଶାସ୍ତ୍ରୀୟ ଭାଷା, ସାହିତ୍ୟ, ଭବ୍ୟ ମନ୍ଦିର ଓ ଦାର୍ଶନିକ ପରମ୍ପରା ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି। କାଶୀ-ତାମିଲ ସଙ୍ଗମ ବିବିଧତା ମଧ୍ୟରେ ଏକତାର ପ୍ରତୀକ। ➾ପୃଷ୍ଠା-୬

## ମୌନ ମୁଦ୍ରାରେ ମହେନ୍ଦ୍ର!



## ଜେଲ୍‌ରୁ ହସୁଛି ହଂସୀତା



କାଣି ବିରାଡ଼ି ଉପରେ କୁଜି ଅସରପା କାକ୍ଷଣ୍ଣା କହିବାର ତାତ୍ପର୍ଯ୍ୟ ହେଉଛି ନିର୍ବଳ ଉପରେ ବେଶ ପାରିବାର ଦେଖାଏ ପୁଲିସ। କିନ୍ତୁ ଅପରପକ୍ଷ ଯେଉଁଠି ବଳୁଆ ପଡ଼ିଯାଏ, ସେତେବେଳେପୁଲିସ ବାବୁ ମୂଷା ପାଲଟିଯା'ନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି 'କିଟ' ଘଟଣା। ପାଖାପାଖି ୧୦ ଦିନ ହେଲା ଏହି ଘଟଣା ସାରା ବିଶ୍ୱରେ ଚହଳ ପକାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମୁଖୀ କାମ, ମାମଲତି, ଅପରାଧିକ କାର୍ଯ୍ୟକଳାପ ପାଇଁ ଓଡ଼ିଶା ମୁଣ୍ଡାଇଛି ବଦନାମର ବୋଝ। ସାରା ଭୁବନେଶ୍ୱରରେ ବିଗିଡ଼ିଯାଇଛି ଆଇନଶୃଙ୍ଖଳା। କିନ୍ତୁ ସମ୍ପୃକ୍ତ ଥାନାଧିକାରୀ ଏବେ ବି ବେଫିକର। ଆମେ କହୁଛୁ ଇନ୍‌ଫୋସିଟି ଥାନାଧିକାରୀ ମହେନ୍ଦ୍ର ସାହୁଙ୍କ କଥା। ସତେ ଯେମିତି ଏ ଥାନାଧିକାରୀ ପାଲଟିଯାଇଛନ୍ତି 'କିଟ' ସଂସ୍ଥାର କର୍ମଚାରୀ। ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ବିଶ୍ୱବିଦ୍ୟାଳୟ ପରିସରରେ ତୁମ୍ବିତୋଫାନ ହେଲା। ସିକ୍ୟୁରିଟି ଗାର୍ଡ ଶତାଧିକ ପିଲାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ। ଦୁଇ ମହିଳା କର୍ମଚାରୀ ଖୁଲେଆମ୍ ନିଜ ବସ୍‌ଙ୍କ ଗୁଣଗାନ କରିବାକୁ ଯାଇ ନେପାଳ ଅର୍ଥନୀତିର ଧଜିଆ ଉଡ଼ାଇଲେ। ବାଉନ୍ସର ମାଡ଼ ମାରିମାରି କଟକ ଆଉ ଭୁବନେଶ୍ୱର ପିଲାଙ୍କୁ ନେଇ ଛାଡ଼ିଲେ। କିନ୍ତୁ ଅପରାଧୀଙ୍କୁ ଧରିବାକୁ ଦିନେ ହେଲେ 'କିଟ' ଭିତରକୁ ପଶିଲେ ନାହିଁ ଆଇଆଇସି ମହେନ୍ଦ୍ର ସାହୁ। ଓଲଟା କନ୍‌ଫରେନ୍ସ ହଲକୁ ଯାଇ ପିଲାଙ୍କୁ ଧମକାଇଲେ। ଯାହାର ଭିଡିଓ ମଧ୍ୟ ଭାଇରାଲ ହେଲା। କିନ୍ତୁ ଫଳ ଶୂନ। ହାତଗଣତି ସୁରକ୍ଷାକର୍ମୀଙ୍କୁ ଲୋକଦେଖାଣିଆ ଭାବେ ଗିରଫ କରି ଏମିତି ଦଫା ଲଗାଇଲେ ଯେ ମାତ୍ର ୪୫ ମିନିଟ ଭିତରେ ସେମାନଙ୍କ ଜାମିନ ମଞ୍ଜୁର ହୋଇଗଲା।

ଆମେ ଶୁଣିଥିଲୁ ଇନ୍‌ଫୋସିଟି ଥାନା କୁଆଡେ ସବୁ ନିୟମକାନୁନ ଊର୍ଦ୍ଧ୍ୱରେ। ଏଠି କୁଆଡ଼େ ସନ୍ୟାସୀଙ୍କ ନିର୍ଦ୍ଦେଶରେ ଶାସନ ଚାଲେ। ଆଜି ଏହାକୁ ସତ ବୋଲି ମଧ୍ୟ ମନେ କରୁଛୁ। କାରଣ ଏହି ଚର୍ଚ୍ଚିତ ସଂସ୍ଥାରେ କାମ କରୁଥିବା ଜଣେ କର୍ମଚାରୀଙ୍କ ଏତଲା ଓ ସଂସ୍ଥା ମୁଖ୍ୟଙ୍କ ନିର୍ଦ୍ଦେଶରେ କିଛି ଦିନ ତଳେ ହଂସୀତା ଅଭିଲିପ୍ସାଙ୍କୁ ଗିରଫ କରାଯାଇଥିଲା। ହଂସୀତାଙ୍କ ସହ ତାଙ୍କର ପୁରୁଷ ବନ୍ଧୁଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ପ୍ରଥମେ ଗଣମାଧ୍ୟମକୁ ଲୁଚାଇ ପୂରା ଅପରେସନ ଚଳାଇଥିଲା ପୁଲିସ। ପରେ ମିଡିଆ ସାମ୍ନାକୁ ଖବର ଆସିବା ପରେ କମିଶନରେଟ ପୁଲିସର ଭାଣ୍ଡାଫୋଡ଼ ହୋଇଥିଲା। ଏନଜିଓ ଜରିଆରେ ବିଦେଶରୁ ଆସୁଥିବା ଟଙ୍କା ଦେଣନେଣକୁ କେନ୍ଦ୍ର କରି କୁଆଡ଼େ ଏହି ବିଶ୍ୱବିଦ୍ୟାଳୟ ମୁଖ୍ୟଙ୍କ ସହ ହଂସୀତାଙ୍କର ଝଗଡ଼ା ହୋଇଥିଲା। ଆଉ ତା'ପରେ 'କିଟ' ବସ୍‌ଙ୍କ ନିର୍ଦ୍ଦେଶରେ ହଂସୀତା କେସକୁ ଯେଉଁଭଳି ପ୍ରୋଜେକ୍ଟ କରାଯାଇଥିଲା, ସତେ ଯେପରି ସେ ହେଉଛନ୍ତି ଆତଙ୍କବାଦୀ। ଆଜି କିନ୍ତୁ ଜେଲ ଭିତରେ ହଂସୀତା ବେଶ ଖୁସି ହୋଇଛନ୍ତି। ତାଙ୍କ ପରିବାର ଲୋକଙ୍କ ସହ ମୁଲାକାତ ବେଳେ ଦୋଷୀକୁ ଦଣ୍ଡ ମିଳିଥିବା କଥା ସେ ଉଲ୍ଲେଖ କରିଛନ୍ତି। ତାଙ୍କ ପ୍ରତି ଯେଉଁଭଳି ଭାବେ ଅନ୍ୟାୟ ହୋଇଛି, ଭଗବାନ ତା'ର କଡ଼ାଗଣ୍ଡା ହିସାବ ଆଗକୁ ଦେବେ ବୋଲି ସେ କହିଛନ୍ତି। ସେପଟେ ଥାନାଧିକାରୀ ମଧ୍ୟ ସମାନ ଭାବେ ପାପର ଭାଗିଦାର ହୋଇଥିବା ବେଳେ ତାଙ୍କୁ ବି ଶାସ୍ତି ମିଳିବାର ଆବଶ୍ୟକତା ଥିବା ନିଜ ସମ୍ପର୍କୀୟଙ୍କୁ କହିଛନ୍ତି ହଂସୀତା। ■

# ଅଚ୍ୟୁତ ତୁସି ଗ୍ରେଟ୍ ହୋ

## ଧଳା ଯୋଗୀଙ୍କ ପ୍ଲେସମେଣ୍ଟ କେଳେଙ୍କାରୀ



- ଡେଟିଂ ଓ ନାଇଟ କଲିଂ ପାଇଁ ବାଧ୍ୟ କରାଯାଉଛି
- ରାଜି ନହେଲେ ମିଳୁନି ଭଲ ପ୍ଲେସମେଣ୍ଟ
- ସିପିଙ୍କୁ ଫେରାଦ ହେଲେ ପୂର୍ବତନ ଛାତ୍ରୀ

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** କିଟରେ ଅଚ୍ୟୁତ ସାମନ୍ତ ଚଳାଇଥିଲା ଜଘନ୍ୟ କାଣ୍ଡକାରଖାନା। ଛାତ୍ରୀଙ୍କୁ ଡେଟିଂ ଓ ରାତିରେ କଲ ପାଇଁ ବାଧ୍ୟ କରାଯାଉଥିଲା। ନହେଲେ ମିଳୁନଥିଲା ଭଲ ପ୍ଲେସମେଣ୍ଟ। ନେପାଳୀ ଛାତ୍ରୀ ଆତ୍ମହତ୍ୟା ପରେ ୩ ବର୍ଷ ହେଲା ଘାଣ୍ଟି ହେଉଥିବା ଜଣେ ଛାତ୍ରୀ ପୁଲିସ କମିଶନରଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି।

୨୦୨୦-୨୨ ବ୍ୟାଚର ଜଣେ ପୂର୍ବତନ ଏମବିଏ ଛାତ୍ରୀ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୁଲିସ କମିଶନରଙ୍କ ନିକଟରେ ଫେରାଦ ହୋଇ ତାଙ୍କୁ କିଟର ପ୍ରତିଷ୍ଠାତା, ନିର୍ଦ୍ଦେଶକ, ପ୍ଲେସମେଣ୍ଟ ଅଫିସର କେମିତି ଶାରୀରିକ ଓ ମାନସିକ ଭାବରେ ନିର୍ଯାତନା ଦେଉଥିଲେ, ତାହା ଗୋଟି ଗୋଟି କରି କହିଛନ୍ତି। ପ୍ଲେସମେଣ୍ଟ ହେଡ୍ ଜୟଦୀପ ବିଶ୍ୱାସ, କ୍ଲର୍କ ଅମିତ ଜେନାମଣି ଓ କିଟ କର୍ତ୍ତୃପକ୍ଷ ୩ ବର୍ଷ ହେବ ନିର୍ଯାତନା ଦେଇଆସୁଛନ୍ତି।

ପ୍ଲେସମେଣ୍ଟ ହେଡ୍ ଶ୍ରୀ ବିଶ୍ୱାସ ଏମବିଏ ଛାତ୍ରୀଙ୍କୁ ରାତିରେ କଥା ହେବା ପାଇଁ ବାଧ୍ୟ କରୁଥିଲେ। ବାହାରେ ଦେଖା ହେବା ପାଇଁ ମଧ୍ୟ ବାଧ୍ୟ କରୁଥିଲେ। ଏହାକୁ ଛାତ୍ରୀ ଜଣଙ୍କ ବିରୋଧ କରିବାରୁ ଆକ୍ରୋଶମୂଳକ ଭାବେ ତାଙ୍କୁ ହଇରାଣ କରାଯାଉଛି ଏବଂ ଭଲ ପ୍ଲେସମେଣ୍ଟ ଦିଆଯାଉନାହିଁ। ଛାତ୍ରୀ ଜଣଙ୍କ ଆଇଜିଆଇ ସାରଙ୍ଗରୁ ଇଞ୍ଜିନିୟରିଂ ସାରି କିଟରେ ଏମବିଏ କରିଥିଲେ। ଫି' ବାବଦରେ ଲକ୍ଷାଧିକ ଟଙ୍କା ଜମା କରିଛନ୍ତି। ଏଥିପାଇଁ ଶିକ୍ଷା ଋଣ ମଧ୍ୟ କରିଛନ୍ତି। କିନ୍ତୁ କେବଳ ପ୍ଲେସମେଣ୍ଟ ମୁଖ୍ୟଙ୍କ ଅନୈତିକ ସର୍ତ୍ତରେ ରାଜି ନ ହେବାରୁ ୩ ବର୍ଷ ହେଲା ତାଙ୍କୁ ଚାକିରି ମିଳୁନି। ସେ ମାନବସମ୍ବଳ ଓ ମାର୍କେଟିଂରେ ଏମବିଏ କରିଥିଲେ ମଧ୍ୟ ପ୍ରଥମେ ପ୍ଲେସମେଣ୍ଟ ମୁଖ୍ୟ ➾ପୃଷ୍ଠା-୬

## ଚିଠି ଲେଖିଲେ ନେପାଳ ମାନବାଧିକାର ଆୟୋଗ

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀମୃତ୍ୟୁଜନିତ ପରବର୍ତ୍ତୀ ଘଟଣାକୁ ନେଇ ନେପାଳ-ଭାରତ ସମ୍ପର୍କ ଅଧିକ ପ୍ରଭାବିତ ହେବାରେ ଲାଗିଛି । ନେପାଳ ମାନବାଧିକାର ଆୟୋଗ ଏକ ଚିଠି ଲେଖି ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କୁ




ଦଣ୍ଡ ଓ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଭାରତର ଜାତୀୟ ମାନବାଧିକାର ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଏପଟେ କିଟ୍ କ୍ୟାମ୍ପସରେ ଆବଶ୍ୟକ ସୁରକ୍ଷା ଓ ସ୍ଥିତିରେ ସୁଧାର ଆସୁନଥିବାରୁ ନେପାଳୀ ଛାତ୍ରଛାତ୍ରୀମାନେ କ୍ୟାମ୍ପସକୁ ଫେରିବାରେ ବିଳମ୍ବ ହେଉଛି। ଆଉ ସେମାନଙ୍କ ପାଠପଢ଼ା ମଧ୍ୟ ବ୍ୟାହତ ହେବାରେ ଲାଗିଛି।

ନେପାଳ ମାନବାଧିକାର ଆୟୋଗଙ୍କ ଯୁଗ୍ମ ମୁଖପାତ୍ର ଶ୍ୟାମବାବୁ କାଫଲେ ଏକ ପ୍ରେସ୍ ରିଲିଜ୍ ଜାରି କହିଛନ୍ତି ଯେ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକୃତି ଲାମସଲଙ୍କ ମୃତଦେହ ହଷ୍ଟେଲରୁ ମିଳିବା ଘଟଣାର ତ୍ୱରିତ୍ ନିରପେକ୍ଷ ତଦନ୍ତ ସହ ନେପାଳୀ ଛାତ୍ରଛାତ୍ରୀମାନଙ୍କ ସହ ହୋଇଥିବା ଅତ୍ୟାଚାର, ମାରପିଟ୍ ➾ପୃଷ୍ଠା-୬

## ବଳପୂର୍ବକ ଜମି ହଡ଼ପରେ ଏକ ନମ୍ବର



- ଜମିହରାଙ୍କର ହୃଦ୍‌ଘାତରେ ମୃତ୍ୟୁ
- ସାଂସଦ ପଦ ରଦ୍ଦ ପାଇଁ ଲେଖିଥିଲେ ପତ୍ର
- ପ୍ରୋତ୍ସାହନ ଦେଇଥିଲେ ବିଜେଡି ସରକାର

ରାଜଧାନୀର ଛାତି ଉପରେ ବଳ ପୂର୍ବକ ଜମି ହଡପ କରିବାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ହେଉଛନ୍ତି ଏକ ନମ୍ବର । ତାଙ୍କର ଜବରଦସ୍ତ ଜମି ହଡପ ପାଇଁ ବହୁ ଲୋକେ ନିଜର କଷ୍ଟାର୍ଜିତ ଅର୍ଥରେ କିଣିଥିବା ଜମି ହରାଇଥିବାବେଳେ ନିଜ ଜମିରେ ଘରଟିଏ କରନପାରି ଜଣେ ଅବସରପ୍ରାପ୍ତ ପ୍ରଫେସର ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ସେତେବେଳେ ଏଭଳି ଗୁରୁତର ଘଟଣା ପ୍ରତି କେବଳ ବିଜେଡି ସରକାର ଆଖିବୁଜି ଦେଇନଥିଲେ ବରଂ ଅଚ୍ୟୁତଙ୍କ ଜମି ହଡପକୁ ପ୍ରୋତ୍ସାହିତ କରିଥିବା କହିଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ। ଅଚ୍ୟୁତଙ୍କ ଜମି ହଡପର ସମ୍ମୁଖୀନ ହୋଇଥିବା ୩୨ଜଣ ଜମି ମାଲିକ ଏକତ୍ର ହୋଇ ସାଂସଦ ପଦରୁ ଅଚ୍ୟୁତଙ୍କୁ ବହିଷ୍କାର ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର ଦ୍ୱାରସ୍ଥ ହୋଇଥିଲେ । ନିଜର ଜମିର ସମସ୍ତ ବୈଧ କାଗଜପତ୍ର ଦାଖଲ ସହିତ ଅଚ୍ୟୁତଙ୍କ ଗୁଣ୍ଡାମାନେ କିଭଳି ବଳପୂର୍ବକ ତାଙ୍କ ଜମି ଛଡାଇ ନେଇଛନ୍ତି ତାହା ଦର୍ଶାଇଥିଲେ । ହେଲେ ସେତେବେଳର ବିଜେଡି ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିଲେ । ସୂଚନା ଅଧିକାର କର୍ମୀଙ୍କ ସୂଚନା ଅନୁଯାୟୀ ୧୯୮୨ରେ ୩୨ଜଣ ବ୍ୟକ୍ତି ପଥରଗାଡିଆ ଅଞ୍ଚଳରେ ଜମି କରିଥିଲେ । ସେହି ➾ପୃଷ୍ଠା-୬

### ପିଏମ୍ କିଷାନ୍‌ର ୧୯ତମ କିସ୍ତି ଆବଣ୍ଟନ

## ଚାଷୀଙ୍କ ଖାତାକୁ ଗଲା ୨୨୦୦୦ କୋଟି



ରାଜ୍ୟର ୩୪.୯୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ସାମିଲ୍

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୨ (ସଂଚାର ବ୍ୟୁରୋ):** ଆଜି କୃଷକଙ୍କ ପାଇଁ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାରେ ୧୯ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ବିହାରର ଭାଗଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କିସ୍ତି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଏଥିରୁ ୯.୮ କୋଟି ଚାଷୀ ଉପକୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨.୪୧ କୋଟି ମହିଳା ଚାଷୀ ରହିଛନ୍ତି। ଆଜି ମୋଟ ୨୨ ହଜାର କୋଟି ଟଙ୍କା ଡିବିଟିରେ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି। ଏଥିସହ ଏ ବାବଦରେ ଅଦ୍ୟାବଧି କେନ୍ଦ୍ର ସରକାର ୩.୬୮ ଲକ୍ଷ କୋଟି ଟଙ୍କା ଦେଇସାରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ପିଏମ୍-କିଷାନ୍ ଯୋଜନା ଚାଷୀଙ୍କୁ ସବଳ କରିବା ସହ ଆର୍ଥିକ ସ୍ଥିତିକୁ ସୁଧାରିବାରେ ସକ୍ଷମ ହୋଇଛି।

ସେହିପରି ଊନବିଂଶତମ କିସ୍ତିରେ ଓଡ଼ିଶାର ୩୪.୯୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିବା ରାଜ୍ୟ କୃଷି ସଚିବ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି ଯେ ପିଏମ-କିଷାନ ଯୋଜନାରେ ଓଡ଼ିଶାର ହିତାଧିକାରୀମାନଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। କାରଣ ସାମ୍ପ୍ରତିକ ପ୍ରୟାସ ଯୋଗୁଁ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ବୋଲି ପିଏମ୍ କିଷାନ୍‌ର ୧୯ତମ କିସ୍ତି ବଣ୍ଟନ ସମୟରେ ଶ୍ରୀ ପାଢ଼ୀ କହିଛନ୍ତି। ତାଙ୍କ କହିବାନୁସାରେ, ଗତ ବର୍ଷ ତୁଳନାରେ ୩.୪୩ ଲକ୍ଷରୁ ଅଧିକ ଚାଷୀଙ୍କ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟର ଅତି କମରେ ୩୪ ଲକ୍ଷ ୯୮ ହଜାର ୧୪୭ ଜଣ ଚାଷୀ ପିଏମ୍ କିଷାନ୍ ଯୋଜନାରେ ଉପକୃତ ହୋଇଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୩ ଲକ୍ଷ ୪୩ ହଜାର ୪୪୭ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଗତ ବର୍ଷ ବିଭିନ୍ନ କାରଣରୁ ପ୍ରତ୍ୟାଖ୍ୟାନ ହୋଇଥିବା କିମ୍ବା ବାଦ୍ ପଡ଼ିଥିବା ଚାଷୀମାନଙ୍କୁ ପଞ୍ଜୀକରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଯୋଗୁଁ ଚାଷୀଙ୍କ ସଂଖ୍ୟାରେ ଏହି ବୃଦ୍ଧି ଘଟିଛି। ଏହି ଲାଭ ପାଇବା ପାଇଁ ଅଧିକ ଚାଷୀ ଏବେ ଅଧିକ ସଂଖ୍ୟକ ପୋର୍ଟାଲ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି। କୌଣସି ଚାଷୀ ପଛରେ ନ ପଡ଼ିବା ନିଶ୍ଚିତ କରିବା ➾ପୃଷ୍ଠା-୬

# ବିଜେପିକୁ ବଦନାମ କରୁଛି କୁଜି ନେତାଙ୍କ ଭିଡିଓ

### ବିହାର ଷ୍ଟାଇଲ୍‌ରେ ଧମକ ଥାନାରେ ରଣଜିତଙ୍କ ହାକିମାତି



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାର ଲୋକଙ୍କ ସରକାର ହେବ ବୋଲି ଖୋଲାଖୋଲି ଘୋଷଣା କରିଥିଲେ। ଲୋକେ ଯେଭଳି ନ୍ୟାୟ ପାଇବେ, ସେଥିପାଇଁ ପୁଲିସ୍‌କୁ ତାଗିଦ କରିଥିଲେ। ତଦନୁଯାୟୀ କାର୍ଯ୍ୟ ମଧ୍ୟ କରୁଛନ୍ତି। ହେଲେ ତାଙ୍କରି ଦଳର କୁଜି ନେତାମାନଙ୍କର ଭାଇରାଲ ହେଉଥିବା ଭିଡିଓ ଏବେ ସରକାରଙ୍କୁ ଅକଳରେ ପକାଇବା ଆରମ୍ଭ କଲାଣି।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ବିଜେପି କର୍ମୀ ଠାକୁର ରଣଜିତ ଦାସଙ୍କ ହାକିମାତିର ଦୃଶ୍ୟ ଦେଖିବାକୁ ମିଳୁଛି। ଭିଡିଓରେ ସ୍ପଷ୍ଟ ଦେଖାଯାଉଛି ଯେ କିଛି ଅସାମାଜିକ ବ୍ୟକ୍ତିଙ୍କୁ ପୁଲିସ୍ ଆଣି ଥାନା ଭିତରେ ବସାଇଛି। ଏମାନଙ୍କୁ ହାଜତରେ ନଠୁଙ୍କି ହାଜତ ଆଗରେ ବସାଇ ରଖାଯାଇଛି। ତେବେ ଏହି ଯୁବକମାନେ ବସିଥିବା ସମୟରେ ରଣଜିତ୍ ହଠାତ୍ ଥାନାରେ ପ୍ରବେଶ କରି ସେମାନଙ୍କୁ ଦୋ ଅକ୍ଷରୀରେ ଗାଳିଦେବା ସହ ତୁରନ୍ତ ଚେୟାର ଉପରେ ବସିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଥାନା ଭିତରେ ପୂରା ବିହାର ଷ୍ଟାଇଲ୍‌ରେ ଶକ୍ତି ପ୍ରଦର୍ଶନ କରୁଛନ୍ତି ରଣଜିତ୍।

ନିଜ ନେତାଙ୍କଠାରୁ ବଳ ପାଇବା ପରେ ଯୁବକମାନେ କଲର ଟେକି ଛିଡ଼ା ହେବା ସହିତ ପୁଲିସ୍ ଚେୟାର ଅକ୍ତିଆର କରିବାକୁ ଆଗେଇ ଯାଉଛନ୍ତି। ଉପସ୍ଥିତ ପୁଲିସ୍ କର୍ମଚାରୀମାନେ ମଧ୍ୟ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଦେଖୁଛନ୍ତି। ହାଜତରେ ଥିବା ଅପରାଧୀମାନେ ବି ଏଭଳି ଦୃଶ୍ୟର ମଜା ଉଠାଉଛନ୍ତି। ବିଜେପିର ଏହି କର୍ମୀ ଜଣଙ୍କ ପୁଲିସ୍ ଓ ଧରାପଡ଼ିଥିବା ଯୁବକମାନଙ୍କୁ ଗାଳି ଦେବାରେ ଲାଗିଛନ୍ତି।

ଏଭଳି ଦୃଶ୍ୟ ଦେଖିବା ପରେ ଏବେ ଲୋକଙ୍କ ମନରେ ବିଜେପି କ'ଣ ଓଡ଼ିଶାରେ ନିଜର କର୍ମୀମାନଙ୍କୁ ଏଭଳି ଆଚରଣ ପ୍ରଦର୍ଶନ ପାଇଁ କହିଛି? ଯଦି ନ କହିଛି ତେବେ ଏମାନେ ଥାନା ଭିତରେ ମାମଲତକାରୀ କରିବାକୁ ସାହସ କୁଳାଇପାରୁଛନ୍ତି କିପରି? ଅତୀତରେ ଥାନାକୁ ନିୟନ୍ତ୍ରଣ କରିବା ଯୋଗୁଁ ବିଜେଡି ସରକାରରୁ ବିଦା ହୋଇଛି। ଲୋକେ ଭାବିଥିଲେ ନୂଆ ସରକାର ଥାନାରେ ହସ୍ତକ୍ଷେପ କରିବେ ନାହିଁ, ଲୋକେ ନ୍ୟାୟ ପାଇବେ। ହେଲେ ଭିଡିଓରେ ସରକାରୀ ଦଳର କୁଜି ନେତାମାନେ ଯେଭଳି ଥାନା ଭିତରେ ଆଇନ୍‌ର ରକ୍ଷକମାନଙ୍କୁ ନାଲିଆଖି ଦେଖାଉଛନ୍ତି, ତାହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି।

ଉଲ୍ଲେଖନୀୟ ଯେ ସରକାର ଗଠନ ହେବା ସମୟରେ ରଣଜିତ ତୃତୀୟ ମହଲାକୁ ଅବାଧରେ ଯାଆସ କରୁଥିଲେ। ସେଠାରେ ଅଫିସରଙ୍କଠାରୁ ପୁଲିସ୍, ➾ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

VETERINARY SCIENCE AND ANIMAL HUSBANDRY PROGRAMME
- Bachelor of Veterinary Science and Animal Husbandry (B.V.Sc. & A.H.)

APPROVAL & RECOGNITIONS
- Approved by UGC and VCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ସିଡିପିଓଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

**ରାଜନଗର,୨୪।୨ (ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଲାଗିଥିବା ପ୍ରାଇଭେଟ ଗାଡିର ଭଡା ବାବଦ ବିଲ କରିବା ପାଇଁ ସିଡିପିଓ ଲାଞ୍ଚ ନେବା ସତ୍ତ୍ୱେ ବିଲ ନକରିବାରୁ ଗାଡି ମାଲିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିବାର ତଦନ୍ତ ଚାଲିଥିବା ବେଳେ ଆଜି ଆଉ ଏକ ଅଭିଯୋଗ ଆସିଛି। ମାସିକ ବୈଠକରେ ଅଙ୍ଗନବାଡି କର୍ମୀ ଆସିନଥିବାରୁ ସିଡିପିଓ ଉତ୍‌କ୍ଷିପ୍ତ ହୋଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ୫ ଦିନ ଭିତରେ ସିଡିପିଓଙ୍କ ନାଁରେ ପ୍ରଥମେ ଲାଞ୍ଚ ଓ ପରେ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ଚର୍ଚ୍ଚା ସୃଷ୍ଟି କରିଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ଆଜି ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ରାଜନଗର ସେକ୍ଟରର ବୈଠକ ଡକାଯାଇଥିଲା। ଅଧିକାଂଶ ଅଙ୍ଗନବାଡି କର୍ମୀ ବୈଠକକୁ ଆସିନଥିବା ନେଇ ପଚାରିଥିଲେ। ଅଙ୍ଗନବାଡି କର୍ମୀ ସଞ୍ଜୁଲତା ଆଚାର୍ଯ୍ୟ ମାଟ୍ରିକ ପରୀକ୍ଷା ଚାଲିଛି, ଗାଡି ମିଳୁନଥିବାରୁ ପିଲାଙ୍କ ଆସିବା ବିଳମ୍ବ ହେଉଛି ବୋଲି କହିଥିଲେ। ଏହି କଥାରେ ସିଡିପିଓ ଉତକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ତମ ଚାକିରି ଖାଇବି, ମୁଁ ଦରମା ପାଉନାହିଁ, ତମକୁ ଦେବିନି, କଉ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସମାଜ ମଙ୍ଗଳ ଅଧିକାରିଣୀ କଣ କରିବେ ଅଶ୍ଳୀଳ ଭାଷାରେ କହିଥିବା ସଞ୍ଜୁଲତା ଆଚାର୍ଯ୍ୟଙ୍କ ସହିତ ରାଜନଗର ସେକ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ୨୦ ତାରିଖ ଦିନ ବୁଆଁଳ ଗ୍ରାମର ବ୍ରୋଲେରୋ ମାଲିକ ସମରେନ୍ଦ୍ର ସାହୁଙ୍କ ବାପା ଉମାକାନ୍ତ ସାହୁ ରାଜନଗର ସିଡିପିଓଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ।

# ଘର ଉପରକୁ ମାଡ଼ିଗଲା ଟ୍ରକ, ଅଳ୍ପକେ ବର୍ତ୍ତିଲେ ପରିବାର



**ରାଜନଗର,୨୪।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଳକ ଘଡିଆମାଳ ଗାଁରେ ଘର ଉପରକୁ ଟ୍ରକ ମାଡି ଯାଇଛି। ବାଡ ଭାଙ୍ଗି ଟ୍ରକଟି ଘର ଉପରକୁ ମାଡି ଯାଇ ପଲଟି ପଡ଼ିଛି। ସୌଭାଗ୍ୟ ବଶତ ପରିବାରର କୌଣସି ସଦସ୍ୟ ସେ ଘରେ ଗତକାଲି ଶୋଇ ନଥିଲେ। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ସୂଚନା ମୁତବକ ଘଡିଆମାଳ ଗାଁର କୁଳମଣି ବାରିକ ନୂଆ ଚାଳ ଘର ନିର୍ମାଣ କରି ପୂଜାଚର୍ନା ସାରିଛନ୍ତି। ଗତକାଲି ଠାରୁ ସେ ଘରେ ରହିବା କଥା, ମାତ୍ର କୌଣସି କାରଣବଶତ ନୂଆ ଘରେ ରାତିରେ କେହି ଶୋଇନଥିଲେ। ରାଜନଗର ତାଳଚୁଆ ରାସ୍ତାର ଘଡିଆମାଳ ଠାରେ ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ଓଡି ୦୪ ଏଚ ୫୧୫୨ ନମ୍ବର ଟ୍ରକଟି ବାଡ ଭାଙ୍ଗି ଘର ଉପରକୁ ମାଡି ଯାଇଛି। ଟ୍ରକଟି ଏତେ ଦ୍ରୁତ ଗତିରେ ଥିଲା ଘର ଉପରକୁ ଚଢି ଯାଇ ପଲଟି ପଡ଼ିଛି। ଗାଡିର ଚକା ବାହାରି ପଡ଼ିଥିବା ବେଳେ ଗାଡିରେ ଥିବା ଗୋଡି ଘର ଉପରେ ପଡ଼ି ରହିଛି। ଗତକାଲି ବେପୁରୁଆ ଗାଡି ଚଳାଇ ହାଇୱା ଡ୍ରାଇଭର ରାଜନଗର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ମାରି ଦେଇଥିଲା। ଆଜି ଘର ଉପରକୁ ଟ୍ରକ ଚଢିଯିବା ଘଟଣା ରାଜନଗର ଅଞ୍ଚଳରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

# ଜିଲ୍ଲା ବାହାରୁ ଆସି ଠାକୁର ସମ୍ପତ୍ତିରେ ମାଲେମାଲ

**କେନ୍ଦ୍ରାପଡ଼ା,୨୪।୨ (ସଂଚାର ବ୍ୟୁରୋ):** ଚକବନ୍ଦୀ କାର୍ଯ୍ୟାୟଳର କର୍ମଚାରୀଙ୍କୁ ହାତ କରି କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷକତା କରୁଥିବା ବାଙ୍କିର ଗିରିଧାରୀ ରଥ ନାମକ ଜଣେ ବ୍ୟକ୍ତି ବିପୁଳ ପରିମାଣର ଗୋପୀନାଥଜୀଉଙ୍କ ସମ୍ପକୁ ସରକାରୀ ଖାତାରେ ପୁରାଇ ନିଜ ନାମରେ ଓ ନିଜ ପରିବାର ସଦସ୍ୟଙ୍କ ରେକର୍ଡ କରାଇ ନେଇଥିବାବେଳେ ତାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅ ବିଭୁତି ଭୁଷଣ ରଥ ସେ ସବୁ ସମ୍ପତିକୁ ବିକ୍ରି କରି କୋଟିପତି ବନିଥିବା ଏଣ୍ଡାଓମେ କମିଶନର ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ କୁହାଯାଇଛିଯେ, ୧୯୬୮ମସିହାରେ ଆସି ଗିରିଧାରୀ ଠାକୁରହାଟ ଗୋପୀନାଥଜୀଉ ମଠରେ ଭଡାରେ ରହୁଥିଲେ। ସେଠାରେ ରହିବା ଭିତରେ ମଠର ମହନ୍ତଙ୍କୁ ଓ ଚକବନ୍ଦୀ କର୍ମଚାରୀଙ୍କୁ ହାତ କରି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପକୁ ସରକାରୀ ଖାତାକୁ ପରିବର୍ତ୍ତନ କରାଇବା ସହ ନିଜ ନାମରେ ରେକର୍ଡ଼ କରାଇ ନେଇଥିଲେ । କେବଳ ଶ୍ରୀଜୀଉଙ୍କ ସମ୍ପତି ନୁହେଁ ଲଙ୍କେଶ୍ୱର ମହାଦେବଙ୍କ ସମ୍ପତିକୁ ମଧ୍ୟ ବାଦ୍ ଦେଇନଥିଲେ। ଏହି ଚଂଚକତା ଉପାୟରେ ହଡ଼ପ କରାଯାଇଥିବା ସମ୍ପତ୍ତିର ପରିମାଣ ୨୦ଏକର ହେବ ବୋଲି କୁହାଯାଇଛି । ଯେଉଁଥିରେ ପ୍ରକାଶ ବେହେରା ନାମକ ଜଣେ ଚକବନ୍ଦୀ କର୍ମଚାରୀ ତାଙ୍କୁ ସହାୟତା କରିଥିଲେ । ସବୁଠାରୁ ବଡ କଥା ହେଲା ଗତ କିଛି ମାସ ତଳେ ଶ୍ରୀଜୀଉଙ୍କ ସମ୍ପତ୍ତି ହଡ଼ପ ନେଇ କରାଯାଇଥିବା ଏକ ଅଭିଯୋଗର ତଦନ୍ତବେଳେ ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଗୁଆଳସିଂ ମୌଜାର ଶ୍ରୀଜୀଉଙ୍କ ସାବକ ଖାତା ୨୮୨ରୁ ଗରିଧାରୀ ରଥ ନେଇଥିବା ୧ଏକର ୯୩ଡ଼ିସିମିଲ ଜମି ସମ୍ପର୍କରେ କୌଣସି ରିପୋର୍ଟ ନଦେବା ବିସ୍ମୟ ସୃଷ୍ଟି କରିଛି । ଏଥିରେ ବଡ ଧରଣର ଡିଲ ହୋଇଥିବା ନେଇ ସନ୍ଦେହ କରାଯାଇଛି। ତେବେ ଏଣ୍ଡାଅମେ କମିଶନର ଏଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ତାକୁ ଅପେକ୍ଷା।

# ମିଲର ଧାନ ନନେବାରୁ ରାସ୍ତାରେ ବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

**ସାଲେପୁର,୨୪।୨ (ସଂଚାର ବ୍ୟୁରୋ):** ମିଲର ଧାନ ନନେବାରୁ ଏହାର ପ୍ରତିବାଦରେ ଆଜି ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ରାସ୍ତାରୋକ ଆନ୍ଦୋଳନ କରିଥିଲେ। ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀ ଚାଷୀମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବାପରେ ସେମାନଙ୍କ ଧାନ ଅନ୍ୟ ଏକ ତାରିଖରେ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ ସାଲେପୁର ବ୍ଲକ ରାଇସୁଙ୍ଗୁଡ଼ା ସୋସାଇଟି ଅଧିନରେ ସରକାରଙ୍କୁ ଧାନ ବିକ୍ରୟ କରିବା ନିମନ୍ତେ ଚାଷୀମାନେ ଆବେଦନ କରିବା ସହ ମଣ୍ଡିରେ ଧାନ ଦେବାପାଇଁ ଟୋକନ୍ ମଧ୍ୟ ପାଇଥିଲେ। ଟୋକନ୍ ଇସୁ ପରେ ତାରିଖ ନିର୍ଦ୍ଧାରଣ ହୋଇଥିଲା। ମଣ୍ଡିରେ ଆଖି ସ୍କାନ୍ ମଧ୍ୟ କରାଯାଇଥିଲେ ହେଁ ମିଲର ଧାନ ଉଠାଇବାକୁ ମନା କରିଦେବାରୁ ଏହାର ପ୍ରତିବାଦରେ ଆଜି ରାଇସୁଙ୍ଗୁଡ଼ା ଅଞ୍ଚଳର ଶତାଧିକ ଚାଷୀ ସାଲେପୁର-କୁଆଁପାଳ ରାସ୍ତାର ରାଇସୁଙ୍ଗୁଡ଼ା ବଜାର ନିକଟରେ ରାସ୍ତା ଉପରେ ଧାନବସ୍ତା ରଖି ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ସହ ମିଲରଙ୍କ ସହିତ ଆଲୋଚନା କରି ଆଜି ପ୍ରଥମ ପର୍ଯ୍ୟାୟରେ ୩ଟି ଗାଡ଼ିରେ ଚାଷୀଙ୍କ ଧାନ ନିଆଯିବ ବୋଲି କଥାବାର୍ତ୍ତା ହେଲାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



# ମହାବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ଛାତ୍ରଛାତ୍ରୀ

- ନାହିଁ ସ୍ଥାୟୀ ପାଚେରୀ, ହେଉଛି ବେଆଇନ ନିର୍ମାଣ
- କଲେଜ ଜମି ଜବର ଦଖଲ ପରିସୀମା ଚିହ୍ନଟ
- ସ୍ଥାୟୀ ପ୍ରାଚୀର ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି



**ମହାକାଳପଡ଼ା,୨୪।୨ (ସଂଚାର ବ୍ୟୁରୋ):** ମହାକାଳପଡାର ବହୁ ପୁରାତନ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ କେତେକ ସମସ୍ୟା ଦର୍ଶାଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ। କଲେଜର ଜମି ଚିହ୍ନଟ ସହ ସ୍ଥାୟୀ ପ୍ରାଚୀର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ୧୯୭୮ ମସିହାରୁ ପ୍ରତିଷ୍ଠା କରାଯାଇଥିବା ଏହି ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଭିତରେ ରହିଛି। କଲେଜର ଜମି ଚିହ୍ନଟକରଣ ଓ ସ୍ଥାୟୀ ପ୍ରାଚୀର ନିର୍ମାଣ ନହେବାରୁ କଲେଜର ଜମି ଜବରଦଖଲ ହେବା ସହିତ ବେଆଇନ୍ ନିର୍ମାଣ କାର୍ଯ୍ୟ କରାଯାଉଛି। ଯାହା କଲେଜରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି।

ଜମି ଚିହ୍ନଟକରଣ ପାଇଁ ଏନେଇ ୫ ସେପ୍ଟେମ୍ବର ୨୦୨୪ରେ ତହସିଲଦାରଙ୍କୁ ଅନୁରୋଧ କରିଥିଲେ ଛାତ୍ରଛାତ୍ରୀ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ନା ପରିଚାଳନା କମିଟି ଏଥିପାଇଁ ପ୍ରୟାସ କରୁଛନ୍ତି ନା ଅନ୍ୟ କେହି? କେହି ଏଥିପାଇଁ ସହଯୋଗ ନକରିବାରୁ ବାଧ୍ୟ ହୋଇ ସେମାନେ ଏମିତି ଉଦ୍ୟମ କରିଛନ୍ତି। ସହ ଉପଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ଛାତ୍ରଛାତ୍ରୀ। ତତସହିତ ଆଉ ଏକ ଚିଠି ମହାକାଳପଡ଼ା ତହସିଲଦାର ଶିବ ମଲ୍ଲୀକଙ୍କୁ ମଧ୍ୟ ଜମି ଚିହ୍ନଟ ପାଇଁ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି। ଦାବିପତ୍ର ପାଇ ଜମି ଚିହ୍ନଟକରଣ ପାଇଁ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭିଜିତ ସାମଲ, ଅଂଶୁପ୍ରସାଦ ଜେନା,ସତ୍ୟ ସୁନ୍ଦର ସାହାଣୀ,ମହେଶ କୁମାର ରାଉତରାୟ, ରୁଦ୍ରନାରାୟଣ ମନ୍ତ୍ରୀ, ସନ୍ଧ୍ୟା ରାଣୀ ପଟ୍ଟନାୟକ, କଲ୍ୟାଣୀ ପାଇଟାଳ ପ୍ରମୁଖ ଉପସ୍ଥିତ ରହି କଲେଜର ସ୍ଥାୟିତ୍ୱ ଓ ଉନ୍ନତି ପାଇଁ ଦାବି ଜଣାଇଥିଲେ।

# ମାଟି ମାଫିଆଙ୍କ ସହ ରାଜସ୍ୱ ନିରୀକ୍ଷକ ସାଲିସ !

**କେନ୍ଦ୍ରାପଡ଼ା,୨୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଳକର ଛୋଟୀ ରାଜସ୍ୱ ନିରୀକ୍ଷକଙ୍କ ମାଟି ମାଫିଆଙ୍କ ପ୍ରତି ସହାନୁଭୂତି ଏବେ ସାଧାରଣରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଉକ୍ତ ଅଂଚଳରେ ଦିନରାତି ଅନବରତ ଚାଲୁଛି ମାଟି ଚୋରା ଚାଲାଣ। ଲୋକଙ୍କ ଚାଷ ଜମି ହେଉ କି ଜଙ୍ଗଲ ଜମି, ବେଧଡ଼କ ଭାବେ ମାଫିଆମାନେ ହଜାର ହଜାର ଟ୍ରିପ୍ ମାଟି ଲୁଟ କରି ମାଲାମାଲ ହେଉଛନ୍ତି। ଏପଟେ ସରକାରୀ ରାଜସ୍ୱ ହାନି ହେବାରେ ଲାଗିଛି । କିନ୍ତୁ ସବୁ ଦେଖି ନିରବଦ୍ରଷ୍ଟା ସାଜିଛି ଜିଲ୍ଲା ପ୍ରଶାସନ। ସ୍ଥାନୀୟ ଲୋକେ ମାଟି ଲୁଟ୍ ହେଉଥିବାର ଖବର ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ପହଞ୍ଚାଉଥିବା ସତ୍ତ୍ୱେ ବି ଆରଆଇ ବାବୁ ଚୁପ ବସୁଛନ୍ତି । ଓଲଟି ଜନସାଧାରଣଙ୍କ ଅଭିଯୋଗର ଉତ୍ତର ଦେବାକୁ ଯାଇ କହୁଛନ୍ତି, ଯେ ମାଟି, ବାଲି ଲୁଟ୍ ହେବା ଘଟଣା ଉପରେ ତାଙ୍କର କିଛି କରିବାରେ ନାହିଁ। ଯାହା କରିବେ ଜିଲ୍ଲା ଖଣି ଅଧିକାରୀ କରିବେ। ତେବେ ଆଖି ଆଗରେ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ହେଉଥିବା ଘଟଣା ଉପରେ ଆରଆଇ ବାବୁଙ୍କର ମାଫିଆ ପ୍ରୀତି ଏବେ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠି ପ୍ରଶ୍ନ ଉଠିଛି ଦିନରାତି ବାଟି ଲୁଟ୍ କରୁଥିବା ମାଫିଆଙ୍କ ବିରୁଦ୍ଧରେ କିଏ ନେବ କାର୍ଯ୍ୟାନୁଷ୍ଠାନ ।

# ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ଦେଢ଼ ବର୍ଷର ଶିଶୁ ସୁପ୍ରାସନ୍ନ



ଅନର୍ଗଳ ଗାଉଛି ଶ୍ଳୋକ, ଆଙ୍କୁଛି ଚିତ୍ର, କହୁଛି ଇଂରାଜୀ ଅନୁବାଦ

**ମାର୍ଶାଘାଇ,୨୪।୨ (ସଂଚାର ବ୍ୟୁରୋ):** ବୟସ ମାତ୍ର ଦେଢ଼ ବର୍ଷ। ପାଟି ଖନି ବାଜୁଛି କିନ୍ତୁ ମୁହଁରେ ମହାପ୍ରଭୁଙ୍କ ଶ୍ଳୋକ। ଥରିଲା ଥରିଲା ହାତରେ ଆଙ୍କୁଛି ସୁନ୍ଦର ଚିତ୍ର । ପନିପରିବା ଠାରୁ ଆରମ୍ଭ କରି ଫୁଲ ଫଳର ନାଆଙ୍କୁ ଇଂରାଜୀ ଶବ୍ଦରେ କହି ମନ ମୋହି ନେଉଛି ସୁପ୍ରାସନ୍ନା । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ କଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଖସାଡୀ ଗ୍ରାମର ବାସିନ୍ଦା ମା ଯଶଦା ମହାନ୍ତି ଓ ବାପା ସରୋଜ କାନ୍ତ ସାହୁଙ୍କ ଦେଢ଼ ବର୍ଷର ଝୁଅ ସୁପ୍ରାସନ୍ନା ସାହୁ । ସୁପ୍ରାସନ୍ନା ତାର ଏକ କଅଁଳ ବୟସରେ ଖାଲି ବାପା ମାଆ କି ନୁହେଁ ପୁରା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଇଣ୍ଡିଆ ବୁକ ଅଫ ରେକର୍ଡ ୨୦୨୫ ଅର୍ଜନ କରିଛି ସୁପ୍ରାସନ୍ନା । ଏହି ରେକର୍ଡର ମହତ୍ତ୍ୱକୁ ବୁଝୁ ନଥିବା ସୁପ୍ରାସନ୍ନା ଆଜି ବଢ଼ାଇ ଦେଇଛି ତାର ମା ବାପାଙ୍କ ଗୁରୁତ୍ୱ। ମାତ୍ର ୭-୮ ମାସରୁ କଥା କହିବା ଆରମ୍ଭ କରିଥିବା ସୁପ୍ରାସନ୍ନା ୧୪ ମାସରେ ସ୍ପଷ୍ଟ ଭାବେ କିଛିବି ବାକ୍ୟ ଉଚ୍ଚାରଣ କରିଥିଲା । ଏହା ସହ ତାର ବିଚକ୍ଷଣ ସ୍ମରଣ ଶକ୍ତିକୁ ଦେଖି ପୁରା ପରିବାର ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହା ପରେ ମା ଯଶଦା ଓ ମାଉସୀ ମାମା ସୁପ୍ରାସନ୍ନା ର ସଠିକ ଯତ୍ନ ନେବା ସହ ଉଚିତ ଶିକ୍ଷା ଦେବା ଆରମ୍ଭ କରିଥିଲେ। ବିଭିନ୍ନ ବହି ଏବଂ ଜିନିଷ ପତ୍ର କିଣି ସୁପ୍ରାସନ୍ନା ଜ୍ଞାନ ବଢିବା ପାଇଁ ଯୋଗାଇ ଦେଇଥିଲେ। ଆଉ ସୁପ୍ରାସନ୍ନା ମଧ୍ୟ ତାର ମା ଓ ମାଉସୀ ଠାରୁ ଶିକ୍ଷା ଲାଭ କରି ଇଣ୍ଡିଆ ବୁକ ଅଫ ରେକର୍ଡର ଅଧିକାରୀ ହେଇ ପାରିଛି । ସୁପ୍ରାସନ୍ନା ର ଏହି ସଫଳତାରେ ମା, ବାପା, ମାଉସୀ, ପରିବାର ଓ ବନ୍ଧୁବାନ୍ଧବ ମହଲରେ ଆନନ୍ଦ ପ୍ରକାଶ ପାଇଛି ଏବଂ ସେମାନେ ଶିଶୁର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଆଗକୁ ଝିଅ ସୁପ୍ରାସନ୍ନାକୁ ଶିକ୍ଷା ପ୍ରଦାନ କରି ଏ ଦିଗରେ ଥିବା ଅଧିକ ରେକର୍ଡ ପାଇଁ ଚେଷ୍ଟା କରିବେ ବୋଲି ମା ଯଶଦା କହିଛନ୍ତି ।

# ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ କଲେ କେନ୍ଦ୍ରାପଡ଼ା ସାଂସଦ



**ସାଲେପୁର,୨୪।୨ (ସଂଚାର ବ୍ୟୁରୋ):** ଦୁର୍ଘଟଣା ଘଟି ଭିନ୍ନକ୍ଷମ ହୋଇଯାଇଥିବା ଯୁବକକୁ ସ୍ୱାବଲମ୍ବୀ କରିବାପାଇଁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ହାତପାଣ୍ଠିରୁ ଭିନ୍ନକ୍ଷମ ଯୁବକକୁ ଏକ ବିଦ୍ୟୁତ୍ ଚାଳିତ ୩ଚକିଆ ଯାତ୍ରୀବାହୀ ଅଟୋ ରିକ୍ସା ସାଲେପୁର ବ୍ଲକ ପରିସରରେ ପ୍ରଦାନ କରାଯାଇଛି। ଆଜି ଅପରାହ୍ଣରେ ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ମାଛୁଆତି ଅଞ୍ଚଳର ମୁରଲୀକ୍ରିଷ୍ଣା ରାଓଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ରାଓ ଦୀର୍ଘ ଦିନ ଧରି ଦୁର୍ଘଟଣାଗସ୍ତ ହୋଇ ଗୋଡ଼ ଅଚଳ ହୋଇ ଭିନ୍ନକ୍ଷମ ପାଲଟିଥିବାବେଳେ ପରିବାର ପ୍ରତିପୋଷଣ କରିବା ଉଦ୍ଦେଶ୍ୟରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ହାତପାଣ୍ଠିରୁ ଏହି ଯାତ୍ରୀବାହୀ ଇ-ରିକ୍ସା ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସ୍ୱାଇଁ, ଆଜୁ ଦତ୍ତ, ପ୍ରସନ୍ନ ମିଶ୍ର, ମନ୍ମଥ ଦାସ, ଉପେନ୍ଦ୍ର ନାରାୟଣ ଦାଶ, ଦେବୀପ୍ରସାଦ ଦାଶ, ଅନିନ୍ଦିତା ମିଶ୍ର, ପ୍ରକାଶ ମହାପାତ୍ର ଓ ସାଂସଦଙ୍କ ବହୁ ସମର୍ଥକମାନେ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ସାଂସଦଙ୍କ ହାତପାଣ୍ଠିରୁ ମୁରଲୀକ୍ରିଷ୍ଣାଙ୍କୁ ଇ-ରିକ୍ସା ଯୋଗାଇ ଦିଆଇଥିବାରୁ ମୁରଲୀକ୍ରିଷ୍ଣା ଓ ତାଙ୍କ ପରିବାର ପକ୍ଷରୁ ସାଂସଦ ବୈଜୟନ୍ତ ପଣ୍ଡା, ଓ ତାଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାଲିପଡ଼ାରେ ଗୋମାତା ମନ୍ଦିରର ଭୂମି ପୂଜନ



**ପଟ୍ଟାମୁଣ୍ଡାଇ,୨୪।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ଆଠ ନମ୍ବର୍ ୱାର୍ଡ ବାଲିପଡ଼ା ଗ୍ରାମର ଉଦୟମାନ ଯୁବକ ମାନଙ୍କ ଦ୍ୱାରା ଗୋ ମାତାଙ୍କ ସୁରକ୍ଷା ପାଇଁ ଗୋ ଶାଳା ଓ ନନ୍ଦୀ ଶାଳାଟିଏ କରିଛନ୍ତି। ବୁଲା ଗାଈଗୋରୁ, ଷଣ୍ଢ, ପଶୁପକ୍ଷୀ ମାନଙ୍କ ସୁରକ୍ଷା ପାଇଁ ନାରାୟଣୀ ଗୋ ସେବାର ସକ୍ରିୟ ସଦସ୍ୟମାନେ ନିଜର ଅକ୍ଳାନ୍ତ ପରିଶ୍ରମ କରି ଗୋ ସେବା ଜାରି ରଖିଛନ୍ତି। ମୁଖ୍ୟ ଗୋ ସେବକ ମଳୟ କୁମାର ଦାଶଙ୍କ ସହିତ ସଦସ୍ୟ ଜ୍ଞାନ ରଞ୍ଜନ ଦାଶ, ନିତ୍ୟାନନ୍ଦ ନାୟକ, ଦୟାନିଧି ସାହୁ, ନିଖିଳେଶ ମହାକୁଳ, ସୁଜିତ ଦାଶ, ସତ୍ୟରଞ୍ଜନ ସେଠି, ଦିପକ ପାତ୍ର, ଶୁଭଙ୍କର ଦାଶ, କୃଷ୍ଣ ଚନ୍ଦ୍ର ଦାଶ ସଞ୍ଜୟ ପରିଡା, ଖିରୋଦ ଦାଶ ସଞ୍ଜୟ ତ୍ରିପାଠୀ, ମନୋଜ ନାୟକ ପ୍ରମୁଖ ସକ୍ରିୟ ସଦସ୍ୟମାନେ ଗୋମାତାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ନାରାୟଣୀ ଗୋଶାଳାଠାରେ ଆଜି ଗୋମାତା ମନ୍ଦିରର ଭୂମିପୂଜନ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନର ଆଇ ଆଇ ସି ବନ୍ଦନା ପାତ୍ର ଯୋଗ ଦେଇ ଗୋମାତାଙ୍କ ସେବାରେ ନିୟୋଜିତ ହେଇଥିବା ସମସ୍ତ ସକ୍ରିୟ ସଦସ୍ୟଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଉତ୍ତରତ୍ତ୍ୱ କାମନା କରିଛନ୍ତି ।

# ବଜ୍ରାଘାତରେ ମୃତକଙ୍କ ପରିବାରକୁ ବିଧାୟକଙ୍କ ସହାୟତା

**ମହାକାଳପଡ଼ା,୨୪।୨ (ସଂଚାର ବ୍ୟୁରୋ):** ସୁନତି ପଞ୍ଚାୟତର ସାଗର ଜାନାଙ୍କ ପତ୍ନୀ ଅଞ୍ଜନା ମଣ୍ଡଳଙ୍କ ଘଡ ଘଡି ଯୋଗୁ ଅକାଳ ବିୟୋଗ ସୂଚନା ପାଇ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଗଭୀର ଶୋକବ୍ୟକ୍ତ କରିବା ସହିତ ବ୍ୟକ୍ତିଗତ ସହାୟତା କାର୍ଯ୍ୟକର୍ତ୍ତା ମାନଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ



**କେନ୍ଦ୍ରାପଡ଼ା,୨୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧିନ ପୋଖରୀଆପଡା ଗ୍ରାମର ବିଶ୍ୱଜିତ୍ ମଲିକ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୁକ୍ତ ମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ମୁତାବକ ଚଳିତ ମାସ ୧୦ ତାରିଖ ଦିନ ଦ୍ୱିପ୍ରହର ସମୟରେ ତାଙ୍କୁ ସେହି ଗ୍ରାମର କିଛି ବ୍ୟକ୍ତି ଅଶାଳୀନ ବ୍ୟବହାର କରିବା ସହ ଜାତିଗତ ଆକ୍ଷେପ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ବିଶ୍ୱଜିତ୍ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୮/୨୪ ରେ ମାମଲା ରୁଜୁ କରି ହାତବାନ୍ଧି ବସି ଥିବାରୁ ଅଭିଯୁକ୍ତ ମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବିକରି ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ସେହି ସମୟରେ ଦଳିତ ନେତା ନଗେନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ ।

## ବାଘମାରିରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

# ବେଆଇନ ଚିଙ୍ଗୁଡି ଘେରି ଉଜାଡୁଛି ଫସଲ

**ରାଜନଗର,୨୪।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ବାଘମାରି ପଞ୍ଚାୟତରେ ଆଜି କେନ୍ଦ୍ରପଡା ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ୧୧୪ ଟି ଅଭିଯୋଗର ଶୁଣାଣି କରାଯାଇଛି।ଏହି ଅଞ୍ଚଳରେ ଅଧିକ

## ଉଚ୍ଛେଦ ପାଇଁ ଚାଷୀଙ୍କ ଦାବି



ସଂଖ୍ୟାରେ ବେଆଇନ ଚିଙ୍ଗୁଡି ଘେରି ରହିଛି। ଆଜିର ଜନଶୁଣାଣି ଶିବିରରେ ଚାଷୀ ମାନେ ବେଆଇନ ଚିଙ୍ଗୁଡି ଘେରି କିପରି ସୁନାର ଫସଲ ଉଜାଡି ଦେଉଛି ସେ ନେଇ ଅଭିଯୋଗ କରିବା ସହ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଉଦ୍ୟାନ ଗାଁର ସପନ ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କର ନିଜସ୍ୱ ପଟ୍ଟା ଜମିରେ ଧାନ ଚାଷ କରି ପରିବାର ପ୍ରତି ପୋଷଣ କରନ୍ତି। ତାଙ୍କ ଚାଷ ଜମି ପାଖରେ ରବୀନ୍ଦ୍ର ନାଥ ମଣ୍ଡଳ ଚିଙ୍ଗୁଡି ଘେରି କରିଛନ୍ତି।ଚିଙ୍ଗୁଡି ଘେରିର ଲୁଣୀ ପାଣି ଧାନ ବିଲରେ ମାଡି ଯିବାରୁ ଧାନ ଫସଲ ପ୍ରତିବର୍ଷ ନଷ୍ଟ ହେଉଛି। ସେହିପରି ବାଘମାରି ଅରବିନ୍ଦ ପାଳଙ୍କ ଚାଷ ଜମିରେ ତପନ କୁମାର ଦାସଙ୍କ ଚିଙ୍ଗୁଡି ଘେରିର ଲୁଣୀ ପାଣି ମାଡିଯିବାରୁ ତାଙ୍କର ଫସଲ ନଷ୍ଟ ହେଉଛି।ପ୍ରଭାବଶାଳି ଚିଙ୍ଗୁଡି ମାଲିକ ହୋଇଥିବାରୁ ପ୍ରଶାସନ ବୁଝୁନଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଜନଶୁଣାଣି ଶିବିରରେ ଇନ୍ଦିରା ଆବାସ, ଭତ୍ତା ନେଇ ଅଧିକ ଅଭିଯୋଗ ହୋଇଛି।ଅତିରିକ୍ତ ଏସପି, ଏଡିଏମ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଞ୍ଚାଯତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ଭବାନୀ ପାତ୍ର, ସମିତି ସଭ୍ୟା ମନୋରଞ୍ଜନ ମଣ୍ଡଳ, ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ସସ୍ମିତା ସାହୁ ଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**କେନ୍ଦ୍ରାପଡ଼ା,୨୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ୍ ଥାନା ଅଧୀନ ତିନିମୁହାଣୀ ଚଟିପୋଲ ନିକଟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖ କଟକ- ଚାନ୍ଦବାଲି ରାଜପଥରେ ଏକ ହାଇୱା ଧକ୍କାରେ ସୋମବାର ପୂର୍ବାହ୍ନ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନ ମହିପାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳୀ ପୃଷ୍ଟି(୩୨)। ମହିଳା ଜଣକ ନିଜର ୪ ବର୍ଷର ପୁତ୍ର ସହ ସ୍ୱାମୀ କାମାକ୍ଷା ପ୍ରସାଦ ସାହୁଙ୍କ ସହିତ ସ୍କୁଟିରେ ବସି ମହିପାଳରୁ ଗୁଲନଗର ଦଣ୍ଡାମୁଣ୍ଡ ଛକରେ ଥିବା ଏକ ବନ୍ଧୁ ଘରକୁ ଯାଉଥିଲେ। ଏହି ସମୟରେ ଏକ ବାଲି ବୋଝେଇ ହାଇୱା (ନଂ. ଓଡି ୦୪ କେ ୩୦୩୬) ଦୃତଗତିରେ ସ୍କୁଟିକୁ ଓଭରଟେକ୍ କରୁଥିଲା । ଫଳରେ ଟ୍ରକରେ ଘସିହୋଇ ସ୍କୁଟିଟି ନିୟନ୍ତ୍ରଣ ହରାଇଥିଲା ଓ ଶ୍ରଦ୍ଧାଞ୍ଜଳୀ ଟ୍ରକ ଚକା ତଳେ ପଡି ଯାଇଥିଲେ । ଟ୍ରକଟି ଶ୍ରଦ୍ଧାଞ୍ଜଳୀଙ୍କ ମୁଣ୍ଡରେ ଚଢି ଯାଇଥିଲା। ଫଳରେ ଶ୍ରଦ୍ଧାଞ୍ଜଳୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ସେହିପରି ସ୍କୁଟିଟି ତଳେ ପଡିଯିବାରୁ ଶ୍ରଦ୍ଧାଞ୍ଜଳୀଙ୍କ ସ୍ୱାମୀ ଓ ୪ ବର୍ଷର ପୁଅ ମଧ୍ୟ ଆହତ ହୋଇଛନ୍ତି ।

ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଲୋକ ସେଠାରେ ପହଞ୍ଚି ରାସ୍ତାରୋକ କରିଥିଲେ । ଉତ୍ତ୍ୟକ୍ତ ଜନତା ଟ୍ରକ ଚାଳକଙ୍କୁ ଗାଡିରୁ ଘୋଷାରି ଆଣି ମାଡ ମାରିଥିଲେ। ଟ୍ରକ ଚାଳକ ସକାଳୁ ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡିଥିଲା । ଏହାଦ୍ୱାରା ଲୋକେ ଅଧିକ ଉତ୍ତ୍ୟକ୍ତ ହୋଇଥିଲେ। ଲୋକେ ଦାବି କରିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ୍ ବାଲିଘାଟ ଯୋଗୁ ସବୁ ସମୟରେ ବାଲି ଉଠୁଛି । ବଡ଼ ବଡ଼ ଟ୍ରକ ଯୋଗେ ବାଲି ଚାଲାଣ ହେଉଥିବାରୁ ଏହା ଲୋକଙ୍କ ପାଇଁ ଘାତକ ସାଜୁଛି । ପ୍ରଶାସନ ବାଲି ଚାଲାଣ ପ୍ରତି କଠୋର ମନୋଭାବ ପୋଷଣ କରୁ ନଥିବାରୁ ଏହିପରି ଘଟଣା ଘଟୁଛି ବୋଲି ଘଟଣା ସ୍ଥଳରେ ଉପସ୍ଥିତ ଥିବା ଆନ୍ଦୋଳନକାରୀ କହିଥିଲେ। ପାଖାପାଖି ୩ ଘଣ୍ଟା ରାସ୍ତାରୋକ ହୋଇଥିଲା । ଦୁର୍ଘଟଣା ଘଟିବା ପରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ସଦର ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ତହସିଲଦାର ତାପସ ଦେହୁରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମୃତ ମହିଳାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ କ୍ଷତିପୂରଣ ପାଇଁ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଲୋକେ ରାସ୍ତାରୋକରୁ ହଟିଥିଲା। ଦିନ ୨ଟା ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାସହ ଟ୍ରକକୁ ଜବତ କରାଯାଇ ଚାଳକଙ୍କୁ ଅଟକ ରଖାଯାଇଛି । ଏ ନେଇ ଏକ ମାମଲା ରୁଜୁ କରାଯାଇଛି । ଟ୍ରକଟି ପଞ୍ଚୁ ପାଣ୍ଡବ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡିଛି ।



ଉତ୍ତରପ୍ରଦେଶ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବାର ସହ କାଶୀ ବିଶ୍ୱନାଥ ମନ୍ଦିରରେ ଦର୍ଶନ କରିଛନ୍ତି। ଏହା ପୂର୍ବରୁ ସୋମବାର ମୁଖ୍ୟମନ୍ତ୍ରୀ ବୌଦ୍ଧ ପୀଠ ସାରାନାଥ ବୁଲିବା ସହ ଅଯୋଧ୍ୟାରେ ରାମଲଲାଙ୍କ ଦର୍ଶନ କରିଥିଲେ।

# ଡିଜିଟାଲ୍ ଦୁନିଆ ସହ ଯୋଡ଼ିହେବେ ଛାତ୍ରଛାତ୍ରୀ

- ଏସ୍‌ବିଆଇ ସିଏସଆର ପାଣ୍ଠିରେ ନିର୍ମିତ
- ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଭାରତୀୟ ମୂଲ୍ୟବୋଧ ପୁନଃସ୍ଥାପନ ଲକ୍ଷ୍ୟ
- ଅଟଳ ଟିଙ୍କରିଂ ଲ୍ୟାବ୍ ବୈଜ୍ଞାନିକ ମନୋବୃତ୍ତିକୁ ବଢ଼ାଉଛି



**ସମ୍ବଲପୁର,୨୪।୨(ସଂଚାର ବ୍ୟୁରୋ):** ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣା (ଟାଙ୍ଗରପାଲି) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଦଘାଟିତ କମ୍ପ୍ୟୁଟର ଲ୍ୟାବ୍ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ଟେକ୍ନୋଲୋଜି ସହ ଯୋଡ଼ି ସେମାନଙ୍କ ପାଖରେ ଦେଶ ଦୁନିଆର ଖବର ପହଞ୍ଚାଇବା ଦିଗରେ ଏକ ପ୍ରମୁଖ ମାଧ୍ୟମ ହେବ ବୋଲି ଲୋକାର୍ପଣ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସାମାଜିକ ଦାୟିତ୍ୱ ଅନ୍ତର୍ଗତ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ କରି ଲ୍ୟାବ୍ ନିର୍ମିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଏନ୍‌ଇପିର ପରାମର୍ଶ ଅନୁସାରେ ଏହା ଏକ ସାଧୁ ଉଦ୍ୟମ। ଓଡ଼ିଶାର ପୁଞ୍ଜି ଶିକ୍ଷା ଓ ଏହାକୁ ସୁସମୃଦ୍ଧ କରିବାରେ ବିଦ୍ୟା ଭାରତୀ ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏନ୍‌ଇପିରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଭାରତୀୟ ମୂଲ୍ୟବୋଧକୁ ପୁନଃସ୍ଥାପନ ପାଇଁ ପ୍ରୟାସ ହେଉଥିବା ବେଳେ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଏହାକୁ ସଫଳ କରିବା ସହ ବିକଶିତ ଭାରତର ମଙ୍ଗ ଧରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏନ୍‌ପି ପ୍ରଣୟନ କରାଯାଇଛି। ନୂଆପିଢ଼ିକୁ ଭାରତୀୟତା ଆଧାରରେ ଯୋଡ଼ିବା, ଭାରତୀୟ ଭାଷାକୁ ପ୍ରୋତ୍ସାହନ ଓ ଗୁଣାତ୍ମକ ଶିକ୍ଷା ସହ ରୋଜଗାର ଦେବା ଶିକ୍ଷା ନୀତିର ମୂଳ ଲକ୍ଷ୍ୟ। ସେହିପରି ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତିକୁ ବଢାଇବା ଦିଗରେ ବିଭିନ୍ନ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା ହେଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

## ମେରାମଣ୍ଡଳୀ ଟାଟା ଷ୍ଟିଲ କାରଖାନାରେ ଦୁର୍ଘଟଣା, ୧ ମୃତ

**ଢେଙ୍କାନାଳ,୨୪।୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଟାଟା ଷ୍ଟିଲ ମେରାମଣ୍ଡଳୀ କାରଖାନା ପରିସରରେ ଦୁର୍ଘଟଣା । ଜଣେ ଶ୍ରମିକ ମୃତ । ମୃତକ ହେଲେ ଝାଡଖଣ୍ଡ ଜାମତାରା ଜିଲ୍ଲା ନାରାୟଣପୁର ଜିଲ୍ଲାର ଅବଦୁଲ ରାଉପ୍ । ସେ ଟିଏସ୍‌ଏମ୍‌ର ହଟ୍ ଷ୍ଟ୍ରିପ୍ ମିଲରେ କାର୍ଯ୍ୟରତ ଥିଲେ। ୪୨ ବର୍ଷିୟ ଅବଦୁଲ ସବସିଡାରୀ କମ୍ପାନୀ ଟାଟାଷ୍ଟିଲ ଟେକ୍ନିକାଲ ସର୍ଭିସେସ୍ ଲିମିଟେଡର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ।

ଆଜି ସକାଳ ସମୟରେ କାର୍ଯ୍ୟରତ ଥିବାବେଳେ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସର ଘଟଣାର ତଦନ୍ତ ଜାରି ରଖିଛି ।

- ହାଇକୋର୍ଟରେ ପଦ୍ମଶ୍ରୀ ପୁରସ୍କାର ବିବାଦ

## ଆବେଦନକାରୀ ଡାକ୍ତର ମିଶ୍ର ହାଜର

**କଟକ,୨୪।୨(ସଂଚାର ବ୍ୟୁରୋ):** ହାଇକୋର୍ଟରେ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲାରେ ଆଜି ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର ହାଜର ହୋଇଛନ୍ତି। ହାଜର ହେବା ସମୟରେ ଆବେଦନକାରୀ ନିଜର କୃତୀ ହାଇକୋର୍ଟଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ସେ ତାଙ୍କର ୨୯ଟି ପୁସ୍ତକ ବିଚାରପତିଙ୍କୁ ଦେଖାଇଛନ୍ତି। କିନ୍ତୁ ପ୍ରତିପକ୍ଷ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କୋର୍ଟରେ ହାଜର ହୋଇ ନାହାନ୍ତି। ସେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜର କୃତୀ ଦର୍ଶାଇବା ସକାଶେ ଅତିରିକ୍ତ ସମୟ ନେଇଥିବା ଜଣାପଡ଼ିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୮ରେ କରାଯିବ। ତା' ପୂର୍ବରୁ ପ୍ରତିପକ୍ଷ ପଣ୍ଡିତ ମିଶ୍ର ନିଜର ସାହିତ୍ୟ କୃତୀ ଦର୍ଶାଇବା ସକାଶେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ବିଚାରପତି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠରେ ଏହି ମାମଲାର ଆଜି ଶୁଣାଣି ହୋଇଛି । ୨୦୨୩ର ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରୁ ପାଇଥିବା ପଦ୍ମ ପୁରସ୍କାରକୁ ନେଇ ବିବାଦର ବିଚାର କୋର୍ଟରେ ଜାରି ରହିଛି। ଗୋଟିଏ ନାଁରେ ଦୁଇ ଜଣ ବ୍ୟକ୍ତି ପୁରସ୍କାରର ଦାବିଦାର ବୋଲି ଦର୍ଶାଇଛନ୍ତି। ଜଣେ ପୁରସ୍କାର ପାଇବା ପରେ ଅନ୍ୟ ଜଣେ ହକ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଦ୍ମ ପୁରସ୍କାରର ଅସଲ ଦାବିଦାର ବୋଲି ହାଇକୋର୍ଟରେ ଭୁବନେଶ୍ୱରର ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର ଆବେଦନ କରିଥିବା ବେଳେ ପଣ୍ଡିତ ମିଶ୍ରଙ୍କୁ ପଦ୍ମ ପୁରସ୍କାର ମିଳିଛି।

## ମହାକୁମ୍ଭରେବୁଡ଼ ପକାଇଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରେ):** ପବିତ୍ର ତ୍ରିବେଣୀ ସଙ୍ଗମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବୁଡ଼ ପକାଇଛନ୍ତି। ସପ୍ତଲୋକକୁ ସ୍ମରଣ କରି ସେ ୭ ଥର ବୁଡ଼ ପକେଇଛନ୍ତି। ଶରୀର ଭିତରେ ଥିବା ୭ଟି ଚକ୍ର ଏହି ସପ୍ତଲୋକର ପ୍ରତୀକ। ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିବା ସହ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ନିମନ୍ତେ ସେ ପ୍ରାର୍ଥନା କରିଛନ୍ତି। ଗାଁ ଗାଁରେ ପ୍ରଗତିର ଗଙ୍ଗା ବହିବା ସହ ରାଜ୍ୟରେ ଶାନ୍ତି ଓ ଉନ୍ନତି ପାଇଁ କାମନା କରିଛନ୍ତି। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସରେ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ କେବଳ ପବିତ୍ରତମ ନୁହେଁ, ମୁକ୍ତିର ଏକ ପବିତ୍ର ତୀର୍ଥସ୍ଥାନ। ଏହି ପବିତ୍ର ସ୍ନାନ ସମୟରେ ତାଙ୍କ ସାଥୀରେ ସହଧର୍ମିଣୀ ତଥା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଓ କନ୍ୟା ନିଭ୍ରିତି କୁମାରୀ ମେୱାର ଉପସ୍ଥିତ ଥିଲେ।

# କାଶୀପୁର ବ୍ଲକ୍‌କୁ ବେଦାନ୍ତ ଏମ୍‌ଏଚ୍‌ୟୁ ସମ୍ପ୍ରସାରିତ

## ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ମିଳୁଛି ନିରନ୍ତର ସେବା




**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ଆହୁରି ୨୧ଟି ଦୁର୍ଗମ ଗ୍ରାମକୁ ସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚୟୁ) ସେବାକୁ ରାଜ୍ୟର ଆଦିବାସୀବହୁଳ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକକୁ ସମ୍ପ୍ରସାରିତ କରିଛି।

ଏହି ଅବସରରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ର ମୁଖ୍ୟ ଡାକ୍ତର ନେତ୍ରାନନ୍ଦ ନାୟକ କାଶୀପୁର ଅଞ୍ଚଳର ପ୍ରାୟ ୧୦ ହଜାର ଲୋକଙ୍କୁ ଏହାର ଏମ୍‌ଏଚ୍‌ୟୁ ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିବାରୁ ବେଦାନ୍ତକୁ ଧନ୍ୟବାଦ ଦେବା ସହ ଏହା କେବଳ ଚିକିତ୍ସା ସୁବିଧା ବୃଦ୍ଧି କରିବ ନାହିଁ, ବରଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ମଧ୍ୟ ବୃଦ୍ଧି କରିବ। ସେହିପରି ଗୋଷ୍ଠୀ କଲ୍ୟାଣ ପ୍ରତି କମ୍ପାନୀର ସମର୍ପଣ ମନୋଭାବ ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର ଭାବେ ବିବେଚନା କରାଯାଇଆସିଛି। କମ୍ପାନୀ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏମ୍‌ଏଚ୍‌ୟୁ ଏହି ପ୍ରତିବଦ୍ଧତାର ଏକ ପ୍ରମାଣ, ଯାହା ଦେଶର କେତେକ ଅଣସଂରକ୍ଷିତ ଅଞ୍ଚଳରେ ମଧ୍ୟ ଅତ୍ୟାବଶ୍ୟକ ଚିକିତ୍ସା ସେବା ଉପଲବ୍ଧ କରିପାରିଛି। ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି। ସଦ୍ୟ ବ୍ୟବସ୍ଥା ସହ କମ୍ପାନୀ ଇତିମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇପାରିଛି।

ସୂଚନାଯୋଗ୍ୟ ଯେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିର ବିକାଶ ଦିଗରେ ପଦକ୍ଷେପ ନେଇଚାଲିଛି। ଏଥିରେ ସ୍ଥାନୀୟ କର୍ତ୍ତୃପକ୍ଷ ଓ ଗୋଷ୍ଠୀ ଅଂଶୀଦାରମାନେ ସହଯୋଗ କରୁଥିବାରୁ ଏହା ସମାଜକୁ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଉଛି। ବେଦାନ୍ତର ମହତ୍ୱାକାଂକ୍ଷୀ ଏମ୍‌ଏଚ୍‌ୟୁ ଏକ ସ୍ୱତନ୍ତ୍ର ଭ୍ୟାନ୍, ଯେଉଁଥିରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ବିଶେଷଜ୍ଞ ମେଡ଼ିକାଲ ଟେକ୍ନିସିଆନ ଉପଲବ୍ଧ ରହିଛନ୍ତି। ଏହି ସେବାରେ ପ୍ରାଥମିକ ଚିକିତ୍ସା ପରାମର୍ଶ, ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷଣ, ମୌଳିକ ଯାଞ୍ଚ ଏବଂ ସାଧାରଣ ରୋଗ ପାଇଁ ଅତ୍ୟାବଶ୍ୟକ ଔଷଧ ଆଦି ଅନ୍ତର୍ଭୁକ୍ତ ରହିଥିବାବେଳେ ସମସ୍ତ ସେବା ସମ୍ପୂର୍ଣ୍ଣ ଭାବେ ମାଗଣାରେ ପ୍ରଦାନ କରାଯାଉଛି।

## ଏକାମ୍ର ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ମହିଳା ବୁଣାକାର ହେଉଛନ୍ତି ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ ବୋଲି ସ୍ଥାନୀୟ ଏକାମ୍ର ହାଟଠାରେ ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ। ଏଥିରେ ଯୋଗଦେଇ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ମହିଳା ବୁଣାକାରମାନଙ୍କର ଶ୍ରମ ଓ ବୟନଭିତ୍ତିକ ନବସୃଜନ ଓଡ଼ିଶାକୁ ନୂଆ ପରିଚୟ ଦେଇଛି ବୋଲି କହିଛନ୍ତି। ରାଜ୍ୟ ହସ୍ତତନ୍ତପୁଞ୍ଜ ବିକାଶ ସଂସ୍ଥା (ଏସ୍‌ଏଡିଏଚ୍‌ଏସି) ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ। ଏଥର ମୋଟ ୩୩ଟି ଷ୍ଟଲ ଖୋଲାଯାଇଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ବରଗଡ଼, କଟକ, ସୋନପୁର, ଆଠଗଡ଼, ବୌଦ୍ଧ, ବଲାଙ୍ଗିର, ଖୋର୍ଦ୍ଧା, ବାରିପଦା, ବାଲେଶ୍ୱର, ବ୍ରହ୍ମପୁର, ନୟାଗଡ଼, ଢେଙ୍କାନାଳ, କୋରାପୁଟ, ସୁନ୍ଦରଗଡ଼ର ମହିଳା ବୁଣାକାର ଏସ୍‌ଏଚ୍‌ଜି ଯୋଗଦେଇ ସେମାନଙ୍କ ହସ୍ତତନ୍ତ ଉତ୍ପାଦ ଯଥା ଶାଢ଼ି, ପୋଷାକ ସାମଗ୍ରୀ, କପଡ଼ା, ଘର ସାଜସଜ୍ଜା ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ମହିଳା ବୁଣାକାରଙ୍କ ହସ୍ତତନ୍ତ ଉତ୍ପାଦ ମଧ୍ୟରେ ସମ୍ବଲପୁରୀ, ମାଣିଆବନ୍ଧ, ସୋନପୁର ବାନ୍ଧ ଶାଢ଼ି, ବୌଦ୍ଧ, ସୋନପୁର ବମକାଇ ଶାଢ଼ି, କୋରାପୁଟ ଓ ମୟୂରଭଞ୍ଜ ଆଦିବାସୀ ଶାଢ଼ି, ନୂଆପାଟଣା ଓ ବ୍ରହ୍ମପୁର ପାଟଶାଢ଼ି, ଗୋପାଳପୁର ଓ ମାଙ୍କଡିଆ ଟସର ଶାଢ଼ି, ପୋଷାକ ସାମଗ୍ରୀ, କପଡ଼ା, ଘର ସାଜସଜ୍ଜା ଉପକରଣ ଆଦି ପ୍ରମୁଖ। ହସ୍ତତନ୍ତ ଶିଳ୍ପ ପ୍ରୋତ୍ସାହନ ଯୋଜନା (ପିଓଏଚ୍‌ଆଇ) ଅଧୀନରେ ଏହା ଆୟୋଜିତ ହେଉଛି। ଉଦଘାଟନୀ ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା, ଯୁଗ୍ମ ସଚିବ ମମତା ନାୟକ, ରେଶମ ଚାଷର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବୟନଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମାଉଜର ଦେଖାଇ ଦଶ ଲକ୍ଷ ଟଙ୍କା ଲୁଟ୍

**ଅନୁଗୋଳ,୨୪।୨(ସଂଚାର ବ୍ୟୁରୋ):** ମାଉଜର ଦେଖାଇ ଲୁଟିନେଲେ ଦଶ ଲକ୍ଷ ଟଙ୍କା। ଏଭଳି ଅଘଟଣ ଘଟିଛି ଅନୁଗୁଳରେ। ସାକୋଶିଙ୍ଗାର ଶୁଭମ କିଷାନ ସେବା କେନ୍ଦ୍ର ପେଟ୍ରୋଲ ପମ୍ପର ମ୍ୟାନେଜର ବଶିଷ୍ଠ ସାହୁ ଓ କର୍ମଚାରୀ ଚନ୍ଦନ ଗଡ଼ନାୟକ ଟଙ୍କା ନେଇ ଅନୁଗୋଳ ଗାନ୍ଧୀମାର୍ଗ ଏସ୍‌ବିଆଇ ଶାଖାକୁ ଯାଉଥିଲେ। ଏହି ସମୟରେ ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ମାଉଜର ଓ ଭୁଜାଲି ଦେଖାଇ ଦୁର୍ବୃତ୍ତମାନେ ଦଶ ଲକ୍ଷ ଟଙ୍କା ଲୁଟିନେଇ ଥିବା ନେଇ ଅଭିଯୋଗ ହୋଇଛି। ଏଥିରେ ଗୁରୁତର ଭାବେ ଆହତ ହୋଇଛନ୍ତି ମ୍ୟାନେଜର ବଶିଷ୍ଠ ସାହୁ। ଏନେଇ ଅନୁଗୋଳ ଟାଉନ ଥାନାରେ ଏତଲା ହେବା ପରେ ପୋଲିସର ତଦନ୍ତ ଆରମ୍ଭ ହୋଇଛି। ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ମ୍ୟାନେଜର।

- 'କିଷାନ ସମ୍ମାନ ସମାରୋହ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଧାନକିଣା ଧାର୍ଯ୍ୟଲକ୍ଷ୍ୟ ଟପିବା ଡବଲ ଇଞ୍ଜିନ୍‌ର ପ୍ରତିଫଳନ

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ସହାୟତା ରାଶି ପ୍ରଦାନ
- ୧୦୦ କୋଟିରେ ପ୍ରତିଷ୍ଠା ହେବ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର
- ଜିଲ୍ଲାର ୬୧ ହଜାର ଚାଷୀ ପିଏମ୍ କିଷାନ୍‌ରେ ପାଇଛନ୍ତି ୧୨ କୋଟି



**ସମ୍ବଲପୁର,୨୪।୨(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟରୁ ଅଧିକ ଧାନ କିଣାଯାଇଛି, ଯାହା ଡବଲ ଇଞ୍ଜିନ ସରକାରର ଚାଷୀଙ୍କ ପ୍ରତି ଥିବା ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ଆଜି ଏଠାରେ ପିଏମ୍ କିଷାନ ସମ୍ମାନ ନିଧିର ୬ ବର୍ଷ ପୂର୍ତ୍ତି ଅବସରରେ 'କିଷାନ ସମ୍ମାନ ସମାରୋହ'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ଜିଲ୍ଲାର ୧ ଲକ୍ଷ ୨୦ ହଜାର ଚାଷୀ ପିଏମ୍ କିଷାନ୍ ଓ ସିଏମ୍ କିଷାନ୍‌ରେ ୧୨୦ କୋଟି ଟଙ୍କା ପାଇଛନ୍ତି। କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଏମଏସପିରେ ଧାନ ସଂଗ୍ରହ ବାବଦରେ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୩୨ ଲକ୍ଷ କ୍ୱିଣ୍ଟାଲ ଧାନ ପ୍ରାୟ ୯୭୬ କୋଟି ଟଙ୍କାରେ କିଣାଯାଇଛି। ସେଥିରେ କେନ୍ଦ୍ର ସରକାର ୭୨୪ କୋଟି ଓ ରାଜ୍ୟ ସରକାର ୨୫୨ କୋଟି ଟଙ୍କା ମୂଲ୍ୟର ଧାନ କିଣିଛନ୍ତି। ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଧାନ କିଣିଥିବାରୁ କେନ୍ଦ୍ର ମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ପିଏମ୍ କିଷାନ୍‌ର ୧୯ତମ କିସ୍ତିରେ ଦେଶର ୯.୮ କୋଟି ଚାଷୀଙ୍କୁ ପ୍ରାୟ ୨୨ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏଥିରେ ସମ୍ବଲପୁର ଜିଲ୍ଲାର ୬୧ ହଜାର ୨୩୭ ଜଣ ଚାଷୀଙ୍କୁ ପ୍ରାୟ ୧୨ କୋଟି ଟଙ୍କା ମିଳିଛି। ଏହି ଅବସରରେ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ବିଭିନ୍ନ ଚାଷୀଙ୍କୁ ସହାୟତା ରାଶି ମଧ୍ୟ ହସ୍ତାନ୍ତର କରାଯାଇଛି। ସେହିପରି ଜିଲ୍ଲାରେ ୨ ଲକ୍ଷ ୬୦ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ପ୍ରାୟ ୨୬୦ କୋଟି ଟଙ୍କା ଦିଆଯାଇଛି। ମହିଳାମାନଙ୍କୁ ବିନା ସୁଧରେ ୪୨୫ କୋଟିରୁ ଅଧିକ ଟଙ୍କାର ଋଣ ମିଳିଥିବା ବେଳେ ଚାଷୀମାନଙ୍କୁ କମ ସୁଧରେ ପ୍ରାୟ ୫ ହଜାର କୋଟି ଟଙ୍କା ଋଣ ଆକାରରେ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧୧୨ଟି ବର୍ଗରେ ଫସଲ, ଗୋପାଳନ, ମତ୍ସ୍ୟ ଚାଷ ସମେତ ସବୁ ବର୍ଗର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆର୍ଥିକ ରାଶି ପ୍ରଦାନ କରାଯାଉଛି। ସବସିଡି ବି ପ୍ରଦାନ କରାଯାଉଛି । କେନ୍ଦ୍ର ବଜେଟରେ ଡାଲି ଉତ୍ପାଦନରେ ଆତ୍ମନିର୍ଭର ହେବା ସକାଶେ ତୈଳ ଜାତୀୟ ଫସଲକୁ ପ୍ରୋତ୍ସାହନ ଦିଆଯାଉଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ସହଯୋଗରେ ଏଠାରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେବ। ତା'ଛଡ଼ା ଏଠାରେ ଇଏସଆଇ ହସ୍ପିଟାଲ ପ୍ରତିଷ୍ଠା ଯୋଜନା ବି ରହିଛି। ଚିପିଲିମାର କୃଷି ବିଶ୍ୱବିଦ୍ୟାଳୟକୁ ସ୍ୱତନ୍ତ୍ର କୃଷି ବିଦ୍ୟାଳୟରେ ପରିଣତ କରାଯିବା ସହ ଜଙ୍ଗଲଜାତ ଉତ୍ପାଦ ପାଇଁ ଏଗ୍ରୋଫରେଷ୍ଟ୍ରି କୋର୍ସ ଯୋଜନା ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆୟୋଜିତ ମେଳା ବୁଲିବା ସହ ଚାଷୀଙ୍କ କଥା ହୋଇଛନ୍ତି।

# ଆଇଆଇଟି ଭୁବନେଶ୍ୱର-ରାମକୋ ସିମେଣ୍ଟସ୍ ବୁଝାମଣା

## ସ୍ଥାୟୀ ନିର୍ମାଣ ଓ ଜଳବାୟୁ ସ୍ଥିରତା ପାଇଁ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା ହେବ




**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ସ୍ଥାୟୀ ନିର୍ମାଣ ଓ ଜଳବାୟୁ ସ୍ଥିରତା କ୍ଷେତ୍ରରେ ଏକ ଉତ୍କର୍ଷତା କେନ୍ଦ୍ର (ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ) ପ୍ରତିଷ୍ଠା ଉଦ୍ଦେଶ୍ୟରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଓ ରାମକୋ ସିମେଣ୍ଟସ୍ ଲିମିଟେଡ୍ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାମକୋ ସିମେଣ୍ଟସ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇଠାରେ ରହିଥିବା ବେଳେ ଏହା ଓଡ଼ିଶା ସମେତ ଭାରତର ଦକ୍ଷିଣ ଓ ପୂର୍ବାଂଶରେ ବିଭିନ୍ନ ସ୍ଥାନରେ ସମନ୍ୱିତ ସିମେଣ୍ଟ କାରଖାନା, ଗ୍ରାଇଣ୍ଡିଂ ୟୁନିଟ୍ ଓ ନିର୍ମାଣ ରାସାୟନିକ କାରଖାନା ପରିଚାଳନା କରିଆସୁଛି। ଏହି ଉତ୍କର୍ଷତା କେନ୍ଦ୍ରର ନାମ 'ରାମକୋ ସଷ୍ଟେନେବଲ୍ ନିର୍ମାଣ ଓ ଜଳବାୟୁ ସ୍ଥିରତା କେନ୍ଦ୍ର (ରାମସନ)' ରହିବ। ଆଇଆଇଟି ଭୁବନେଶ୍ୱରର ଡିନ୍ (ପୂର୍ବ ଛାତ୍ର ବ୍ୟାପାର ଓ ଅନ୍ତର୍ଜାତୀୟ ସମ୍ପର୍କ) ପ୍ରଫେସର ପ୍ରଶାନ୍ତ ସାହୁ ଓ ରାମକୋ ସିମେଣ୍ଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ) ବାଲାଜୀ କେ. ମୂର୍ତ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ତଥା ଆଇଆଇଟି ଭୁବନେଶ୍ୱରର ଅନ୍ୟାନ୍ୟ କେତେକ ଅଧ୍ୟାପକ ଓ ରାମକୋ ସିମେଣ୍ଟସ୍‌ର ଅଧିକାରୀ ଉପସ୍ଥିତ ଥିଲେ।

ଏହି ବୁଝାମଣାପତ୍ର ଜଳବାୟୁ ସ୍ଥିରତା ଉପରେ ଆଧାରିତ ସ୍ଥାୟୀ ନିର୍ମାଣ ସାମଗ୍ରୀ ଓ କୌଶଳ ସମ୍ବନ୍ଧୀୟ ଉଚ୍ଚମାନର ଗବେଷଣା ପାଇଁ ଲକ୍ଷ୍ୟ ରଖିଛି। ଏହି ଗବେଷଣା ସ୍ଥାୟିତ୍ୱ, ଦକ୍ଷତା ଓ ସ୍ୱତନ୍ତ୍ର ପ୍ରୟୋଗ ପାଇଁ ଉନ୍ନତ ଓ ସ୍ଥାୟୀ କଂକ୍ରିଟ୍ ସମାଧାନର ବିକାଶ ଉପରେ ଧ୍ୟାନ ଦେବ। ଭାରତୀୟ ନିର୍ମାଣ ଶିଳ୍ପର ସ୍ଥାୟୀ ସୂଚକାଙ୍କକୁ ଉନ୍ନତ କରିବା ସକାଶେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ପ୍ରଫେସର କରମଲକର କହିଛନ୍ତି ଯେ ରାମକୋ ସିମେଣ୍ଟସ ସହ ଏହି ସହଯୋଗ ସ୍ଥାୟୀ ଓ ଜଳବାୟୁ-ସ୍ଥାପକ ନିର୍ମାଣ କ୍ଷେତ୍ରରେ ଶିଳ୍ପ-ଶିକ୍ଷା କ୍ଷେତ୍ରରେ ପାରସ୍ପରିକ କ୍ରିୟାରେ ଇକୋସିଷ୍ଟମକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ରାମକୋ ସିମେଣ୍ଟସର ଅଧିକାରୀମାନେ ଆଇଆଇଟି ଭୁବନେଶ୍ୱର ଓ ରାମକୋ ସିମେଣ୍ଟସ ମଧ୍ୟରେ ହୋଇଥିବା ଏହି ବୁଝାମଣାପତ୍ର ସ୍ଥାୟୀ ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଗବେଷଣା ଓ ବିକାଶ କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣିବା ସହ କଂକ୍ରିଟ୍ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ନିର୍ମାଣ କ୍ଷେତ୍ରରେ ନୂତନ ଚିନ୍ତାଧାରା ଆଣିବ ବୋଲି ଆଶା ପ୍ରକାଶ କରିଛନ୍ତି।

ଏହି ବୁଝାମଣା ସ୍ୱାକ୍ଷର ସମୟରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଦିନକର ପାସଲା, ଡକ୍ଟର ଉମେଶ ଚନ୍ଦ୍ର ସାହୁ, ପ୍ରଫେସର ସୁମନ୍ତ ହାଲଦାର ଓ ରାମକୋ ସିମେଣ୍ଟସ୍‌ର ଅନୀଲ କୁମାର ପିଲାଇ, ଚଣ୍ଡି ପ୍ରସାଦ ମହାନ୍ତି ଓ ପ୍ରତୀକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୱାଟକୋକୁ 'ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର'



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜଳ ନିଗମ (ୱାଟକୋ)କୁ ଅଗ୍ରଣୀ ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଓ ମନିଟରିଂ ସିଷ୍ଟମ ପାଇଁ ଏଣ୍ଟରପ୍ରାଇଜ୍ ଆପ୍ଲିକେସନ୍ ବର୍ଗରେ ସମ୍ମାନଜନକ 'ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର ୨୦୨୫'ରେ ସମ୍ମାନିତ କରାଯାଇଛି। ଜାତୀୟସ୍ତରୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ସାର୍ବଜନୀନ ସେବା ପ୍ରଦାନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାରେ ଉତ୍କର୍ଷତାକୁ ଏହା ସ୍ୱୀକୃତି ପ୍ରଦାନ କରିଛି। ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରଯୁକ୍ତିବିଦ୍ୟା ସଭା କାର୍ଯ୍ୟକ୍ରମରେ ୱାଟକୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ୱାଟକୋ ଏମ୍‌ଡି ଗୁରୁଚରଣ ଦାସ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବାଶିଷ ସିଂହ ମଧ୍ୟ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇଁ ଶ୍ରୀମତୀ ପାଢ଼ୀ ଏମ୍‌ଡି ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ୪୦ ହଜାରରୁ ଅଧିକ ଘରଡିହଶୂନ୍ୟ ପରିବାର

**ଭୁବନେଶ୍ୱର,୨୪।୨:** ଓଡ଼ିଶାରେ ଏବେ ବି ୪୦ହଜାରରୁ ଅଧିକ ଘରଡିହଶୂନ୍ୟ ପରିବାର ରହିଛନ୍ତି। ଏମାନଙ୍କୁ ଚିହ୍ନଟ କରାଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଜମିର ପଟ୍ଟା ପ୍ରଦାନ କରାଯାଉଛି। ରାଜ୍ୟର ଗ୍ରାମାଞ୍ଚଳରେ ଥିବା ଘରଡିହଶୂନ୍ୟ ପରିବାରଗୁଡ଼ିକୁ ଚିହ୍ନଟ ପାଇଁ ରାଜ୍ୟ ସରକାର ଗୋଟିଏ ସର୍ଭେ କରିଥିଲେ। ଗତବର୍ଷ ନଭେମ୍ବରରେ ହୋଇଥିବା ଏହି ସର୍ଭେରେ ଜଣାଗଲା ଯେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ମୋଟ୍ ୪୪,୭୪୩ ଘରଡିହଶୂନ୍ୟ ପରିବାର ରହିଛନ୍ତି । ଏହି ତାଲିକାରେ ସବୁଠାରୁ ଅଧିକ ୫୬୪୯ ଘରଡିହଶୂନ୍ୟ ପରିବାର କଳାହାଣ୍ଡି ଜିଲ୍ଲାରେ ରହିଛନ୍ତି । ନିକଟରେ ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଟଙ୍କଧର ତ୍ରିପାଠୀ। କେବଳ କଳାହାଣ୍ଡି ନୁହେଁ, ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ୫୦୯୯ ଜଣ ଘରଡିହଶୂନ୍ୟ ପରିବାର ଚିହ୍ନଟ ହୋଇଛନ୍ତି । ଏହାଛଡା ବରଗଡ ଜିଲ୍ଲାରେ ୩୭୯୮, ଦେବଗଡ ଜିଲ୍ଲାରେ ୩୧୪୯, ସମ୍ବଲପୁରରେ ୨୬୧୭, ସୁନ୍ଦରଗଡରେ ୨୩୧୬, ମାଲକାନଗିରିରେ ୨୨୭୮, ରାୟଗଡାରେ ୨୧୮୪, ବଲାଙ୍ଗିରରେ ୨୦୯୩, ଗଜପତିରେ ୧୯୮୨, କୋରାପୁଟରେ ୧୭୩୩, ଗଞ୍ଜାମରେ ୧୬୩୨, ଢେଙ୍କାନାଳରେ ୧୪୪୩, ମୟୁରଭଞ୍ଜରେ ୧୧୭୯ ଜଣ ଘରଡିହଶୂନ୍ୟ ପରିବାର ରହିଛନ୍ତି । ସବୁଠାରୁ କମ୍ ମାତ୍ର ୯୮ଜଣ ଘରଡିହଶୂନ୍ୟ ପରିବାର କଟକଜିଲ୍ଲାରେ ହିଥିବାବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ଏହି ସଂଖ୍ୟା ୧୨୧ ଏବଂ ପୁରୀରେ ୧୩୦ ରହିଛି ।

ଝାରସୁଗୁଡା ଜିଲ୍ଲାରେ ୫୩୫ ଜଣ ଘରଡିହଶୂନ୍ୟ ପରିବାର ଚିହ୍ନଟ ହୋଇଛନ୍ତି। ତେବେ ଗତ ୧୧ ବର୍ଷ ମଧ୍ୟରେ ଏହି ଜିଲ୍ଲାରେ ୪୦୯୮ ଜଣଙ୍କୁ ଭୂମିହୀନଙ୍କୁ ଜମି ପଟ୍ଟା ଦିଆଯାଇଛି। ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ବସବାସ କରୁଥିବା ଘରଡିହଶୂନ୍ୟ ପରିବାରଗୁଡ଼ିକୁ ଜମିର ସତ୍ତ୍ୱାଧିକାର ପ୍ରଦାନ କରାଯାଉଛି। ଗତ ୧୦ ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାରେ ଥିବା ବିଭିନ୍ନ ପୌରାଞ୍ଚଳରେ ୧୦ ହଜାରରୁ ଅଧିକ ଘରଡିହଶୂନ୍ୟ ପରିବାରକୁ ଜମିର ଏଲଆରସି ଦିଆଯାଇଥିବାବେଳେ ପୁରୀରେ ଏହି ସଂଖ୍ୟା ୭ ହଜାରରୁ ଅଧିକ ରହିଛି। ଉଲ୍ଲେଖନୀୟ ଯେ ଗ୍ରାମାଞ୍ଚଳରେ ନିଜର ଘରଡିହ ଜମି ମାଲିକାନା ନଥିବାରୁ ବହୁ ଲୋକେ ସରକାରୀ ସୁବିଧା ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଭଳି ଯୋଜନାରୁ ବାଦ୍ ପଡୁଛନ୍ତି । ଯେହେତୁ ସେମାନଙ୍କର ଘରଡିହ ନାହିଁ ତେଣୁ ସ୍ଥାନୀୟ ଜନପ୍ରତିନିଧି ଚାହିଁଲେ ମଧ୍ୟ ସେମାନଙ୍କୁ ସରକାରୀ ଯୋଜନାରେ ଘରଟିଏ ଯୋଗାଇ ପାରୁନାହାନ୍ତି । ସେହିଭଳି ଏହି ଗରିବ ଲୋକେ ମଧ୍ୟ ବିଜୁଳି ଓ ପାନୀୟଜଳ ସଂଯୋଗ ସମେତ ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟଟିଏ ପାଇବା ସମ୍ଭବପର ହୋଇପାରୁ ନାହିଁ। ତେଣୁ ସରକାର ଏବେ ଏଭଳି ପରିବାରକୁ ଚିହ୍ନଟ ସହ ଯୁଦ୍ଧକାଳୀନ ଭିତ୍ତିରେ ଘରଡିହ ଜମି ପଟ୍ଟା ଯୋଗାଇବାକୁ ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଇଛି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ ଚେତବିଶାଳତା-ମନକୁ ବିଶାଳ କଲେ ହୃଦୟ ଆପେ ଆପେ ବିାଳ ହୋଇଯାଏ, ଆଉ ହୃଦୟକୁ ବିଶାଳ କଲେ ଆତ୍ମା ଆପେ ଆପେ ବିଶାଳ ହୋଇ ପରମାତ୍ମାଙ୍କ ଚିର ବାସସ୍ଥାନ ହୋଇଯାଏ। ସେତେବେଳେ ସେହି ସାଧାରଣ ମଣିଷ ହିଁ ଇଶ୍ୱର ରୂପେ ବିବେଚିତ ହୁଏ।

SANCHAR
ସଂଚାର



# ଅବିଶ୍ୱାସର ବାତାବରଣ

ଜାତୀୟ ରାଜନୀତିରେ ଏବେ ଦୁଇଟି ମୁଖ୍ୟ ଜାତୀୟ ଦଳର ନେତୃତ୍ୱରେ ଚାଲିଥିବା ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗୋଟିଏ ହେଲା ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ଯାହା ପୂର୍ବରୁ ୟୁପିଏ ନାମରେ ପରିଚିତ ଥିଲା। ଇଣ୍ଡିଆ ବ୍ଲକରେ ବାମପନ୍ଥୀ ମେଣ୍ଟ ସାମିଲ ରହିଛି। ଆଉ କିଛି ଦଳ ଉଭୟ ମେଣ୍ଟରୁ ସମଦୂରତା ବଜାୟ ରଖିଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା କମ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବେର ଶିରୋମଣି ଅକାଳି ଦଳ, ତେଲେଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢ଼ୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ଏକଲା ଚଲୋ ନୀତିରେ ଚାଲିଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ମେଣ୍ଟକୁ ମମତା ହେୟଜ୍ଞାନ କରୁଛନ୍ତି। ସେହିପରି ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେଣ୍ଟ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ୍ୟ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ବୁଝାମଣା ଥିଲେ ମଧ୍ୟ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। କିଛି ମାସ ତଳେ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ବା ମହାୟୁତି ବିପୁଳ ବିଜୟ ହାସଲ କରିଥିଲା। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେଣ୍ଟର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖପାଖରେ ମଧ୍ୟ ନାହାଁନ୍ତି। କେନ୍ଦ୍ରରେ ମଧ୍ୟ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ। ତେଣୁ ସଂଖ୍ୟା ଦୃଷ୍ଟିରୁ କମ ହେଲେ ବି ଶିବସେନା ନେତା ଏକନାଥ ସିନ୍ଦେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ ବାସ୍ତବତା ହେଲା ମହାରାଷ୍ଟ୍ରବାସୀ ବିଜେପି ନେତୃତ୍ୱାଧିନ ଏନଡିଏ ସପକ୍ଷରେ ରାୟ ଦେଇଥିଲେ। ଏକନାଥ ସିନ୍ଦେଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାକୁ ମହାୟୁତି ସପକ୍ଷରେ ଜନମତ ଯାଇନଥିଲା। ବିଜୟରେ ସିନ୍ଦେଙ୍କ ଭୂମିକା ମହତ୍ୱପୂର୍ଣ୍ଣ ଥିଲା ଏକଥାକୁ ଅସ୍ୱୀକାର କରାଯାଇପାରିବନି। କିନ୍ତୁ ମେଣ୍ଟର ବୃହତ୍ତମ ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବାର ଯଥାର୍ଥତା ଥିଲା। ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ମହାରାଷ୍ଟ୍ରରେ ସେ ଜଣେ ଲୋକପ୍ରିୟ ନେତା ଏବଂ ତାଙ୍କ ପୂର୍ବ ମୁଖ୍ୟମନ୍ତ୍ରୀତ୍ୱ ବେଶ ସଫଳ ହୋଇଥିଲା। ସେଥିପାଇଁ ୨୦୧୯ରେ ମହାରାଷ୍ଟ୍ରରେ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା। ଉଦ୍ଧବ ଠାକରେଙ୍କ ଖଳ ବୁଦ୍ଧିରେ ଏନଡିଏ ନିର୍ବାଚନ ଜିତିବା ସତ୍ତ୍ୱେ ସରକାର ଗଠନ କରିପାରିଲାନି ସତ୍ୟ, ମାତ୍ର ଜନମତ ଦେବେନ୍ଦ୍ର ଫଡ଼ନାବିଶଙ୍କ ସପକ୍ଷରେ ଯାଇଥିଲା। ଗତ ନିର୍ବାଚନରେ ମହାୟୁତିର ବିଜୟ ପରେ କିଏ ହେବ ମୁଖ୍ୟମନ୍ତ୍ରୀ, ସେଥିନେଇ ବେଶ କିଛି ଦିନ କସରତ ଚାଲିଲା। ସିନ୍ଦେ କିଛି ଦିନ ନିଜ ଗାଁରେ ଯାଇ ଜ୍ୱର ହୋଇଛି ବୋଲି କହି ଲୁଚିଲେ। ଶେଷରେ ବିବାଦ ତୁଟିଲା ଏବଂ ଫଡ଼ନାବିଶ ହେଲେ ମୁଖ୍ୟମନ୍ତ୍ରୀ। ଅତୀତରେ ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ଥିଲେ, କିନ୍ତୁ ସିନ୍ଦେ ସରକାରରେ ସେ ଉପ-ମୁଖ୍ୟମନ୍ତ୍ରୀ ହେଲେ। ଏବେ ଫଡ଼ନାବିଶ ସରକାରରେ ସିନ୍ଦେ ହୋଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏଥିରେ କିଛି ଅସୁବିଧା ନାହିଁ। ମେଣ୍ଟ ରାଜନୀତିରେ ଏଭଳି କିଛି ସାଲିସ କରିବାକୁ ପଡ଼ିବ। ଏହା ହେଉଛି ମେଣ୍ଟ ଧର୍ମ। ନଚେତ ମେଣ୍ଟ ତିଷ୍ଠିବ ନାହିଁ। ଶିବସେନା ପାଇଁ ବିଜେପି ଅନେକ ତ୍ୟାଗ ସ୍ୱୀକାର କରିଛି। ଏବେ ସିନ୍ଦେଙ୍କ ପାଳି ଋଣ ପରିଶୋଧ କରିବାର। ସରକାର ଗଠନ ପରଠାରୁ ମହାୟୁତିରେ କିଛି ନା କିଛି ବିବାଦ ଲାଗି ରହିଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ସହ ଅଜିତ ପାୱାରଙ୍କ ଏନସିପି ଏବଂ ବିଜେପି ନେତାଙ୍କ ମତାନ୍ତର ଲାଗି ରହିଛି। ଏବେ ସିନ୍ଦେ କହିଛନ୍ତି ଯ, ମହାୟୁତିରେ କୌଣସି ମତଭେଦ ବା ଅଂଶୀଦାର ଦଳ ମଧ୍ୟରେ ବିଭେଦ ନାହିଁ। ତାଙ୍କୁ ଏଭଳି ସ୍ପଷ୍ଟିକରଣ କାହିଁକି ଦେବାକୁ ପଡ଼ିଲା ? ଗଣମାଧ୍ୟମରେ ଏଭଳି କିଛି ଖବର ପ୍ରକାଶ ପାଇବା ପରେ ସେ ଏହାର ସ୍ପଷ୍ଟିକରଣ ଦେଇଛନ୍ତି। ନିଆଁ ନଥିଲେ ଧୁଆଁ ବାହାରେ ନାହିଁ। ମହାୟୁତିରେ କିଛି ନା କିଛି ଆଭ୍ୟନ୍ତରୀଣ ବିବାଦ ନିଶ୍ଚିତ ଭାବେ ରହିଛି। ଆଶା ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏଥିରେ ହସ୍ତକ୍ଷେପ କରିବେ ଏବଂ ବିବାଦର ସମାଧାନ ଶୀଘ୍ର ହୋଇଯିବ। ଏନଡିଏରେ ସିନ୍ଦେଙ୍କୁ ଯଥେଷ୍ଟ ସମ୍ମାନ ଏବଂ ସ୍ୱୀକୃତି ମିଳିଛି। ତାଙ୍କୁ କେହି ଅବମାନନା କରୁନାହାଁନ୍ତି। ତଥାପି ସେ କାହିଁକି ଅସନ୍ତୁଷ୍ଟ ରହୁଛନ୍ତି ତାହା ବିସ୍ମୟଜନକ। ଫଡ଼ନାବିଶ ସରକାର ଶିବସେନାର ସମର୍ଥନ ଉପରେ ନିର୍ଭର କରୁନି। ମେଣ୍ଟରୁ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓହରିଗଲେ ମଧ୍ୟ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ସଂଖ୍ୟା ରହିଛି। ତେଣୁ ସରକାର ପ୍ରତି ବିପଦ ନାହିଁ। କିନ୍ତୁ ମେଣ୍ଟରୁ ଏକ ପ୍ରମୁଖ ଅଂଶୀଦାର ଦଳ ଓହରିଯିବା ଦ୍ୱାରା ମହାୟୁତିର ବିଶ୍ୱସନୀୟତା ପ୍ରତି ଆଞ୍ଚ ଆସିବ। ଲୋକେ ଯେଉଁ ଭରସାରେ ମହାୟୁତି ସପକ୍ଷରେ ରାୟ ଦେଇଥିଲେ ତାହା ତୁଟିଯିବ। ଏହା ଜନତାଙ୍କ ପ୍ରତି ଧୋକା ହେବ। ଅତୀତରେ ଉଦ୍ଧବ ଠାକରେ ଯେଉଁ ଭୁଲ କରିଥିଲେ, ସିନ୍ଦେ ସେହି ଭୁଲର ପୁନରାବୃତ୍ତି କରିବେ ନାହିଁ ବୋଲି ବିଶ୍ୱାସ। ତାଙ୍କ ଦଳର ଏତେ ସଂଖ୍ୟାରେ ବିଧାୟକ ଜିତିଛନ୍ତି କେବଳ ମେଣ୍ଟ ସପକ୍ଷରେ ରାୟ ଯୋଗୁଁ। ଏହାକୁ ସେ ଭୁଲିଯିବା ଅନୁଚିତ। ମହାୟୁତିରେ ବିଭେଦ କଂଗ୍ରେସ ନେତୃତ୍ୱାଧିନ ଏମଭିଏ ପାଇଁ ପୁନର୍ବାର ସୁଯୋଗ ସୃଷ୍ଟି କରିପାରେ। ତେଣୁ ବିଭେଦ ତୁଟାଇବାକୁ ଫଡ଼ନାବିଶଙ୍କ ସହ ଅମିତ ଶାହା ଏବଂ ଜେ ପି ନଡ୍ଡା ତୁରନ୍ତ ପ୍ରୟାସ କରିବା ଉଚିତ। ଯଦି ମହାୟୁତି ସୁଦୃଢ଼ ରହିବ ତେବେ ଏମଭିଏ ଦୁର୍ବଳ ହେବ। ନଚେତ ଏମଭିଏ କ୍ଷମତାକୁ ଫେରିବାକୁ ଅଧିକ ସମୟ ଲାଗିବ ନାହିଁ। ଦେବେନ୍ଦ୍ର ଫଡ଼ନାବିଶ ଜଣେ ଦକ୍ଷ ଏବଂ ପରିପକ୍ୱ ନେତା। ସେ ସବୁ କଥା ସମ୍ଭାଳି ନେବେ ବୋଲି ବିଶ୍ୱାସ।

# ଦିଲ୍ଲୀ ସିଂହାସନ ଓ ମହିଳା ମୁଖ୍ୟମନ୍ତ୍ରୀ



**କିଶୋର ଚନ୍ଦ୍ର ବେହେରା**

ବିଶ୍ୱର ସର୍ବବୃହତମ ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଦେଶ ଭାରତ। ଦେଶର ମୋଟ୍ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଂଶ ହେଉଛନ୍ତି ମହିଳା। ଦେଶର ପ୍ରଗତି ନିମନ୍ତେ ମହିଳାମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭାବେ ସଶକ୍ତିକରଣ କରିବାରେ ଭାରତ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ସାମଗ୍ରିକ ବିକାଶ ପାଇଁ ମହିଳାମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ପ୍ରୟୋଜନ ରହିଛି। ସମାଜରେ ନିଜକୁ ସୁରକ୍ଷିତ ମଣୁଥିବା ନାରୀଟିଏ ନିଜକୁ ଆତ୍ମନିର୍ଭରଶୀଳ କରିବା ସହିତ ସମାଜର ପ୍ରଗତିର ଯୋଗଦାନ କରିପାରିବ। ବିଧାନ ସଭା ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହସାଲ କରିବା ପରେ ପ୍ରତ୍ୟେକ ରାଜନୈତିକ ଦଳ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଗାଦିରେ ବସିବା ପାଇଁ ପ୍ରଚେଷ୍ଟା ଜାରି ରଖିଥାନ୍ତି। ସେ ରାଜ୍ୟ ହେଉ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ହେଉ ନିଜ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଜନହିତକର ପଦକ୍ଷେପ ନେବା ସହ ସମସ୍ତ ଯୋଜନାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରିଥାନ୍ତି। ପ୍ରଥମ ମୁଖ୍ୟମନ୍ତ୍ରୀ ଭାରତୀୟ ଜାତୀୟ କଂଗ୍ରେସ ଦଳର ବ୍ରହ୍ମ ପ୍ରକାଶଙ୍କ ଠାରୁ ଆରମ୍ଭ କରି ସଂପ୍ରତି ଭାଜପା ଦଳର ରେଖା ଗୁପ୍ତାଙ୍କ ପର୍ଯ୍ୟନ୍ତ ସର୍ବମୋଟ ୯ଜଣ ଦିଲ୍ଲୀ ବାସିଙ୍କ ଦିଲ୍ ଜିତିବା ସହିତ "ଦିଲ୍ଲୀ ଦରବାରକୁ" ସମ୍ଭାଳି ଛନ୍ତି। ଏହି କ୍ରମରେ ଦିଲ୍ଲୀରେ ମହିଳା ମୁଖ୍ୟମନ୍ତ୍ରୀ। ପୂର୍ବ ସରକାରରେ ଜଣେ ମହିଳାଙ୍କ ହାତରେ ଆପ୍ ମୁଖ୍ୟମନ୍ତ୍ରୀ ଭାର ଦେଇଥିବା ବେଳେ ନୂଆ ସରକାର ଆସିବା ପରେ ବି ଜଣେ ମହିଳାଙ୍କ ଉପରେ ପୁନଶ୍ଚ ଭରସା କରିଛି ଭାରତୀୟ ଜନତା ପାର୍ଟି। ଅରବିନ୍ଦ କେଜ୍ରିୱାଲଙ୍କ ପରେ ଆମ୍ ଆଦମୀ ସରକାରରେ ଆତିଶୀ ମାର୍ଲେନା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିବା ବେଳେ ଏବେ ବିଜେପି ସରକାରରେ ବି ମହିଳା ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତାଙ୍କୁ ମନୋନୀତ କରିଛି। ତେବେ ଦିଲ୍ଲୀରେ ୪ର୍ଥ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି ରେଖା ଗୁପ୍ତା। ପୂର୍ବରୁ ସୁଷମା ସ୍ୱରାଜ, ଶୀଲା ଦୀକ୍ଷିତ, ଆତିଶୀ ମାର୍ଲେନା ଥିବା ବେଳେ ଏବେ ଦିଲ୍ଲୀର ଦାୟିତ୍ୱ ରେଖା ଗୁପ୍ତାଙ୍କ କାନ୍ଧରେ। ତେବେ ଏହି ୪ ମହିଳା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ଶୀଲା ଦୀକ୍ଷିତ ୧୫ ବର୍ଷ ୨୫ ଦିନ ନିରବଚ୍ଛିନ୍ନ ଭାବେ ଦିଲ୍ଲୀର ଗାଦି ସମ୍ଭାଳିଛନ୍ତି।

ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେଉଛନ୍ତି ସୁଷମା ସ୍ୱରାଜ। ରାଜ୍ୟର ଯଦିଓ ୫ମ ମୁଖ୍ୟମନ୍ତ୍ରୀ ମାତ୍ର ମହିଳା ଭାବେ ସେ ପ୍ରଥମ। ସୁଷମା ସ୍ୱରାଜ ମାତ୍ର ୫୨ ଦିନ ପାଇଁ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳିଥିଲେ। ୧୨ ଅକ୍ଟୋବର ୧୯୯୮ରୁ ୩ ଡିସେମ୍ବର ୧୯୯୮ ମାତ୍ର ୫୨ ଦିନ ଯାଏଁ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ସୁଷମା। ଷଷ୍ଠ ଓ ଦିତୀୟ ମହିଳା ମୁଖ୍ୟମନ୍ତ୍ରୀ ସବୁଠୁ ଦୀର୍ଘତମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀର ଶାସନ ଭାର ସମ୍ଭାଳିଥିଲେ ଶୀଲା ଦୀକ୍ଷିତ। କଂଗ୍ରେସ ସରକାରରେ ଶୀଲା ୧୫ ବର୍ଷ ୨୫ ଦିନ ଦିଲ୍ଲୀର ଦାୟିତ୍ୱ ନେଇଥିଲେ। ୩ ଡିସେମ୍ବର ୧୯୯୮ରୁ ୨୮ ଡିସେମ୍ବର ୨୦୧୩ ଯାଏଁ ସେ କ୍ରମାଗତ ତିନି ଥର ଦିଲ୍ଲୀର ମହିଳା ମୁଖ୍ୟମନ୍ତ୍ରୀ ଭାବେ ଶାସନ ଗାଦିରେ ବସିଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ପରେ ଆତିଶୀ ମାର୍ଲେନାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲା ଆମ୍ ଆଦମୀ ପାର୍ଟି। ଆଉ ଆତିଶୀ ହୋଇଥିଲେ ଦିଲ୍ଲୀର ଅଷ୍ଟମ ଓ ୩ୟ ମହିଳା ମୁଖ୍ୟମନ୍ତ୍ରୀ। ଆତିଶୀ ୧୫୨ ଦିନ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଭାର ସମ୍ଭାଳିଥିଲେ। ୨୧ ସେପ୍ଟେମ୍ବର ୨୦୨୪ରୁ ୨୦ ଫେବୃୟାରୀ ୨୦୨୫ ଯାଏଁ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଗାଦି ସମ୍ଭାଳିଛନ୍ତି। ଦିଲ୍ଲୀର ନବମ ଓ ୪ର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ସାମ୍ନାକୁ ଆସିଛନ୍ତି ବିଜେପିର ରେଖା ଗୁପ୍ତା। ବିଜେପି ଦିଲ୍ଲୀରେ ୨୭ ବର୍ଷ ପରେ ସରକାର ଗଢ଼ିଥିବା ବେଳେ ରେଖା ଗୁପ୍ତା ସୁଷମା ସ୍ୱରାଜଙ୍କ ପରେ ଭାରତୀୟ ଜନତା ପାର୍ଟିର ମହିଳା ମୁଖ୍ୟମନ୍ତ୍ରୀ। ୨୦ ଫେବୃୟାରୀ ୨୦୨୫ରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି। ରେଖାଙ୍କ ସରକାର ଆସନ୍ତା ମାର୍ଚ୍ଚ ୮ ତାରିଖରେ ପାଳନ କରିବାକୁ ଯାଉଛି ଅନ୍ତର୍ଜାତୀୟ ମହିଳା ଦିବସ ଉକ୍ତ ଦିବସରେ ମହିଳାମାନଙ୍କୁ ସଶକ୍ତିକରଣ କରିବା ନିମନ୍ତେ ପ୍ରତ୍ୟେକ ରାଜ୍ୟ ଭଳି ମହିଳାମାନଙ୍କୁ ଆର୍ଥିକ ସହାୟତା ରାଶିକୁ ୨୫୦୦ ଟଙ୍କା ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଦିଲ୍ଲୀରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା।ଏନେଇ କ୍ୟାବିନେଟ ବୈଠକରେ ମଞ୍ଜୁରୀ ଦିଆଯାଇଛି। କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି। ପ୍ରଥମ ବିଧାନସଭା ଅଧିବେଶନରେ ଆସିବ ୧୪ଟି ଲେଖା ପରୀକ୍ଷା ପ୍ରତିବେଦନ ବା ସିଏଜି ରିପୋର୍ଟ। ଗତ ସରକାର ଉପସ୍ଥାପନ କରି ନଥିବା ୧୪ଟି ସିଏଜି ରିପୋର୍ଟ ଆଗତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଏହି ଚାରି ମହିଳା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଯଥାକ୍ରମେ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ପଞ୍ଜାବରାଜ୍ୟର ହୋଇଥିଲା ବେଳେ ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା ପଞ୍ଜାବୀ ରାଜପୁତ ପରିବାରର ବିଶିଷ୍ଟ ଗବେଷକ ଏବଂ ଶିକ୍ଷାବିତ୍ ପ୍ରବୀଣ ସିଂଙ୍କୁ ବିବାହ କରିଛନ୍ତି ଏବଂ ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଜନ୍ମ ୧୯୭୪ ଜୁଲାଇ ୧୯ ତାରିଖରେ ହରିୟାଣାର ଜୁଲାନାରେ। ସୁଷମା ସ୍ୱରାଜଙ୍କ ରାଜନୈତିକ କ୍ଷେତ୍ରରେ ଅପୂର୍ବ ସଫଳତା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ଦ୍ୱିତୀୟ ମହିଳା ଭାବେ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପାର୍ଲାମେଣ୍ଟକୁ ସେ ୭ ଥର ଓ ବିଧାନସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ସୁପ୍ରିମକୋର୍ଟର ପୂର୍ବତନ ଓକିଲ ସୁଷମା ମାତ୍ର ୨୫ ବର୍ଷ ବୟସରେ ଦେଶର ସର୍ବକନିଷ୍ଠ କ୍ୟାବିନେଟ ମନ୍ତ୍ରୀ (ହରିୟାଣା) ହେବାର କୀର୍ତ୍ତି ଅର୍ଜନ କରିଥିଲେ। ଦିଲ୍ଲୀର ୫ମ ମୁଖ୍ୟମନ୍ତ୍ରୀଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ମଧ୍ୟପ୍ରଦେଶର ବିଦିଶା ଆସନରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ଶୀଲା ଦୀକ୍ଷିତ ଲଗାତାର ୩ ଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ସମୟରେ ଦିଲ୍ଲୀରେ ମେଟ୍ରୋ ଟ୍ରେନ ଚାଲିବା ସହ ଅନେକ ଭିତ୍ତିଭୂମି ବିକାଶ କାର୍ଯ୍ୟ ହୋଇଥିଲା। ତାଙ୍କ ନିଯୁକ୍ତିକୁ ଅଜୟ ମାକେନ ସ୍ୱାଗତ କରି କହିଛନ୍ତି, ଯେ ସିଲାଙ୍କ ନେତୃତ୍ୱରେ କଂଗ୍ରେସ ଆଗାମୀ ନିର୍ବାଚନରେ ବିଜେପି ଓ ଆପକୁ କଡ ଟକ୍କର ଦେବ। ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ ୩ଥର ଅର୍ଥାତ ୧୫ ବର୍ଷ କାଳ ସେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିଲେ। ଆମ୍ ଆଦମୀ ପାର୍ଟି (ଆପ୍)ର ବରିଷ୍ଠ ନେତ୍ରୀ ଆତିଶୀ ମାର୍ଲେନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ସହିତ ୨୦୧୫ରୁ ୨୦୧୮ପର୍ଯ୍ୟନ୍ତ ଦିଲ୍ଲୀର ଉପ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀ ମନୀଷ ସିସୋଡିଆଙ୍କ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। କାଲକାଜୀ ବିଧାୟକ ଅତିଶୀ ମଧ୍ୟ ଆମ ଆଦମୀ ପାର୍ଟିର ରାଜନୈତିକ ବ୍ୟାପାର କମିଟି କିମ୍ବା ପିଏସିର ସଦସ୍ୟ ଅଟନ୍ତି। ସେ ୨୦୧୯ ଲୋକ ସଭା ନିର୍ବାଚନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଭାଜପା ନେତା ଗୌତମ ଗମ୍ଭୀରଙ୍କଠାରୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଛାତ୍ର ରାଜନୀତି, ଏବିଭିପି, ଆଉ ଆରଏସଏସ୍ ସହ ଜଡ଼ିତ ଥିବା ରେଖା ଗୁପ୍ତାଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହେଇଥିଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତରେ ଥିବା ଦୌଲତ ରାମ ମହାବିଦ୍ୟାଳୟ। ଯେଉଁଠି ସେ ଏବିଭିପିରେ ପ୍ରଥମ କରି ସାମିଲ ହେଇଥିଲେ। ୧୯୯୬-୯୭ ମସିହାରେ ରେଖା ନିର୍ବାଚିତ ହୁଅନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି। ଯେଉଁଠି ସେ ଛାତ୍ରଙ୍କ ସହ ଜଡ଼ିତ ଅନେକ ମୁଦ୍ଦାକୁ ଉଠାଇବା ସହ, ପରବର୍ତ୍ତୀ ମୁହୂର୍ତ୍ତରେ ବନିଯାଆନ୍ତି, ବିଜେପି ଯୁବ ମୋର୍ଚ୍ଚାର ବଡ଼ ଚେହେରା। ୨୦୦୪ -୦୬ ପର୍ଯ୍ୟନ୍ତ ସେ ବିଜେପିର ରାଷ୍ଟ୍ରୀୟ ସଚିବ ରୁହନ୍ତି, ଆଉ ୨୦୦୭ରେ ଉତ୍ତର ପୀତମପୁରା ଆସନରୁ ପାର୍ଷଦ ଭାବେ ନିର୍ବାଚନ ଜିତନ୍ତି।ଦିନେ ଏମିତି ମଞ୍ଚରେ ଭାଷଣ ଦେଉଥିଲେ, ହେଲେ କିଏ ବା ଜାଣିଥିଲା, ମୁଖ୍ୟମନ୍ତ୍ରୀ ଚେୟାର ତାଙ୍କୁ ଅପେକ୍ଷା କରି ବସିଛି। ଛାତ୍ର ରାଜନୀତିରୁ ଆରମ୍ଭ ହୋଇଥିବା କ୍ୟାରିୟର ଆଜି ପହଞ୍ଚିଛି ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ‘ମଧୁରେଣ ସମାପୟେତ୍’

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



‘ଶରୀରମ୍ ବ୍ୟାଧି ମନ୍ଦିରମ୍’ ଅର୍ଥାତ୍ ଆମ ଶରୀର ହେଉଛି ରୋଗର ଆଶ୍ରୟସ୍ଥଳୀ। କିନ୍ତୁ କୌଣସି ମନୁଷ୍ୟ ଏହି ରୋଗ ରୂପକ ଆଶ୍ରୟ ପ୍ରାର୍ଥୀକୁ ତାର ଶରୀରରେ ଆଶ୍ରୟ ଗ୍ରହଣ କରିବା ନିମିତ୍ତ ସ୍ୱାଗତ କରିନଥାଏ। ବିଶେଷଜ୍ଞଙ୍କ ମତ ଅନୁଯାୟୀ ଅଧିକାଂଶ ଔଷଧ ହେଉଛି ଉପଯୁକ୍ତ ଆହାରର ଏକ ସୂକ୍ଷ୍ମ ସଂସ୍କରଣ ମାତ୍ର ଏହାର ଅର୍ଥ ମନୁଷ୍ୟ ତାର ଖାଦ୍ୟକୁ ଯଦି ଯଥାର୍ଥ ଉପଯୁକ୍ତ ଭାବରେ ଚୟନ ଓ ନିୟନ୍ତ୍ରଣ କରେ ତାର ଶରୀରରେ ବ୍ୟାଧି ପ୍ରବେଶ କରିପାରିବ ନାହିଁ। କିମ୍ବା ପ୍ରବେଶ କରିଥିବା ବ୍ୟାଧି ଅନେକ ସମୟରେ ପଳାୟନ କରିଥାଏ। ଅନେକ ମଧ୍ୟ ଏହି ମତରେ ଏକ ମତ ହୁଅନ୍ତି ଯେ ଜଣେ ଉପଯୁକ୍ତ ଓ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ମାତ୍ରାରୁ ପୁଷ୍ଟିକାରକ ଖାଦ୍ୟ ଖାଇଲେ ତାଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ହୋଇଥାଏ। ତେବେ ଇନ୍ଦ୍ରିୟ ଆଶ୍ରୟୀ ମନୁଷ୍ୟମାନେ ସର୍ବଦା ବେଶ ସ୍ୱାଦକର ଖାଦ୍ୟର ସନ୍ଧାନ କରୁଥିବାବେଳେ ବଜାରରେ ଅନେକ କ୍ଷତିକାରକ ଉପାଦାନ ବିଶିଷ୍ଟ ଖାଦ୍ୟ ମଧ୍ୟ ଭରପୁର ରହିଛି। ଏହି ବଜାରରେ ଉପଲବ୍ଧ ଖାଦ୍ୟରେ ସ୍ୱାଭାବିକ ଭାବରେ ଲୁଣ ଠାରୁ ଚିନି, ମସଲା ଠାରୁ ଚର୍ବି ଆଦି ଭଳି ଭଳି ସ୍ୱାଦ ବର୍ଦ୍ଧକ ଉପାଦାନ ମଧ୍ୟ ବିପଦ ସୀମା କରିଥାଏ।

ଆମେ ଭାରତୀୟମାନେ ‘ମଧୁରେଣ ସମାପୟେତ୍’ ଉକ୍ତିଟିକୁ ନେଇ ବୋଧହୁଏ ଟିକେ ଅଧିକ ଆବେଗ ପ୍ରବଣ। ସେଥିପାଇଁ ତ ଜୀବନର ଛୋଟ ଛୋଟ ଖୁସିର ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ବେଳେ ମିଠା ଖୋଜିଥାଉ। କିନ୍ତୁ ସବୁବେଳେ ‘କୁଛ ମିଠା ହୋ ଯାଏ...’ ମଧୁର ପରିଣାମ ଦେଇନଥାଏ। ନିର୍ଦ୍ଧାରିତ ମାତ୍ରା ଠାରୁ ଅଧିକ ମିଠା ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ କ୍ଷତିକାରକ। ତେବେ ଆଜିର ସମୟରେ ଶିଶୁ ଖାଦ୍ୟଠୁ ଆରମ୍ଭ କରି ସ୍ୱାସ୍ଥ୍ୟକର ପାନୀୟ, ସୁଗାର ଫ୍ରି ବୋଲି ଲେଖା ହୋଇଥିବା ଅନେକ ଖାଦ୍ୟରେ ଅତିରିକ୍ତ ମିଠା ମିଶୁଛି ବୋଲି ଆନ୍ତର୍ଜାତିକ ଖାଦ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକ ଅଭିଯୋଗ କରୁଛନ୍ତି।

ଶିଶୁଖାଦ୍ୟରେ ମାତ୍ରାଧିକ ମିଠା! ଜୀବନର ଗୁଣାତ୍ମକ ମାନ ବୃଦ୍ଧି କରିବା ଏବଂ ସୁସ୍ଥ ଭବିଷ୍ୟତ ଗଢ଼ି ତୋଳିବାରେ ଯୋଗଦାନ କରିବା। ଏହି ଆପ୍ତବାକ୍ୟ ଉପରେ ସଦାସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଏବେ ଏହାର ଶିଶୁ ଖାଦ୍ୟକୁ ନେଇ ବିତର୍କିତ ହୋଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଛି। କାରଣ ଭାରତରେ ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ହେଉଥିବା ଶିଶୁ ଖାଦ୍ୟରେ ଅତିରିକ୍ତ ପରିମାଣରେ ଚିନି ଶର୍କରା ମିଶୁ ଥିବାରୁ ଅଭିଯୋଗ ରହୁଥିବା ବେଳେ ମାତ୍ର ବିଟ୍ରେନ, ସ୍ୱିଜରଲାଣ୍ଡ, ଜର୍ମାନି ଭଳି ୟୁରୋପୀୟ ଦେଶଗୁଡ଼ିକରେ ସେହି ସମାନ ଶିଶୁ ଖାଦ୍ୟ ଚିନି ମିଶି ନଥାଏ। ଏଭଳି ଦାବି କରିଚି ବ୍ରିଟିଶ ସଂସ୍ଥା ‘ପବ୍ଲିକ ଆଇ’। ଏହି ରିପୋର୍ଟ ପ୍ରକାଶ୍ୟକୁ ଆସିବା ପରେ ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ସଂସ୍ଥା ସଜାଗ ହୋଇପଡ଼ିଛି। ତେବେ ଗଣମାଧ୍ୟମର ଖବର ଅନୁଯାୟୀ ଉକ୍ତ ବହୁ ରାଷ୍ଟ୍ରୀୟ କମ୍ପାନୀ ପକ୍ଷରୁ ସଫେଇ ଦିଆଯାଇଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ତାଙ୍କ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଶିଶୁ ଖାଦ୍ୟରୁ ଚିନିର ମାତ୍ରା ପ୍ରାୟ ୩୦ ପ୍ରତିଶତ କମ କରାଯାଇଛି। କିନ୍ତୁ ‘ପବ୍ଲିକ ଆଇ’ ପ୍ରସ୍ତୁତ କରିଥିବା ରିପୋର୍ଟ ଦର୍ଶାଉଛି ଭାରତରେ ପ୍ରତ୍ୟେକ ଶିଶୁ ଖାଦ୍ୟରେ ପ୍ରତି ସର୍ଭିଂରେ ୨.୭ ଗ୍ରାମ ଚିନି ମିଶୁଛି। ଦୁନିଆର ବିଭିନ୍ନ ଦେଶରେ ଉପଲବ୍ଧ ଶିଶୁ ଖାଦ୍ୟ ଉପରେ ଯାଞ୍ଚ କରୁଥିବା ବ୍ରିଟିଶ ସଂସ୍ଥା। ‘ପବ୍ଲିକ ଆଇ’ ଏବଂ ଇଣ୍ଟରନ୍ୟାସନାଲ ବେବି ଫୁଡ୍ ଆକ୍ସନ ନେଟୱର୍କ ତରଫରୁ ଆଫ୍ରିକା ଏସିଆ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକର ମୁଖ୍ୟ ବଜାରଗୁଡ଼ିକରେ ବିକ୍ରି ହେଉଥିବା ସେହି କମ୍ପାନୀର ୧୧୫ଟି ଉତ୍ପାଦର ଯାଞ୍ଚ କରାଯାଇଥିଲା। ଯାହା ତଥ୍ୟ ମିଳିଲା ସେଥିରେ ୧୦୮ଟି ଉତ୍ପାଦରେ ଅତିରିକ୍ତ ଚିନି ମିଶିଥିବାର ଜଣାପଡ଼ିଥିଲା। ଅତିରିକ୍ତ ଚିନିର ମାତ୍ରା ହରାହାରି ଭାବେ ପ୍ରତି ସର୍ଭିଂରେ ୪ ଗ୍ରାମ। ସେହିପରି ଫିଲିପାଇନ୍ସରେ ଉପଲବ୍ଧ ଶିଶୁ ଖାଦ୍ୟରେ ସବୁଠାରୁ ଅଧିକ ଅତିରିକ୍ତ ଚିନି ପ୍ରତି ସର୍ଭିଂରେ ୭.୩ ଗ୍ରାମ ମିଶିଥିବାର ଜାଣିବାକୁ ମିଳିଛି। ଏହି ଉତ୍ପାଦ ଛଅମାସର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆରେ ପ୍ରତି ସର୍ଭିଂରେ ୬.୮ ଗ୍ରାମ, ସେନେଗାଲରେ ପ୍ରତି ସର୍ଭିଂରେ ୫.୯ ଗ୍ରାମ, ଇଥିଓପିଆରେ ପ୍ରତି ସର୍ଭିଂରେ ୫.୨ ଗ୍ରାମ, ଦକ୍ଷିଣ ଆଫ୍ରିକାରେ ପ୍ରତି ସର୍ଭିଂରେ ୪.୨ ଗ୍ରାମ ଚିନି ମିଶୁଛି ବୋଲି ପବ୍ଲିକ ଆଇ ଜଣାଇଛି। ଭାରତରେ ଏହିମାତ୍ରା ପ୍ରତି ସର୍ଭିଂରେ ୨.୭ ଗ୍ରାମ। ପବ୍ଲିକ ଆଇର ରିପୋର୍ଟ ଅନୁସାରେ ଭାରତରେ ଚିନିର ମାତ୍ରା ପ୍ୟାକେଜିଂରେ ଉଲ୍ଲେଖ ଥିବା ବେଳେ ଆଫ୍ରିକୀୟ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକରେ ଏହି ତଥ୍ୟ ନଥାଏ।

ଏହି ନିୟନ୍ତ୍ରଣ ଉଦ୍ୟମର ଅନ୍ୟ ଏକ ଅଂଶ ସ୍ୱରୂପ ଅଜ୍ଞ ଖାଉଟି ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଖାଦ୍ୟପଦାର୍ଥର ଖୋଳ ଉପରେ ସେଥିରେ ଥିବା ସମସ୍ତ ଉପାଦାନ ମାନଙ୍କର ସଠିକ ବିବରଣୀ ମଧ୍ୟ ଛାପିବା ବାଧ୍ୟତାମୂଳକ ହୋଇଥାଏ। କିନ୍ତୁ ଯଦି ଏହି ଛାପା ହୋଇଥିବା ସୂଚନା ଶଠତାପୂର୍ଣ୍ଣ ହୋଇଥାଏ, ତେବେ ବିଭ୍ରାନ୍ତ ଖାଉଟିମାନେ ସେମାନଙ୍କର ଅଜାଣତରେ ସ୍ୱାସ୍ଥ୍ୟହାନିକାରକ ଖାଦ୍ୟ ଖାଇ ରୋଗକୁ ନିମନ୍ତ୍ରଣ କରିଚାଲିବେ। ଏହି ସମ୍ଭାବନାକୁ ପ୍ରତିହତ କରିବା ନିମିତ୍ତ ଆମ ଦେଶରେ ଇଣ୍ଡିଆନ କାଉନସିଲ ଅଫ ମେଡ଼ିକାଲ ରିସର୍ଚ୍ଚ ଏବେ କେତେକ ନିର୍ଦ୍ଦେଶାବଳୀ ଜାରି କରିଛି। ସେଥିରେ ମଧୁମେହ ସଚେତନ ଖାଉଟି ତଥା ମେଦ ସଚେତନ ଖାଉଟିମାନଙ୍କର ପ୍ରିୟ କେତେକ ତଥାକଥିତ ସୁଗାର ଫ୍ରି ଖାଦ୍ୟପଦାର୍ଥରେ ଚର୍ବି, ରିଫାଇନଡ ଶସ୍ୟ ଓ ଏପରିକି ଚୋରା ଚିନି ମଧ୍ୟ ଉପସ୍ଥିତ ଥିବା ଦର୍ଶାଯାଇଛି। ସେହିପରି ଫଳରସ ପ୍ୟାକେଜରେ ମାତ୍ର ପ୍ରାୟ ଦଶ ଶତାଂଶ ଫଳରସ ହୋଇଥିବାବେଳେ ବାକି ହୋଇଥାଏ ଶର୍କରା ଓ ଅନ୍ୟାନ୍ୟ ଉପାଦନମାନ ବୋଲି ସେଥିରେ ଦର୍ଶାଯାଇଛି। ସେଥିରେ କୁହାଯାଇଛିଯେ ନାଚୁରାଲ, ହୋଲଗ୍ରେନ ଓ ଅର୍ଗାନିକ ବୋଲି ଦାବି କରାଯାଉଥିବା ଖାଦ୍ୟ ପଦାର୍ଥ ଆଦୌ ସେଭଳି ହୋଇନଥାଇ ପରେ। ଆଇସିଏମଆର ମଧ୍ୟ ଖାଦ୍ୟ ପଦାର୍ଥ ପ୍ୟାକେଜ ଉପରେ ଛାପା ହୋଇଥିବା ଲୋ କ୍ୟାଲୋରୀ କିମ୍ବା ହାଇଫାଇବର ଆଦି ଦାବିକୁ ଅନିର୍ଦ୍ଦିଷ୍ଟ ଓ ଭିତ୍ତିହୀନ ବୋଲି ଅଗ୍ରାହ୍ୟ କରିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ମାର୍ଗଦର୍ଶିକାର ତଥ୍ୟ ଅନୁଯାୟୀ ଉଦାହରଣରେ ସ୍ପଷ୍ଟ କରାଯାଇଛି ଯେ ଏକ ଚାମଚ କେଚପ୍‌ରେ ପ୍ରାୟ ଚାରି ଗ୍ରାମ (ଯାହାକି ଏକ ଚାମଚ) ଚିନି ଥାଏ। ସେହିପରି ମୃଦୁ ପାନୀୟର ଗୋଟିଏ କ୍ୟାନରେ ପ୍ରାୟ ୪୦ଗ୍ରାମ (ଯାହାକି ୧୦ ଚାମଚ) ପର୍ଯ୍ୟନ୍ତ ଚିନି ରହିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ପରୀକ୍ଷାରୁ ଜାଣିବାକୁ ମିଳିଛି ଯେ ଚିନି, ମୃଦୁପାନୀୟ ଓ ମିଠା ଜାତୀୟ ଖାଦ୍ୟ ଅଧିକ ଖାଉଥିବା ପିଲାଙ୍କ ଭିତରେ ମେଦବହୁଳତା ହେବାର ଆଶଙ୍କା ମିଠା ଅଳ୍ପ ଖାଉଥିବା ବା ଆଦୌ ମିଠା ଖାଉନଥିବା ପିଲାଙ୍କ ତୁଳନାରେ କେଇ ଗୁଣ ଅଧିକ। ସହିପରି ବିଶ୍ୱସ୍ତରୀୟ ‘ଲାନସେଟ’ ପତ୍ରିକାର ଏକ ସନ୍ଦର୍ଭରେ ଉଲ୍ଲେଖ ରହିଛି ଯେ ଭାରତରେ ୧୦କୋଟିରୁ ଅଧିକ ଲୋକ ଦେଶର ମୋଟ ଜନସଂଖ୍ୟାର ୧୧.୪ ପ୍ରତିଶତ ମଧୁମେହରେ ଆକ୍ରାନ୍ତ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୧୩ କୋଟି ୬୦ ଲକ୍ଷ ଭାରତୀୟ ପ୍ରି-ଡାଇବେଟିସରେ ପ୍ରଭାବିତ। ସେହିଭଳି ବର୍ତ୍ତମାନ ଯଦିଓ ବର୍ଷାଦିନ ତେଣୁ ମୃଦୁ ପାନୟର ବଜାର କମ ରହିବ କିନ୍ତୁ ଅନେକ ମୃଦୁ ପାନୀୟରେ ମିଶୁଥିବା ଆର୍ଟିଫିସିଆଲ ସୁଗାର ବା କୃତ୍ରିମ ମିଠା କାର୍ସିନୋଜେନିକ ହୋଇଥାଏ। ଯାହା ଶରୀରରେ କ୍ୟାନସ ସୃଷ୍ଟିକାରୀ କୋଷିକା ବଢ଼ାଇଥାଏ। ବଜାରରେ ସାଧାରଣ ବର୍ଗର ଓ ଅନ୍ୟଟି ସୁଗାର ଫ୍ରି ବା ଡାଏଟ କୋକ ବର୍ଗର ମିଳୁଛି। ତେବେ କେତେ ପାନୀୟରେ ଆସପାର୍ଟେମ୍ ନାମକ ଏକ ପ୍ରକାର ଆର୍ଟିଫିସିଆଲ ସ୍ୱିଟନର ବା କୃତ୍ରିମ ମିଠାର ମାତ୍ରା ରହୁଛି। ଏହି କୃତ୍ରିମ ମିଠାଠି ହେଉଛି କାର୍ସିନୋଜେନିକ ଯାହା ମଧ୍ୟ କ୍ୟାନସରର ଅନ୍ୟତମ କାରଣ। କେତେକ ସୁଗାର ଫ୍ରି ଚୁଇଗମ ମଧ୍ୟ କୃତ୍ରିମ ମିଠା ଉପରେ ନିର୍ଭରଶୀଳ। କିଛିଦିନ ତଳେ ପଞ୍ଜାବରେ ଜଣେ ଝିଅ ନିଜ ଜନ୍ମଦିନ ପାଳନ ପରେ କେକ ଖାଇ ଅସୁସ୍ଥ ହୋଇପଡ଼ିଥିଲେ ଓ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାର କାରଣ କେକରେ ଏକ ପ୍ରକାର ସାକାରିନ ମିଶିଥିଲା ଯାହାକି ତାଙ୍କର ମୃତ୍ୟୁର କାରଣ ପାଲଟିଥିଲା।

ମୂଲ୍ୟବାନ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ କୌଣସି ପ୍ରକାର କମ୍ପ୍ରୋମାଇଜ କରିବା କଥା ନୁହେଁ। ପାଟି ଲାଳସା ଲୋଭରେ ଆମେ ଅନେକ ବିଷାକ୍ତ ଜାଣି ମଧ୍ୟ ଓ ଖାଦ୍ୟକୁ ପ୍ରଭାବିତ କରିବାର ଭୂମିକା ରହିଛି ବୋଲି ଜାଣି ମଧ୍ୟ ଅନେକ ଖାଦ୍ୟପାନୀୟ ଗ୍ରହଣ କରୁଛୁ। ସୂଚନା ପ୍ରଯୁକ୍ତିର ହାତପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଫୋନ ଏପରି ଜଣେ ବିଶ୍ୱସ୍ତ ବନ୍ଧୁ ପାଲଟିଛି ଯେ ଦୁଇପାଦ ଯାତ୍ରା କରି ବନ୍ଧୁ ସଙ୍ଗୋଳିବାକୁ ସମୟ ମଧ୍ୟ ରହୁନି। କର୍ମବ୍ୟସ୍ତ, ଧାଁଧାଉଡ଼ ତ ରହିବ। ତେବେ ଜୀବନ ଆନନ୍ଦ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖାଦ୍ୟ ବିଚାର। ଖାଦ୍ୟରେ ଅତ୍ୟଧିକ ପରିମାଣର ଯେ କୌଣସି ମାତ୍ରା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୋଇଥାଏ। ଖାଦ୍ୟ ପ୍ରସ୍ତୁତିରେ ପାରମ୍ପରିକ ଖାଦ୍ୟର ଭୂମିକା କମିଯାଉଛି। ସମୟ ବଦଳିବା ସହିତ ମଣିଷର ଖାଦ୍ୟ ରୁଚିରେ ଆସିଛି ଯଥେଷ୍ଟ ପରିବର୍ତ୍ତନ। ଲୋକମାନେ ଆଗଭଳି ପାରମ୍ପରିକ ଖାଦ୍ୟ ପ୍ରତି ବିଶେଷ ଆଗ୍ରହ ଦେଖାଉନାହାଁନ୍ତି କିନ୍ତୁ ସେହି ଖାଦ୍ୟଟି ଯେତେବେଳେ ନୂଆ ନାଁ, ରୂପ ଓ ଆଧୁନିକ ଶୈଳୀରେ ପ୍ରସ୍ତୁତ ହେଉଛି ଲୋକ ଏହାକୁ ବେଶ ଆଗ୍ରହର ସହିତ ଖାଉଛନ୍ତି। ଘରୋଇ ପ୍ରସ୍ତୁତ ସାତ୍ତ୍ୱିକ ଭାବନାର ଖାଦ୍ୟର ଗୁରୁତ୍ୱ ରହିଛି। କିନ୍ତୁ ଅନେକ ପାରମ୍ପରିକ ଖାଦ୍ୟ ଏବେ ବି ଅପାସୋରା। ସେ ସବୁ ଖାଦ୍ୟ ଦିନେ ପେଟ ଓ ମନ ଉଭୟକୁ ସନ୍ତୁଷ୍ଟ କରିପାରୁଥିଲା। କିନ୍ତୁ ସେହି ପାରମ୍ପରିକ ଖାଦ୍ୟ, ଆଧୁନିକ ରୂପ, ରଙ୍ଗ ଓ ସ୍ୱାଦରେ ପରଷା ଗଲେବି ସେଥିରୁ ମିଳୁନି ସେହି ଭଲପାଇବା ଓ ଆତ୍ମୀୟତାର ବାସ୍ନା। ପରିବର୍ତ୍ତିତ ଜୀବନଶୈଳୀରେ ମଧ୍ୟ ଖାଦ୍ୟର ନାଁ ସ୍ୱାଦ ଓ ପ୍ରସ୍ତୁତି ପ୍ରଣାଳୀ ଢ଼େର ବଦଳିଯାଉଛି। ତେଣୁ ଖାଦ୍ୟ ଚିନ୍ତନରେ ସୁଷମ ଓ ସାତ୍ତ୍ୱିକ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ଗୁରୁ ହିଁ ଭଗବାନ

**ଦେବଦତ୍ତ ବିଶ୍ୱାଳ**

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା ? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ୍ୟ ପାଇବା ପାଇଁ ଆମ ମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭ ମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧ୍ୟାତ୍ମିକ ଆଲୋଚନାଟି ‘ଗୁରୁ ହିଁ ଭଗବାନ’ ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି। ଆମ ମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା। ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଇବା ତାଙ୍କର ସେବା କରିବା ଏବଂ ତାଙ୍କରି ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା। ଆମ୍ଭେମାନେ ଭୁଲିଯିବା ଅନୁଚିତ ଯେ ଆମ୍ଭ ମାନଙ୍କ ସାମ୍ନାରେ ଅନନ୍ତ ଆକାଶ ନିଜର କର୍ମ, ନିଜର ନିଷ୍ପତ୍ତି ଓ ତାହାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରିବା। ବିପଦ ସାମ୍ନାରେ ଛିଡ଼ା ହୋଇ କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଶ୍ୱାସୀ ନ ହୋଇ ଆନନ୍ଦ ଉଲ୍ଲସିତ ବିଜୟର ନିଆରା ଅନୁଭୂତି ଅନୁଭବ କରିବା। ବିଷାଦ ଓ ଚିନ୍ତାର ସମୟ ନଷ୍ଟ କରି ତୁରନ୍ତ ସତକର୍ମରେ ମନ ନିବେଶ କରିବା ଓ ସଠିକ ଭାବରେ ଜୀବନ ନିର୍ବାହ କରିବା। ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆମ୍ଭେମାନେ ମୁକାବିଲା କରି ପାରିବା। କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦ ଗ୍ରସ୍ତ ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ ‘କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ପରନ୍ତପ।’

**ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ**
**ମୋବାଇଲ୍: ୯୮୬୧୯୪୪୫୯୪**

# ବାଂଲାଦେଶରେ ଏୟାରଫୋର୍ସ ବେସ୍‌ରେ ହମଲା

## ଜଣେ ମୃତ ; ସେନାର ତ୍ୱରିତ କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ,୨୪।୨ :** ପଡୋଶୀ ଦେଶ ବାଂଲାଦେଶର କାକ୍ସ ବଜାର ଜିଲ୍ଲାରେ ବାୟୁ ସେନା ବେସ୍‌ରେ କିଛି ଦୁର୍ବୃତ୍ତ ହମଲା କରିଛନ୍ତି, ଯେଉଁଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ବାଂଲାଦେଶର ସେନା ଏହା ସ୍ପଷ୍ଟ କରିଛି ଯେ, ସୋମବାର କାକ୍ସ ବଜାର ଜିଲ୍ଲାରେ ବାୟୁସେନା ବେସ୍‌ରେ ହୋଇଥିବା ହମଲାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ସୂତ୍ରାନୁସାରେ, ମୃତକ ଜଣଙ୍କ ୩୦ ବର୍ଷିୟ ସ୍ଥାନୀୟ ବ୍ୟବସାୟୀ ଶିହାବ କବୀର। ଯାହାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା କୁହାଯାଉଛି। ବାଂଲାଦେଶରେ ମହମ୍ମଦ ୟୁନିସଙ୍କ ଶାସନ ସମ୍ଭାଳିବା ପରେ ଏହା ପ୍ରଥମ ଏମିତି ହମଲା। ସେନା ବାୟୁସେନା ବେସ୍‌ରେ ମାମଲାକୁ ସମ୍ଭାଳିଛି। ବାଂଲାଦେଶ ସଶସ୍ତ୍ର ବାହିନୀଙ୍କର ଜନସଂପର୍କ ବିଭାଗ, ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସପିଆର) ଏକ ସଂକ୍ଷିପ୍ତ ବୟାନରେ କହିଛି, କାକ୍ସ ବଜାର ବାୟୁସେନା ବେସ୍ ନିକଟରେ ସମିତି ପାରାର କିଛି ଅପରାଧୀମାନେ କାକ୍ସ ବଜାର ସ୍ଥିତ ବାୟୁସେନା ବେସ୍‌ରେ ହମଲା କରିଛନ୍ତି। ବାଂଲାଦେଶ ବାୟୁସେନା ଏହି ସମ୍ବନ୍ଧରେ ଆବଶ୍ୟକ ପଦକ୍ଷେପ ନେଉଛି। ସୂଚନା ଅନୁସାରେ, ଏହି ହମଲା ଏକ ଭୂମି ବିବାଦର କିଛି ଘଣ୍ଟା ପରେ ହୋଇଛି, ଯେଉଁଥି ପାଇଁ ବାୟୁସେନା କର୍ମି ଓ ସ୍ଥାନୀୟ ନିବାସୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଟିବିଏସ ନ୍ୟୁଜ୍ ରିପୋର୍ଟରେ କୁହାଯାଇଛି ଯେ, କାକ୍ସ ବଜାରର ଡେପୁଟୀ କମିଶନର ମହମ୍ମଦ ସଲାହୁଦ୍ଦିନ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସୋମବାର ଦ୍ୱିପ୍ରହରରେ ସ୍ଥାନୀୟ ଲୋକ ଓ ବାୟୁସେନାର ଯବାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଲାହୁଦ୍ଦିନ ଆହୁରି କହିଛନ୍ତି ଯେ, ଏହି ଝଗଡ଼ାର କାରଣର ଯାଞ୍ଚ ଦୁଇ ପକ୍ଷଙ୍କ ସହ କଥାବାର୍ତ୍ତା ମାଧ୍ୟମରେ କରାଯିବ ଏବଂ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। କହି ରଖୁଛୁ କି , ଏହା ସେହି ଅଞ୍ଚଳ,ଯେଉଁଠି ଲକ୍ଷ ଲକ୍ଷ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶ ସ୍ଥାନ ଦେଇଛି। ଏକ ରିପୋର୍ଟ ମୁତାବିକ , ୧୦ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ଶରଣାର୍ଥୀ ବାଂଲାଦେଶର କାକ୍ସ ବଜାର ଜିଲ୍ଲାର ଅଲଗା ଅଲଗା ଶିବିରରେ ରହୁଛନ୍ତି। ସ୍ଥାନୀୟ ଅଧିକାରୀଙ୍କ ମୁତାବିକ , ଝଗଡ଼ାର ଆରମ୍ଭ ଏକ ଜମି ବିବାଦରୁ ହୋଇଛି। ଏହାପରେ ଉଭୟ ପକ୍ଷଙ୍କର ମଧ୍ୟରେ ହିଂସାକାଣ୍ଡ ବଢ଼ିଥିଲା। ସ୍ଥାନୀୟ ଲୋକେ ସେନା ଯବାନଙ୍କ ଉପରେ ପଥର ମାଡ଼ କରିବା ଆରମ୍ଭ କରି ଥିଲେ। ସେନାର ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କଲେ, ଯେଉଁଥିରେ ଉଭୟ ପକ୍ଷର ଲୋକେ ଆହତ ହୋଇଛନ୍ତି।

# ସବୁ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ଜରୁରୀ ନୁହେଁ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୨୪।୨:** ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହେଉଥିବା ସବୁ ମାମଲାରେ ପ୍ରାଥମିକ ତଦନ୍ତ ବାଧ୍ୟତାମୂଳକ ନୁହେଁ। ଏପରି କି ପ୍ରାଥମିକ ତଦନ୍ତ ଅଭିଯୁକ୍ତଙ୍କ ନ୍ୟସ୍ତ ଅଧିକାର ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୨୦୨୪ ମାର୍ଚ୍ଚରେ କର୍ନାଟକ ହାଇକୋର୍ଟ ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ଏକ ଦୁର୍ନୀତି ମାମଲାରେ ଲୋକାୟୁକ୍ତ ପୋଲିସର ଏଫ୍‌ଆଇଆର୍‌କୁ ରଦ୍ଦ କରି ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ରାଜ୍ୟ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ କର୍ନାଟକ ସରକାରଙ୍କ ଆବେଦନର ଶୁଣାଣି କରି ନିକଟରେ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରାଥମିକ ତଦନ୍ତର ଉଦ୍ଦେଶ୍ୟ ମିଳିଥିବା ତଥ୍ୟର ସତ୍ୟତା ଯାଞ୍ଚ କରିବା ନୁହେଁ, ବରଂ ଯେଉଁ ତଥ୍ୟ ହସ୍ତଗତ ହୋଇଛି, ସେଥିରୁ ଏହା ଧର୍ତ୍ତବ୍ୟ ଅପରାଧ କି ନୁହେଁ ତାହା ସ୍ଥିର କରିବା। ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହୋଇଥିବା କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ମାମଲାରେ ପ୍ରାଥମିକ ତଦନ୍ତର ଆବଶ୍ୟକତା ରହିଥାଏ। କିନ୍ତୁ ସବୁ କ୍ଷେତ୍ରରେ ମାମଲା ରୁଜୁ ପୂର୍ବରୁ ପ୍ରାଥମିକ ତଦନ୍ତ କରାଯିବା ଏକ ବାଧ୍ୟତାମୂଳକ ଆବଶ୍ୟକତା ନୁହେଁ। ଖଣ୍ଡପୀଠ ଆହୁରି କହିଛନ୍ତି, ଯଦି ଜଣେ ବରିଷ୍ଠ ଅଧିକାରୀଙ୍କ ନିକଟରେ ସୂଚନା ସମ୍ବଳିତ ବିସ୍ତୃତ ରିପୋର୍ଟର ଉତ୍ସ ଉପଲବ୍ଧ ରହିଥାଏ ଏବଂ ସେହି ତଥ୍ୟକୁ ଭିତ୍ତିକରି ଅନ୍ୟ ଜଣେ ଅଧିକାରୀଙ୍କୁ ଦୁର୍ନୀତିଜନିତ ଧର୍ତ୍ତବ୍ୟ ଅପରାଧରେ ଅଭିଯୁକ୍ତ କରାଯାଇପାରିବ, ସେହି ସ୍ଥଳେ ପ୍ରାଥମିକ ତଦନ୍ତକୁ ଏଡ଼ାଇ ଦିଆଯାଇପାରେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆଲୋଚ୍ୟ ମାମଲାରେ ସରକାରୀ ଅଧିକାରୀ ଜଣକଙ୍କ ନିକଟରେ ଅଜ୍ଞାତ ସୂତ୍ରରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ଏହାର ସମସ୍ତ ଦିଗକୁ ଅନୁଧ୍ୟାନ କରି କହିଛନ୍ତି, ଦୁର୍ନୀତି ନିର୍ବାରଣ ଆଇନ ଅଧୀନରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ପୂର୍ବରୁ ପ୍ରାଥମିକ ତଦନ୍ତର ଆବଶ୍ୟକତା ନ ଥିଲା। ଏଠାରେ ଇନ୍‌ଫର୍ମେଶନ୍ ରିପୋର୍ଟକୁ ପ୍ରାଥମିକ ତଦନ୍ତର ବିକଳ୍ପ ଭାବେ ଗ୍ରହଣ କରାଯାଇପାରିବ। ୨୦୨୩ ଡିସେମ୍ବର ୪ରେ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଭୁଲ୍ ଦର୍ଶାଇବା ସହ ଏହି ଆଇନର ଧାରା ୧୭ (ତଦନ୍ତ ପାଇଁ ଅଧିକୃତ ବ୍ୟକ୍ତିଙ୍କ କ୍ଷମତା)ର ଉଲ୍ଲଂଘନ ଜଣେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା କରାଯାଇଥିବା କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପଞ୍ଜୀକୃତ ଏଫ୍‌ଆଇଆର୍‌କୁ ଖଣ୍ଡପୀଠ ବଳବତ୍ତର ରଖିବା ସହ ହାଇକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି।

# ଫ୍ରାନ୍ସର ରୁଷୀୟ ବାଣିଜ୍ୟ ଦୂତାବାସରେ ବିସ୍ଫୋରଣ

**ନୂଆଦିଲ୍ଲୀ,୨୪।୨:** ଫ୍ରାନ୍ସର ମାର୍ସେଲରେ ଥିବା ରୁଷ ବାଣିଜ୍ୟ ଦୂତାବାସରେ ଆଜି (ସୋମବାର) ଏକ ବିସ୍ଫୋରଣ ଘଟିଛି। ଏହାକୁ ନେଇ ରୁଷ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜଖାରୋଭା କହିଛନ୍ତି ଯେ, ଏହା ଏକ ଆତଙ୍କବାଦୀ ଆକ୍ରମଣ ପରି ମନେ ହେଉଛି। ବିସ୍ଫୋରଣ ସ୍ଥାନରେ ପ୍ରାୟ ୩୦ ଜଣ ଅଗ୍ନିଶମ କର୍ମଚାରୀ ପହଞ୍ଚିଛନ୍ତି। ଏହି ସମୟରେ ରୁଷୀୟ ସମାଚାର ଏଜେନ୍ସି ତାସ୍, ଫ୍ରାନ୍ସର ବିଏଫଏମ୍‌ଟିଭି ର ଏକ ରିପୋର୍ଟକୁ ଉଦ୍ଧୃତ କରି କହିଛି ଯେ, ଏହି ଘଟଣାରେ କୌଣସି ମୃତାହତର ଖବର ନାହିଁ। ତାସ୍ ଏକ ପତ୍ରିକା ରିପୋର୍ଟକୁ ଉଦ୍ଧୃତ କରି କହିଛି ଯେ, ଅଜ୍ଞାତ ବ୍ୟକ୍ତି ମାନେ ବାଣିଜ୍ୟ ଦୂତାବାସର ବଗିଚାରେ ଦୁଇଟି ପେଟ୍ରୋଲ ବୋମା ଫିଙ୍ଗିଛନ୍ତି। ଘଟଣାସ୍ଥଳ ନିକଟରେ ଏକ ଚୋରି କାର ମଧ୍ୟ ମିଳିଛି। ପୂର୍ବରୁ ଫ୍ରାନ୍ସରେ ମଧ୍ୟ ଛୁରୀ ଆକ୍ରମଣର ଏକ ମାମଲା ରିପୋର୍ଟ ହୋଇଥିଲା, ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା ଏବଂ ତିନି ଜଣ ଆହତ ହୋଇଥିଲେ। ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଆକ୍ରମଣକୁ ଇସଲାମିକ ଆତଙ୍କବାଦ ବୋଲି ବର୍ଣ୍ଣନା କରିଛନ୍ତି। ଜର୍ମାନ ସୀମା ନିକଟବର୍ତ୍ତୀ ମୁଲହାଉସରେ ଘଟିଥିବା ଏହି ଘଟଣାରେ ଜଣେ ପର୍ତ୍ତୁଗୀଜ୍ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ସାତ ଜଣ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି।

# ମହାକୁମ୍ଭରେ ବୁଡ଼ ପକାଇଲେ ଖିଲାଡ଼ି ନଂ,୧



**ପ୍ରୟାଗରାଜର,୨୪।୨:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ପବିତ୍ର ବୁଡ଼ ପକାଇବା ପାଇଁ ଲୋକଙ୍କ ଭିଡ଼ କମିବାର ନାଁ ନେଉନାହିଁ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ ନେତା ଏବଂ ଅଭିନେତା ମହାକୁମ୍ଭର ପବିତ୍ର ସଙ୍ଗମରେ ବୁଡ଼ ପକାଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବଲିଉଡ ଅଭିନେତା ତଥା ଖିଲାଡି ଷ୍ଟାର ଅକ୍ଷୟ କୁମାର ପ୍ରୟାଗରାଜରେ ପହଞ୍ଚି ପବିତ୍ର ସଙ୍ଗମରେ ବୁଡ଼ ପକାଇଛନ୍ତି। ମହାକୁମ୍ଭରେ ହୋଇଥିବା ବ୍ୟବସ୍ଥା ପାଇଁ ସେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଙ୍ଗମରେ ବୁଡ଼ ପକାଇବା ପରେ, ଅକ୍ଷୟ କୁମାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହା ପ୍ରକୃତରେ ଭଲ ଲାଗିଲା। ମହାକୁମ୍ଭରେ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ମହାକୁମ୍ଭକୁ ସମସ୍ତ ବଡ଼ ବଡ଼ ଲୋକ ଆସୁଛନ୍ତି ଏବଂ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ବହୁତ ଭଲ ହୋଇଛି। ଏନେଇ ସେ ସମସ୍ତ କର୍ମଚାରୀ ଏବଂ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି। ଅକ୍ଷୟ କୁମାର ଏକ ଧଳା କୁର୍ତ୍ତା-ପାଇଜାମା ପିନ୍ଧି ମେଳାକୁ ଆସିଥିଲେ। ଅକ୍ଷୟଙ୍କ ଠିକିଏ ଏକ ଝଲକ ପାଇବା ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହେଲେ କଡ଼ା ସୁରକ୍ଷା ମଧରେ ଅକ୍ଷୟ ସଙ୍ଗମରେ ପହଞ୍ଚି ବୁଡ଼ ପକାଇଥିଲେ।

# ଅଟୋକୁ ଧକ୍କା ଦେଲା ଟ୍ରକ, ୭ ମୃତ, ଅନେକ ଗୁରୁତର



**ପାଟନା,୨୪।୨:** ବିହାର ପାଟନାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଛି। ଦୁର୍ଘଟଣାରେ ୭ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ କେତେକ ଆହତ ହୋଇଛନ୍ତି। ବିହାରର ରାଜଧାନୀ ପାଟନା ମସୌର୍ହିର ନୋରା ବ୍ରିଜ ଉପରେ ଏକ ଟ୍ରକ ଓ ଟେମ୍ପୋ ମଧ୍ୟରେ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଛି । ଏଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି । ସ୍ଥାନୀୟ ଏସଡିପିଓଙ୍କ ସୂଚନା ଅନୁସାରେ, ପାଟନା ମସୌର୍ହିର ନୁରା ବ୍ରିଜ ଉପରେ ଏକ ଟ୍ରକ ଓ ଟେମ୍ପୋ ଧକ୍କା ହୋଇଥିଲା । ଏଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଅଟୋ ଓ ଟ୍ରକ ବ୍ରିଜ ତଳକୁ ଖସି ପଡିଥିଲା । ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକ ପହଞ୍ଚି ପୋଲିସକୁ ଖବର ଦେଇଥିଲେ । ଅଟୋରେ ଥିବା ସମସ୍ତେ ଶ୍ରମିକ ହୋଇଥିବା ଜଣାପଡିଛି । ଦୁର୍ଘଟଣାର କାରଣ ଜଣାପଡିନାହିଁ । ମୃତ ୭ ଜଣଙ୍କର ପରିଚୟ ମିଳି ପାରିନାହିଁ । ଅଟୋରେ ୧୨ରରୁ ଅଧିକ ଲୋକ ଥିଲେ। ଏମାନେ କାମ କରି ଘରକୁ ଫେରୁଥିଲେ । ସୂଚନାଯୋଗ୍ୟ, ଦିଲ୍ଲୀରୁ ଜମ୍ମୁ କଟରା ଯାଉଥିବା ଏକ ଯାତ୍ରୀବାହୀ ବସ୍ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତୀର୍ଥଯାତ୍ରୀ ବସ୍‌ଟି ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ହଠାତ୍ ବସଟି ଭାରସାମ୍ୟ ହରାଇ ଖସିପଡିଥିଲା । ଏହି ବସରେ ୧୯ଜଣ ଯାତ୍ରୀ ଯାତ୍ରା କରୁଥିଲେ । ଘଟଣାରେ ୧୭ ଜଣ ଆହତ ହୋଇଥିଲେ । ଦୁର୍ଘଟଣା ଜମ୍ମୁ ବସ୍ ଷ୍ଟାଣ୍ଡ ଠାରୁ ୮ କିମି ଦୂର ମାଣ୍ଡା ନିକଟରେ ହୋଇଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିଥିଲେ । ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# ଟ୍ରମ୍ପ-ପୁଟିନଙ୍କ ନିବିଡ଼ତାକୁ ନେଇ ଜିନପିଙ୍ଗ୍ ଚିନ୍ତିତ



**ନୂଆଦିଲ୍ଲୀ,୨୪।୨:** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ମଧ୍ୟରେ ଅନେକ ଥରର କଥାବାର୍ତ୍ତାକୁ ନେଇ, ଚୀନର ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ଚିନ୍ତା ବଢ଼ି ଯାଇଛି। ଜିନପିଙ୍ଗ ସୋମବାର ପୁଟିନଙ୍କ ସହ ଫୋନରେ କଥାବାର୍ତ୍ତା କରିଛନ୍ତି ଏବଂ କହିଛନ୍ତି ଯେ, , ଆମର ବନ୍ଧୁତା ସୀମାହୀନ। ଜିନପିଙ୍ଗଙ୍କର ଏହି ଟିପ୍ପଣୀ ଆମେରିକାର ଚୀନ ଉପରେ କଡ଼ା ଆଭିମୁଖ୍ୟ ମଧ୍ୟରେ ଆସିଛି। ଚୀନ୍‌କୁ ଆଶଙ୍କା ଯେ, ୱାଶିଂଟନ ରୁଷ୍ ଓ ଚୀନ ମଧ୍ୟରେ ବନ୍ଧୁତାରେ ଫାଟ ସୃଷ୍ଟି କରି ପାରେ। ସୋମବାର ୟୁକ୍ରେନ୍ ଉପରେ ରୁଷ୍‌ର ପୂର୍ଣ୍ଣ ସ୍ତରରେ ଆକ୍ରମଣର ୩ୟ ବର୍ଷପୂର୍ତ୍ତି ଅବସରରେ, ଜିନପିଙ୍ଗ ଓ ପୁଟିନଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲା। ପୁଟିନ ,ଜିନପିଙ୍ଗଙ୍କୁ ଟ୍ରମ୍ପଙ୍କ ସହ ହୋଇଥିବା କଥାବାର୍ତ୍ତା ବିଷୟରେ ମଧ୍ୟ ବିସ୍ତୃତ ଭାବେ କହିଛନ୍ତି। ଚୀନର ସରକାରୀ ମିଡ଼ିଆ ଅନୁସାରେ , ଉଭୟ ନେତାଙ୍କ ଏହି କଥାବାର୍ତ୍ତା ଏମିତି ସମୟରେ ହୋଇଛି, ଯେବେ ଟ୍ରମ୍ପ ୟୁକ୍ରେନ୍ ଯୁଦ୍ଧକୁ ଖୁବ୍ ଶୀଘ୍ର ଶେଷ କରିବାକୁ ଏକ ଚୁକ୍ତି ବିଷୟରେ କହୁଛନ୍ତି। ଏଥିରେ ଏହି ସମ୍ଭାବନା କରାଯାଉଛି ଯେ, ଟ୍ରମ୍ପ ରୁଷ୍ ଓ ଚୀନ୍‌ରେ ଫାଟ ସୃଷ୍ଟି କରିବାକୁ ପ୍ରୟାସ କରି ପାରନ୍ତି ଏବଂ ଦୁନିଆର ଦ୍ୱିତୀୟ ସବୁଠୁ ବଡ଼ ଅର୍ଥବ୍ୟବସ୍ଥାରେ ମୁକାବିଲା କରି ପାରନ୍ତି। ଚୀନୀୟ ମିଡ଼ିଆ ଜିନପିଙ୍ଗଙ୍କ ଅନୁସାରେ କହିଛି ଯେ , ଉଭୟ ନେତାମାନେ ନିଜର ପାର୍ଟନରସିପ୍‌ର ସ୍ଥିରତା ଓ ଦୀର୍ଘକାଳୀନ ପ୍ରକୃତିକୁ ରେଖାଙ୍କିତ କରିଛି, ଯେଉଁଥିରେ , 'ଆଭ୍ୟନ୍ତରୀଣ ଗତିଶୀଳତା' ରହିଛି , ଯାହା କୌଣସି ବି ୩ୟ ପକ୍ଷ ଦ୍ୱାରା ପ୍ରଭାବିତ ହେବ ନାହିଁ। ଜିନପିଙ୍ଗ କହିଛନ୍ତି, ଚୀନ୍-ରୁଷ୍ ସମ୍ବନ୍ଧରେ ମଜବୁତ ଆଭ୍ୟନ୍ତରୀଣ ପ୍ରେରକ ଶକ୍ତି ଓ ଅଦ୍ୱିତୀୟ ରଣନୀତିକ ମୂଲ୍ୟ ରହିଛି ଏବଂ ଏହା କୌଣସି ବି ୩ୟ ପକ୍ଷ ପାଇଁ ଟାର୍ଗେଟ୍ ନୁହେଁ, ନା ହିଁ ଏହା ଉପରେ କୌଣସି ୩ୟ ପକ୍ଷର ପ୍ରଭାବ ପଡ଼ି ଥାଏ। ସେ କହିଛନ୍ତି, ଚୀନ୍ ଓ ରୁଷ୍‌ର ବିକାଶ ରଣନୀତି ଗୁଡ଼ିକ ଓ ବିଦେଶ ନୀତି ଗୁଡ଼ିକ ଦୀର୍ଘକାଳୀନ। ସେ ଏହା ମଧ୍ୟ କହିଛନ୍ତି ଯେ, ଉଭୟ ଦେଶ " ଭଲ ପଡ଼ୋଶୀ , ଯାହାଙ୍କୁ ପରସ୍ପର ଠାରୁ ଅଲଗା କରାଯାଇ ପାରିବ ନାହିଁ। "

# ୪ର୍ଥ ପର୍ଯ୍ୟାୟରେ ୧୨ ବେଆଇନ ପ୍ରବାସୀ ଭାରତ ଫେରିଲେ

**ନୂଆଦିଲ୍ଲୀ,୨୪।୨:** ଆମେରିକାରୁ ୪ର୍ଥ ପର୍ଯ୍ୟାୟରେ ବହିଷ୍କୃତ ହୋଇଥିବା ୧୨ ଜଣ ବେଆଇନ ପ୍ରବାସୀ ଭାରତୀୟ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସେମାନେ ପାନାମା ଦେଇ ଭାରତ ଆସିଛନ୍ତି। ପୂର୍ବରୁ ୩ ପର୍ଯ୍ୟାୟରେ ଆମେରିକାରୁ ସିଧାସଳଖ ୩୩୫ ଜଣ ବେଆଇନ ପ୍ରବାସୀ ଭାରତ ଫେରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଅନୁଯାୟୀ ବିଦାହୋଇଥିବା ପ୍ରାୟ ୩୦୦ ବେଆଇନ ପ୍ରବାସୀ ପାନାମା ହୋଟେଲରେ ରହିଥିବାବେଳେ ସେଠାକାର କର୍ତ୍ତୃପକ୍ଷ ସେମାନଙ୍କୁ ସ୍ୱଦେଶକୁ ପଠାଉଛନ୍ତି। ୪୦ ପ୍ରତିଶତ ସ୍ୱେଚ୍ଛାକୃତ ପ୍ରତ୍ୟାବର୍ତ୍ତନ ପାଇଁ ରାଜି ନ ଥିବାରୁ ଜାତିସଂଘର ଏକ ସଂସ୍ଥା ସେମାନଙ୍କ ପାଇଁ ବିକଳ୍ପ ସ୍ଥାନ ଚାହିଁଛି।

# ୭ ପ୍ରକଳ୍ପରେ ୭୫୦ ନିୟୁତ ଡଲାର ବିନିଯୋଗ ହୋଇଛି




**ନୂଆଦିଲ୍ଲ,୨୪।୨:** ୟୁଏସ୍‌ଏଆଇଡି (ୟୁନାଇଟେଡ୍ ଷ୍ଟେଟ୍‌ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ) ପାଣ୍ଠିକୁ ନେଇ ରାଜନୈତିକ ବିବାଦ ଜୋର୍ ଧରିଛି। ଏହି ପାଣ୍ଠି ଭାରତର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ବ୍ୟୟ ହେଉଥିଲା ବୋଲି ଅଭିଯୋଗ ଉଠିଛି। ତେବେ ମତଦାନ ହାର ବଢ଼ାଇବାକୁ ୟୁଏସ୍‌ଏଆଇଡି ପାଣ୍ଠି ବିନିଯୋଗ ହେବାର କୌଣସି ଉଲ୍ଲେଖ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି। ୨୦୨୩-୨୪ ବର୍ଷରେ ୟୁଏସ୍‌ଏଆଇଡି ଭାରତର ୭ଟି ପ୍ରକଳ୍ପରେ ୭୫୦ ନିୟୁତ ଡଲାର (୬,୫୦୦ କୋଟି ଟଙ୍କା) ବିନିଯୋଗ କରିଥିବା ମନ୍ତ୍ରଣାଳୟର ସଦ୍ୟତମ ବାର୍ଷିକ ରିପୋର୍ଟରେ କୁହାଯାଇଛି। ଭାରତ ସହକାରଙ୍କ ସହଭାଗିତାରେ ୟୁଏସ୍‌ଏଆଇଡି ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରୁଛି। ୨୦୨୩-୨୪ ଆର୍ଥିକ୍ ବର୍ଷରେ ଏହି ସଂସ୍ଥା ୯୭ ନିୟୁତ ଡଲାର (ପ୍ରାୟ ୮୨୫ କୋଟି ଟଙ୍କା) ଯୋଗାଇଥିଲା। ଦ୍ୱିପାକ୍ଷିକ ପାଣ୍ଠି ବ୍ୟବସ୍ଥା ପାଇଁ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଥିବା ଆର୍ଥିକ୍ ବ୍ୟାପାର ବିଭାଗ ଉକ୍ତ ପ୍ରକଳ୍ପରେ ଲାଗିଥିବା ପାଣ୍ଠି ସମ୍ପର୍କିତ ସବିଶେଷ ତଥ୍ୟ ଶେୟାର କରିଛି। ୨୦୨୩-୨୪ ବର୍ଷରେ ଭୋଟ ହାର ବଢ଼ାଇବାକୁ କୌଣସି ପାଣ୍ଠି ବିନିଯୋଗ ହୋଇ ନ ଥିଲା। ବରଂ କୃଷି ଓ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ, ଜଳ, ପରିମଳ ଓ ସୁସ୍ଥ ପରିବେଶ, ଅକ୍ଷୟ ଶକ୍ତି, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ପାଣ୍ଠି ବ୍ୟୟ ହୋଇଥିଲା। ଏହା ବ୍ୟତୀତ ସ୍ଥାୟୀ ଜଙ୍ଗଲ ଏବଂ ଜଳବାୟୁ ସହଣି କାର୍ଯ୍ୟକ୍ରମ, ଶକ୍ତି ସାମର୍ଥ୍ୟ ପ୍ରଯୁକ୍ତି ପାଇଁ ଉକ୍ତ ପାଣ୍ଠି ଖର୍ଚ୍ଚ ହୋଇଥିଲା। ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଆମେରିକା ୨୧ ନିୟୁତ ଡଲାର ଦେଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦିନକ ପୂର୍ବରୁ କହିଥିଲେ। ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ କେନ୍ଦ୍ରଠାରୁ ଏହି ପ୍ରସଙ୍ଗରେ ଶ୍ୱେତପତ୍ର ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀରବତାକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛି।

# ଥାନାରେ ହାଜର ହେଲେ ରଣବୀର ଓ ଆଶିଷ ; ବୟାନ ରେକର୍ଡ କଲା ପୁଲିସ



**ନୂଆଦିଲ୍ଲୀ,୨୪।୨:** ଅଶ୍ଳିଳ ବୟାନ ଦେଇ ବିବାଦରେ ଛନ୍ଦି ହୋଇପଡିଥିବା ୟୁ୍ୟଟ୍ୟୁବର ରଣବୀର ଆହ୍ଲାବାଦିଆ ସୋମବାର ମହାରାଷ୍ଟ୍ର ସାଇବର ପୋଲିସ ନିକଟରେ ନିଜ ବୟାନ ରେକର୍ଡ କରିଛନ୍ତି। ତାଙ୍କ ସହ ଶୋରେ ଭାଗନେଇଥିବା ଅନ୍ୟ ୟୁଟ୍ୟୁବର ଆଶିଷ ଚଞ୍ଚଳାନି ମଧ ଏହି ମାମଲାରେ ନିଜ ବୟାନ ରେକର୍ଡ କରିଛନ୍ତି। ସମୟ ରାଇନାଙ୍କ କମେଡି ଶୋ ଇଣ୍ଡିଆଜ୍ ଗଟ ଲାଟେଣ୍ଟରେ ଦିଆଯାଇଥିବା ବିବାଦିୟ ବୟାନ ପାଇଁ ମହାରାଷ୍ଟ୍ର ସାଇବର ପୋଲିସ ପକ୍ଷରୁ ଏହା ଉପରେ ଏକ ମାମଲା ରୁଜୁ କରାଯାଇଥିଲା। ଏନେଇ ଉଭୟ ଆହ୍ଲାବାଦିଆ ଓ ଚଞ୍ଚଳାନି ସାଇବର ସେଲ ଅଧିକାରିଙ୍କ ସହ ଯୋଗାଯୋଗରେ ରହିଥିଲେ। ତେବେ ସାଇବର ପୋଲିସ ପକ୍ଷରୁ ଉଭୟଙ୍କୁ ସୋମବାର ଦିନ ଥାନାରେ ହାଜର ହେବାକୁ ସମନ ଜାରି କରାଯାଇଥିଲା। ସୂଚନା ମୁତାବକ, କମେଡିଆନ ସମୟ ରାଇନା ୟୁଟ୍ୟୁବରେ ନିଜର ଏକ କମେଡି କାର୍ଯ୍ୟକ୍ରମ 'ଇଣ୍ଡିଆଜ୍ ଗଟ ଲାଟେଣ୍ଟ' ଚଳାଉଥିଲେ। ଏହି କାର୍ଯ୍ୟକ୍ରମର ଏକ ଏପିସୋଡରେ ଜଜ୍ ହୋଇ ଆସିଥିବା ରଣବୀର ଆହ୍ଲାବାଦିଆ ଜଣେ ପ୍ରତିଯୋଗୀଙ୍କୁ ତାଙ୍କ ପିତାମାତାଙ୍କ ଯୌନ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଆଉ ଏହାପରେ ଏହାକୁ ନେଇ ସାରା ଭାରତରେ ବିବାଦ ଦେଖାଯିବା ଆରମ୍ଭ ହୋଇଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମର ଜଜ୍ ପ୍ୟନେଲରେ ସମୟ ରାଇନା, ରଣବୀର ଆହ୍ଲାବାଦିଆଙ୍କ ସହ ଆଶିଷ ଚଞ୍ଚଳାନି, ଜସପ୍ରିତ ସିଂ ଓ ଅପୂର୍ବା ଝା ମଧ ରହିଥିଲେ। ଏଣୁ ସମସ୍ତଙ୍କ ବିରୁଦ୍ଧରେ ଆସାମ ପୋଲିସ ଏକ ମାମଲା ରୁଜୁ କରିଥିଲା।



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଭାବେ ଆଜି ଶକ୍ତିକାନ୍ତ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କଂଗ୍ରେସ ଛାଡ଼ିବେ କି ଶଶି ଥରୁର ?

**ନୂଆଦିଲ୍ଲୀ,୨୪।୨:** ବରିଷ୍ଠ କଂଗ୍ରେସ ନେତା ତଥା ତିରୁଭାନନ୍ତପୁରମ ଏମ୍‌ପି ଶଶି ଥରୁରଙ୍କ ଲେଫ୍ଟ ଡେମୋକ୍ରାଟିକ ଫ୍ରଣ୍ଟ ସରକାରର ପ୍ରଶଂସା ଦଳ ଭିତରେ ଅସନ୍ତୋଷ ସୃଷ୍ଟି କରିଛି। ନିକଟରେ ଏକ ସ୍ତମ୍ଭରେ ସେ କେରଳରେ ବ୍ୟବସାୟ ଏବଂ ଉଦ୍ୟୋଗକୁ ସହଜ କରିବା ପାଇଁ ପିନାରାଇ ବିଜୟନ ସରକାରଙ୍କୁ ପ୍ରଶଂସା କରିଥିଲେ। ଏହା ବ୍ୟତୀତ ଥରୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନାର ଫଳାଫଳକୁ ସକାରାତ୍ମକ ବୋଲି ମଧ ବର୍ଣ୍ଣନା କରିଥିଲେ, ଯାହା ଦଳରେ ଆହୁରି ବିଶୃଙ୍ଖଳା ସୃଷ୍ଟି କରିଛି।

# ୟୁନୁସ ସରକାରଙ୍କୁ କଡ଼ା ଜବାବ ଦେଲେ ଜୟଶଙ୍କର



**ନୂଆଦିଲ୍ଲୀ/ଢାକା,୨୪।୨:** ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର କହିଛନ୍ତି ଯେ ବାଂଲାଦେଶକୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେ ଭାରତ ସହିତ କି ପ୍ରକାରର ସମ୍ପର୍କ ରଖିବାକୁ ଚାହୁଁଛି। ଏହା ହୋଇପାରିବ ନାହିଁ ଯେ ଗୋଟିଏ ପଟେ ତୁମେ ଭଲ ସମ୍ପର୍କ ବିଷୟରେ କହୁଛ ଏବଂ ପରଦିନ ତୁମେ ସବୁକିଛି ପାଇଁ ଆମକୁ ଦାୟୀ କରୁଛ। ସେ କହିଥିଲେ ଯେ ସେଠାକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର କେହି ବି ଠିଆ ହୁଅନ୍ତି ଏବଂ କିଛି ଭୁଲ ହୁଏ ତେବେ ସେ ଏଥିପାଇଁ ଭାରତକୁ ଦାୟୀ କରନ୍ତି, ଏହା ଚଳିବ ନାହିଁ। ରବିବାର (୨୩ ଫେବୃଆରୀ, ୨୦୨୫) ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାହିତ୍ୟ ମହୋତ୍ସବରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏହି କଥାଗୁଡ଼ିକ କହିଥିଲେ। ଜୟଶଙ୍କର କହିଥିଲେ, 'ତୁମେ ଗୋଟିଏ ପଟେ କହିପାରିବ ନାହିଁ ଯେ ମୁଁ ଏବେ ତୁମ ସହିତ ସମ୍ପର୍କ ଭଲ କରିବାକୁ ଚାହୁଁଛି ଏବଂ ଅନ୍ୟ ପଟେ ପରଦିନ ସକାଳେ ସବୁକିଛି ପାଇଁ ତୁମକୁ ଦୋଷ ଦେଇପାରିବ।' ଏଥିପାଇଁ, ସେ କ'ଣ ଚାହୁଁଛନ୍ତି ସେ ବିଷୟରେ ନିଷ୍ପତ୍ତି ନେବାକୁ ପଡିବ। ସେ କହିଥିଲେ ଯେ ଯଦି ଆପଣ ରିପୋର୍ଟଗୁଡ଼ିକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ଏଥିରେ ଥିବା କିଛି ଜିନିଷ ବହୁତ ମଜାଦାର।

# ଅଶାନ୍ତ ଲୋହିତ ସାଗର: ବଢ଼ୁଛି ସୋମାଲୀ ଜଳଦସ୍ୟୁଙ୍କ ଉତ୍ପାତ



**ନୂଆଦିଲ୍ଲୀ,୨୪।୨:** ଗାଜା ଯୁଦ୍ଧ ଏବଂ ଏହାକୁ କେନ୍ଦ୍ରକରି ଲୋହିତ ସାଗରରେ ୟେମେନୀ ହୁତି ବିଦ୍ରୋହୀଙ୍କ ଉତ୍ପାତ ଯୋଗୁ ସୋମାଲୀ ଜଳଦସ୍ୟୁଙ୍କୁ ମିଳିଛି ସୁଯୋଗ । ସେମାନେ ଧୀରେ ଧୀରେ ବଳ ଜୁଟାଇବାରେ ଲାଗିଛନ୍ତି। ପ୍ରାୟ ଏକ ଦଶନ୍ଧି ଧରି ଉଭାନ ହୋଇଯାଇଥିବା ଏହି ଭୟଙ୍କର ସମୁଦ୍ର ଲୁଟେରା ଗୋଷ୍ଠୀ ଲୋହିତ ସାଗରରେ ପୁଣି ଉତ୍ପାତ ବଢ଼ାଇଛି । ଇତିମଧରେ କେତେକ ଜାହାଜକୁ ଟାର୍ଗେଟ୍ ବି କଲେଣି । ସୋମାଲୀ ଜଳଦସ୍ୟୁ, ହୁତି ବିଦ୍ରୋହୀ ଏବଂ କେତେକ ଆଞ୍ଚଳିକସମୁଦ୍ର ଲୁଟେରାଙ୍କ ପାଇଁ ଲୋହିତ ସାଗର ଓ ଭାରତ ମହାସାଗରରେ ବାଣିଜ୍ୟିକ କାରବାର ପ୍ରଭାବିତ ହେବା ଆରମ୍ଭ କରିଛି। ସମୁଦ୍ରରେ ବାଣିଜ୍ୟିକ ଜାହାଜଗୁଡ଼ିକୁ ହୁତିମାନେ ଆକ୍ରମଣ କରିବାର ମାସକ ପରେ ଅର୍ଥାତ ୨୦୨୩ ଡିସେମ୍ବରରେ ସୋମାଲିଆର ଜଳଦସ୍ୟୁଙ୍କ ସାହସ ବଢ଼ିଯାଇଥିଲା । ସେମାନେ ମାଲ୍‌ଟା ପତାକା ଲାଗିଥିବା ଏକ ବିଶାଳ କାର୍ଗୋ ଜାହାଜକୁ ଭାରତ ମହାସାଗରରୁ ହାଇଜ୍ୟାକ୍ କରିନେଇଥିଲେ । ୨୦୧୭ ପରେ ଏହା ସେମାନଙ୍କର ବଡ଼ ସଫଳତା ଥିଲା । ଏହା ପରଠାରୁ ସେମାନଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ୨୦୨୪ ଜାନୁଆରୀ ୧ରୁ ସେପ୍ଟେମ୍ବର ୩୦ ମଧରେ ୩ଟି ଜାହାଜ ହାଇଜ୍ୟାକ୍ ହେଲାଣି । ଦୁଇଟି ଜାହାଜରେ ଜଳଦସ୍ୟୁମାନେ ପ୍ରବେଶ କରି ଗୁଳିମାଡ଼ କରିଥିଲେ । ଆଉ ୩ଟି ଜାହାଜକୁ ନେଇଯିବା ଲାଗି ଚେଷ୍ଟା କରି ବିଫଳ ହୋଇଥିଲେ । ୨୦୨୪ ମାର୍ଚ୍ଚ ୧୨ରେ 'ଏମ୍‌ଭି ଅବ୍‌ଦୁଲ୍ଲା' ନାମକ ଏକ ଜାହାଜକୁ ସୋମାଲୀ ଜଳଦସ୍ୟୁମାନେ ସୋମାଲିଆ ତଟଠାରୁ ୫୫୦ ନଟିକାଲ ମାଇଲ ଦୂରରେ ଅପହରଣ କରିନେଇ ଯାଇଥିଲେ । ଏମ୍‌ଭି ଅବ୍‌ଦୁଲ୍ଲା ମୋଜାମ୍ବିକ୍‌ରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଅଭିମୁଖେ ୫୫ ହଜାର ଟନ୍ କୋଇଲା ନେଇ ଯାଉଥିଲା । ଏହି ସମୟରେ ଏକ ଅଜଣା ମାଛଧରା ବୋଟ୍ ସେମାନଙ୍କ ରାଡାରରେ ଦେଖାଦେଇଥିଲା। । ୬ ଜଣ ଲୋକ ଅଟୋମେଟିକ୍ ରାଇଫଲ୍ ଧରି ମାଡ଼ି ଆସୁଥିବା ୱାଚ୍‌ମ୍ୟାନ୍ ଜାଣିବାକୁ ପାଇଥିଲେ । ସେ ତୁରନ୍ତ କ୍ୟାପ୍‌ଟେନ୍‌ଙ୍କୁ ଜଣାଇବା ପରେ ଆଉ ଏକ ସ୍ପିଡ୍ ବୋଟ୍‌ରେ ୬ ଜଣ ବନ୍ଧୁକଧାରୀ ଜଳଦସ୍ୟୁ ପହଞ୍ଚିଥିଲେ । ତାହୁଁ ତାହୁଁ ୧୨ ଜଳଦସ୍ୟୁ ଏମ୍‌ଭି ଅବ୍‌ଦୁଲ୍ଲା ଜାହାଜ ଉପରେ ଚଢ଼ି କ୍ରୁ ସଦସ୍ୟଙ୍କୁ କାବୁ କରିନେଇ ଜାହାଜକୁ ନିଜ ନିୟନ୍ତ୍ରଣକୁ ନେଇଯାଇଥିଲେ । ୩୨ ଦିନ ଧରି ପଣବନ୍ଦୀ ରହିବା ପରେ ୨୦୨୪ ଏପ୍ରିଲରେ ଜଳଦସ୍ୟୁମାନେ ଏମ୍‌ଭି ଅବ୍‌ଦୁଲ୍ଲାର କ୍ରୁ ସଦସ୍ୟମାନଙ୍କୁ ଛାଡ଼ିଦେଇଥିଲେ ।

## ଆଇସିସି ଚାମ୍ପିଅନ୍ସ ଟ୍ରଫି: ବାଂଲାଦେଶ ଓ ପାକିସ୍ତାନ ବିଦା

# ବ୍ରେସ୍‌ୱେଲ୍‌ଙ୍କ ଘାତକ ବୋଲିଂ: ସେମିରେ ନ୍ୟୁଜିଲାଣ୍ଡ୍




ରାୱଲପିଣ୍ଡି,୨୪।୨: ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଆଜି ଗ୍ରୁପ୍-ବି'ରୁ ଦୁଇଟି ଶୀର୍ଷ ଦଳ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ଗୋଟିଏ ପଟେ ଭାରତ ଓ ନ୍ୟୁଜିଲାଣ୍ଡ୍ ଅନ୍ତିମ ୪ ଦଳ ମଧ୍ୟରେ ସ୍ଥାନ ପାଇଥିବା ବେଳେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ବାଂଲାଦେଶ ଓ ପାକିସ୍ତାନ ବିଦାୟ ନେଇଛନ୍ତି। ଗତକାଲି ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ସେମି ନିକଟତର ହୋଇଥିବା ବେଳେ ଆଜି ନ୍ୟୁଜିଲାଣ୍ଡ୍ ବାଂଲାଦେଶକୁ ୫ ୱିକେଟ୍‌ରେ ହରାଇ ସେମିରେ ପହଞ୍ଚିଛି।

ଆଜି ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇ ବାଂଲାଦେଶ ୯ ୱିକେଟ୍ ବିନିମୟରେ ୨୩୬ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ତଥା ଅଧିନାୟକ ଶାଣ୍ଟୋ ୯ଟି ଚୌକା ସହ ୭୭ ରନ୍ କରିଥିବା ବେଳେ ଜାକେର୍ ଅଲୀ ୪୫ ଏବଂ ରିଶଦ୍ ହୋସେନ୍ ୨୬ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ୍ ପକ୍ଷରୁ ମାଇକେଲ୍ ବ୍ରେସ୍‌ୱେଲ୍ ୪ଟି ଓ ୱିଲିଅମ୍ ଓ'ରୁର୍କି ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଦଳ ବ୍ୟାଟିଂରେ ୪୬.୧ ଓଭର୍‌ରେ ୫ଟି ୱିକେଟ୍ ହରାଇ ୨୪୦ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ତଥା ଆଇସିସି ଚାମ୍ପିଅନ୍‌ଶିପ୍‌ରେ ଡେବ୍ୟୁ କରିଥିବା ରଚିନ୍ ରବୀନ୍ଦ୍ର ୧୧୨ ରନ୍‌ର ବଳିଷ୍ଠ ଇନିଂସ ଖେଳିଥିଲେ। ସେ ୧୨ଟି ଚୌକା ଓ ଗୋଟିଏ ଛକା ଜରିଆରେ ଏହି ରନ୍ କରିଥିବା ବେଳେ ଅଧିନାୟକ ଟମ୍ ଲାଥାମ୍ ୩ଟି ଚୌକା ସହ ୫୫ ରନ୍ କରିଥିଲେ।

ଏହାଛଡ଼ା ଓପନର ଡେଭନ୍ କୋନ୍‌ୱେ ୬ଟି ଚୌକା ସହ ୩୦ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ତାସ୍କିନ୍ ଅହମ୍ମଦ, ନାହିଦ୍ ରାଣା, ମୁସ୍ତାଫିଜୁର୍ ରହମାନ୍ ଓ ରିଶାଦ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ରେସ୍‌ୱେଲ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ବୁମରାଙ୍କୁ ୪ ଆଇସିସି ଆୱାର୍ଡ



**ଦୁବାଇ, ୨୪।୨:** ଆଘାତ ଜନିତ ସମସ୍ୟା ପାଇଁ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଚଳିତ ଚାମ୍ପିଅନ୍ସ ଟ୍ରଫି ଲାଗି ଭାରତୀୟ ଦଳରେ ସାମିଲ ନାହାନ୍ତି। ହେଲେ ଭାରତ-ପାକିସ୍ତାନ ମହାମୁକାବିଲାରୁ ନିଜକୁ ଦୂରେଇ ରଖି ପାରି ନାହାନ୍ତି ସେ। ସେଥିପାଇଁ ବୁମ୍‌ରା ରବିବାର ସକାଳୁ ସକାଳୁ ଦୁବାଇ ପହଞ୍ଚି ଯାଇଥିଲେ। ମ୍ୟାଚ୍ ବେଳେ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ରହି ଭାରତୀୟ ଦଳକୁ ନିୟମିତ ଉତ୍ସାହିତ କରିଥିଲେ। ତାଙ୍କ ଉପସ୍ଥିତି ଭାରତୀୟ ବୋଲରଙ୍କ ମନୋବଳକୁ ମଧ ଯଥେଷ୍ଟ ବଢ଼ାଇଥିଲା। ଫଳରେ ମହମ୍ମଦ ସାମି କିଛି ସମୟ ପାଇଁ ଆହତ ହୋଇ ପ୍ୟାଭିଲିୟନ ଫେରି ଯାଇଥିଲେ ମଧ ହାର୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତୀୟ ବୋଲର୍‌ମାନେ ପାକିସ୍ତାନୀ ବ୍ୟାଟର୍‌ଙ୍କୁ ହାତଖୋଲା ସଟ୍ ଖେଳିବାର କୌଣସି ସୁଯୋଗ ଦେଇ ନଥିଲେ।

ମ୍ୟାଚ୍ ଆରମ୍ଭ ହେବାର ଢେର୍ ପୂର୍ବରୁ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ବୁମ୍‌ରା ପ୍ରବେଶ କରୁଥିବାର ଚିତ୍ର ସାମାଜିକ ଗଣମାଧମରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ଭାରତର ପ୍ରମୁଖ ଫାଷ୍ଟ୍ ବୋଲର ଯଶପ୍ରୀତ ବୁମରା ଆଇସିସି ପୁରସ୍କାର ଗ୍ରହଣ କରିଛନ୍ତି। ଭାରତ-ପାକ୍ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମରେ ଆଇସିସି ପକ୍ଷରୁ ବୁମରାଙ୍କୁ ୪ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟର, ଶ୍ରେଷ୍ଠ ଟେଷ୍ଟ କ୍ରିକେଟର ଟ୍ରଫି ସହ ଶ୍ରେଷ୍ଠ ଟେଷ୍ଟ ଓ ଟି-ଟ୍ୱେଣ୍ଟି ଦଳର କ୍ୟାପ୍ ଗ୍ରହଣ କରିଥିଲେ।

ରବିବାର ମଧ ଦର୍ଶକ ଗ୍ୟାଲେରିରେ ରୋହିତଙ୍କ ପତ୍ନୀ ରିତିକା ଏବଂ ଝିଅ ସମାଇରା ଓ ପୁଅ ଆହାନଙ୍କୁ ଦେଖିବାକୁ ମିଳିଥିଲେ। ସେମାନେ ମଧ ଭାରତୀୟ ଦଳକୁ ଉତ୍ସାହିତ କରିଥିଲେ। ଭାରତୀୟ ଟ୍ୱେଣ୍ଟି-୨୦ ଦଳର ବହୁ ସଦସ୍ୟ ମଧ ଉପସ୍ଥିତ ରହି ଏହି ଐତିହାସିକ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମା, ତିଳକ ବର୍ମା ପ୍ରମୁଖ ନିଜରକୁ ଆସିଥିଲେ।

# ହିନ୍ଦୀ ଗୀତ ଗାଇ ପାକିସ୍ତାନ ଟିମକୁ ପରିହାସ କଲେ ଶୋଏବ୍ ମଲିକ




**ଦୁବାଇ,୨୪।୨:** ରବିବାର ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି। ପୂରା ମ୍ୟାଚରେ କୌଣସି ସମୟରେ ଏପରି ଲାଗିନଥିଲା ଯେ ପାକିସ୍ତାନ ଏହି ମ୍ୟାଚ ଜିତିପାରିବ। ୨୪୧ ରନରେ ଅଲଆଉଟ ହେବା ପରେ, ପାକିସ୍ତାନର ବୋଲିଂ ମଧ କିଛି ବିଶେଷ କରିପାରିଲା ନାହିଁ। ବିରାଟ କୋହଲି ତାଙ୍କର ୮୨ତମ ଅନ୍ତର୍ଜାତୀୟ ଏବଂ ୫୧ତମ ଦିନିକିଆ ଶତକ ହାସଲ କରିଛନ୍ତି। ପାକିସ୍ତାନ ଦଳର ପରାଜୟ ଉପରେ, ପୂର୍ବତନ ପାକିସ୍ତାନୀ ଖେଳାଳି ସୋଏବ ମାଲିକ ଏକ ଗୀତ ଗାଇ ଦଳକୁ ପରିହାସ କରିଥିଲେ, ଯେତେବେଳେ ତାଙ୍କ ସହିତ ବସିଥିବା ମହିଳା ଉପସ୍ଥାପିକା କହିଥିଲେ ଯେ ଏବେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି।

ପୂର୍ବତନ ପାକିସ୍ତାନ ଅଧିନାୟକ ସୋଏବ ଅଖତର ଟିଭି ଷ୍ଟୁଡିଓରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସୋଏବ ମାଲିକ ବସିଛନ୍ତି। ଯେତେବେଳେ ଅଖତର ମଲିକଙ୍କୁ ପାକିସ୍ତାନର ପରାଜୟ ବିଷୟରେ ପଚାରିଲେ, ସୋଏବ ମଲିକ ଏକ ଗୀତ ଗାଇ ତାଙ୍କ ଦଳକୁ ପରିହାସ କରିବା ଆରମ୍ଭ କଲେ। ସେ ବଲିଉଡ ଗୀତ 'ଦିଲ କେ ଆର୍ମା ଆସୂୟୋ ମେଁ ବେହ ଗୟେ' ଗାଇବା ଆରମ୍ଭ କଲେ।

ତା'ପରେ ସୋଏବ ଅଖତର ସେହି ଷ୍ଟୁଡିଓରେ ବସିଥିବା ମହିଳା ଉପସ୍ଥାପିକା ଜୈନବ ଆବାସଙ୍କୁ ପଚାରିଲେ ଏବଂ ସେ ମଧ ଗୀତ ଗାଇବା ଆରମ୍ଭ କଲେ। ସେ ଗାଇଲେ, 'ଅବ ତୋ ଆଦତ ସି ହେ ମୁଝକୋ, ଏସେ ଜିନେ ମେଁ'। ଭାରତ ବିପକ୍ଷରେ ପାକିସ୍ତାନର ବିଜୟ ପରେ, ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ କହିଥିଲେ ଯେ ସେମାନେ ଟସ ଜିତିଥିଲେ କିନ୍ତୁ ଏହାର ଫାଇଦା ଉଠାଇ ପାରିଲେ ନାହିଁ। ସେ ସ୍ୱୀକାର କରିଛନ୍ତି ଯେ ଟିମ ଇଣ୍ଡିଆ ଚମତ୍କାର ବୋଲିଂ କରିଥିଲା ଏବଂ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ଶୁବମନ ଗିଲ ସେମାନଙ୍କଠାରୁ ମ୍ୟାଚ ଛଡ଼ାଇ ନେଇଥିଲେ।

## ଦିନିକିଆରେ ବିରାଟଙ୍କ ଏକାଧିକ ରେକର୍ଡ

# ପଛରେ ପଡ଼ିଲେ ସଚିନ, ୧୪ ହଜାର ରନ୍ ପାର୍

**ଦୁବାଇ, ୨୪।୨:** ପାକିସ୍ତାନ ସାମ୍ନାରେ 'ବିରାଟ' ପାହାଡ଼। ଦୁବାଇ ମରୁଭୂମିରେ ରେକର୍ଡ ବର୍ଷା। ୫୧ ତମ ଶତକରେ ସଜାଇଲେ ସଂଧ୍ୟା। ଦିନିକିଆରେ ଦ୍ରୁତତମ ୧୪ ହଜାର ରନ୍। ସଚିନଙ୍କୁ ପଛରେ ପକାଲେ କୋହଲି। ୨୦୧୭ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମ୍ୟାଚ୍ ପରାଜୟର ବଦ୍‌ଲା ନେଇଛି ଟିମ୍ ଇଣ୍ଡିଆ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଆୟୋଜକ ପାକିସ୍ତାନକୁ ୬ ଓ୍ୱିକେଟରେ ମାତ୍ ଦେଇ ଟୁର୍ଣ୍ଣାମେଣ୍ଟରୁ ପାଖାପାଖି ବାହାର ରାସ୍ତା ଦେଖାଇ ଦେଇଛି। ଟିମ୍ ରିଜଓ୍ୱାନକୁ ଧୂଳି ଚଟାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବିରାଟ୍ କୋହଲି। ପାକିସ୍ତାନ ବୋଲରଙ୍କ ସାମ୍ନାରେ ପୁଣି ଥରେ ପାହାଡ଼ ଭଳି ଛିଡ଼ା ହୋଇଥିଲେ। ଆଉ ୨୪୨ ରନ ଟାର୍ଗେଟକୁ ସହଜରେ ହାସଲ କରି ସେମି ଫାଇନାଲ ରାସ୍ତା ପକ୍କା କରିଛି ଭାରତୀୟ ଦଳ।

**୧୪ ହଜାର ରନ୍:** ଦୁବାଇରେ ବିରାଟ କୋହଲିଙ୍କ ଏକାଧିକ ରେକର୍ଡ। ଦିନିକିଆରେ ମାଇଲଖୁଣ୍ଟ ଅତିକ୍ରମ। ଓ୍ୱାନଡେ' କ୍ରିକେଟରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି ଚେଜ୍ ମାଷ୍ଟର। ଦିନିକିଆରେ ଦ୍ରୁତଗତ ୧୪ ହଜାର ରନ୍ ପୂରଣ କରିଛନ୍ତି। କୋହଲି କ୍ୟାରିୟରରେ ୨୯୯ ମ୍ୟାଚ୍ ଖେଳି ଏହି ତୃତୀୟ ବ୍ୟାଟର ଭାବେ ଏହି କ୍ଲବରେ ସାମିଲ୍ ହୋଇଛନ୍ତି। ବିରାଟଙ୍କ ଉପରେ ଅର୍ଥାତ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଶ୍ରୀଲଙ୍କାର ଓ୍ୱିକେଟ୍ କିପର-ବ୍ୟାଟର କୁମାର ସାଙ୍ଗାକାରା।

**୫୧ତମ ଶତକ ହାସଲ:** ଦିନିକିଆ କ୍ରିକେଟରେ ୫୧ତମ ଶତକ ହାସଲ କରିଛନ୍ତି ବିରାଟ୍ କୋହଲି। ଦୁବାଇ ଗ୍ରାଉଣ୍ଡରେ ପାକିସ୍ତାନ ବୋଲରଙ୍କୁ ଚେକ୍ ଦେଇ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି ଚେଜ୍ ମାଷ୍ଟର। ଓ୍ୱାନଡେ' ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁକରଙ୍କ ନାଁରେ ୪୯ଟି ଶତକ ରହିଛି। ବିରାଟ ବ୍ୟତୀତ ଏଭଳି ବିରାଟ ରେକର୍ଡ କୌଣସି କ୍ରିକେଟରଙ୍କ ନାମରେ ନାହିଁ। ଏହାଛଡ଼ା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ହୋଇଛନ୍ତି କୋହଲି।




**ଭାରତ ପକ୍ଷରୁ ସର୍ବାଧିକ କ୍ୟାଚ୍:** ଦୁବାଇ ମ୍ୟାଚରେ ବିରାଟଙ୍କ କ୍ୟାରିୟରରେ ଆଉ ଏକ କୀର୍ତ୍ତିମାନ ଯୋଡ଼ି ହୋଇଛି। ଦିନିକିଆ କ୍ରିକେଟରେ ଭାରତ ପକ୍ଷରୁ ସର୍ବାଧିକ କ୍ୟାଚ୍ ଧରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। କୁଲଦୀପ ଯାଦବଙ୍କ ବଲରେ ନସିମ୍ ଶାହାଙ୍କ କ୍ୟାଚ୍ ଧରି ମହମ୍ମଦ ଆଝାର ଉଦ୍ଦିନଙ୍କୁ ରେକର୍ଡଙ୍କୁ ଭାଙ୍ଗି ଦେଇଛନ୍ତି।ବର୍ତ୍ତମାନ ସୁଦ୍ଧା ୧୫୭ଟି କ୍ୟାଚ୍ ନେଇ ସାରିଲେଣି ବିରାଟ। ଇଣ୍ଟରନ୍ୟାଶନାଲ କ୍ରିକେଟରେ ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନ ୨୧୮ କ୍ୟାଚ୍ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି।

**ସର୍ବାଧିକ ଆୱାର୍ଡ ବିଜେତା:** ସେହିପରି ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ପ୍ଲେୟାର ଆଓ୍ୱାର୍ଡ ବିଜେତା ହୋଇଛନ୍ତି ବିରାଟ। ଗତକାଲି ପାକିସ୍ତାନ ବିରୋଧରେ ଶତକୀୟ ଇନିଂସ ଖେଳି ପଞ୍ଚମ ଥର ପାଇଁ ପାକ୍ ବିପକ୍ଷରେ ଏହି ଉପଲବ୍ଧୀ ହାସଲ କରିଛନ୍ତି। ଆଉ ବିଶ୍ୱର ପ୍ରଥମ କ୍ରିକେଟର ହୋଇଛନ୍ତି।

### ଜାତୀୟ ଶକ୍ତି ଉତ୍ତୋଳନ

# ରାଜସ୍ମିତାଙ୍କୁ ସ୍ୱର୍ଣ୍ଣ, ଅନିତାଙ୍କୁ ରୌପ୍ୟ

## ଓଡ଼ିଶା ମହିଳା ଦଳଗତ ବିଜେତା

**ଭୁବନେଶ୍ୱର, ୨୪।୨:** ଜଳନ୍ଧରର ଲଭ୍‌ଲି ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ବରିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶାର ରାଜସ୍ମିତା ସାହୁ ସ୍ୱର୍ଣ୍ଣ ଏବଂ ଅନିତା ବେହେରା ରୌପ୍ୟ ପଦକ ଜିତିଛନ୍ତି। ରାଜସ୍ମିତା ସ୍କ୍ୱାଟ୍‌ରେ ୧୭୬ କେଜି ଉତ୍ତୋଳନ କରି ଜାତୀୟ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନିତା ବେଞ୍ଚ୍ ପ୍ରେସ୍‌ରେ ୯୦ କେଜି ଉତ୍ତୋଳନ କରି ରୌପ୍ୟ ପାଇଥିଲେ। ପୂର୍ବରୁ ଅନୁପମା ସ୍ୱାଇଁ (୫୨ କେଜି) ଓ ଦିବ୍ୟଲେଖା ମିଶ୍ର (୭୬ କେଜି) ଓଭର୍‌ଅଲ୍‌ରେ କାଂସ୍ୟ ପାଇଥିଲେ। ଫଳରେ ଓଡ଼ିଶା ମହିଳା ଦଳଗତ ଭାବେ ଏହି ପ୍ରତିଯୋଗିତାରେ ବିଜେତା ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୬ (୮ ଲେଖାଏଁ ପୁରୁଷ ଓ ମହିଳା) ଜଣ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି ଶକ୍ତି ଉତ୍ତୋଳନ ସଂଘ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମହିଳା ଦଳକୁ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରିଛି।



# ପାକିସ୍ତାନ ବିପକ୍ଷ ମ୍ୟାଚରେ ୭ କୋଟି ଟଙ୍କାର ଘଣ୍ଟା ପିନ୍ଧି ହାର୍ଦ୍ଦିକ ପାଣ୍ଡ୍ୟା

**ଦୁବାଇ, ୨୪।୨:** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପାକିସ୍ତାନକୁ ୬ ୱିକେଟରେ ହରାଇଛି ଟିମ୍ ଇଣ୍ଡିଆ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରିଛନ୍ତି। ପାଣ୍ଡ୍ୟା ୮ ଓଭରରେ ମାତ୍ର ୩୧ ରନ୍ ଦେଇ ଦୁଇଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ହାର୍ଦ୍ଦିକ ଯେତେବେଳେ ବାବର ଆଜମଙ୍କୁ ଆଉଟ୍ କରିବା ପରେ ସେଲିବ୍ରେସନ କରୁଥିଲେ, ସେତେବେଳେ ସମଗ୍ର ବିଶ୍ୱର ନଜର ହାର୍ଦ୍ଦିକ ହାତରେ ଥିବା ଘଣ୍ଟାରେ ରହିଥିଲା। ପାଣ୍ଡ୍ୟା ଏହି ମ୍ୟାଚରେ 'ରିଚାର୍ଡ ମିଲେ'ଙ୍କ ଏକ ଲଗଜରୀ ଘଣ୍ଟା ପିନ୍ଧିଥିବାର ଦେଖାଯାଇଥିଲା। ଏହି ଘଣ୍ଟାଟି ହେଉଛି ରିଚାର୍ଡ ମିଲେ ଆରଏମ୨୭-୦୨ ସିଏ ଏଫକ୍ୟୁ ଟୁରବିଲନ୍ ରାଫେଲ୍ ନାଡାଲ୍ ସ୍କେଲିଟନ୍ ଡାଏଲ୍ ଏଡିସନ୍। ଯାହାର ଦାମ୍ ପ୍ରାୟ ୭ କୋଟି ଟଙ୍କା ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ବାବର ଆଜମ ଏବଂ ସୌଦ ଶକିଲଙ୍କୁ ଆଉଟ୍ କରିଥିଲେ। ହାର୍ଦ୍ଦିକ ବାବରଙ୍କୁ ୱିକେଟକିପର କେଏଲ ରାହୁଲଙ୍କ ହାତରେ କ୍ୟାଚ୍ କରାଇ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଏହି ସମୟରେ ସେଲିବ୍ରେସନ କରୁଥିବା




ବେଳେ ହାର୍ଦ୍ଦିକଙ୍କ ହାତରେ ୭ କୋଟିର ଘଣ୍ଟା ଦେଖିବାକୁ ମିଳିଥିଲା। ବାବର ୨୬ ବଲ୍‌ରେ ୫ଟି ଚୌକା ମାରି ୨୩ ରନ୍ କରିପାରିଥିଲେ। ସେ ସୌଦ ଶକିଲଙ୍କୁ ଅକ୍ଷର ପଟେଲଙ୍କ ହାତରେ କ୍ୟାଚ୍ କରାଇଥିଲେ। ଶକିଲ ୭୬ ବଲ୍‌ରେ ପାଞ୍ଚଟି ଚୌକା ମାରି ୬୨ ରନ୍ ଏକ ଇନିଂସ ଖେଳିଥିଲେ। ରିଚାର୍ଡ ମିଲେ ଆରଏମ୨୭-୦୨ ଏହି ଘଣ୍ଟା ଦୁନିଆର ସବୁଠାରୁ ହାଲୁକା ଘଣ୍ଟା ମଧରେ ଅନ୍ୟତମ। ଏହାର ଓଜନ ଷ୍ଟ୍ରିପ ସହିତ ୨୦ ଗ୍ରାମରୁ କମ୍। ରିଚାର୍ଡ ମିଲେ ଆରଏମ୨୭-୦୨ ଘଣ୍ଟା ୭୦ ଘଣ୍ଟାର ପାୱର ରିଜର୍ଭ ଦେଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଂସ୍କୃତିକ...

ଓଡ଼ିଶା ମଧ୍ୟ ସେହି ଭାରତୀୟ ସାଂସ୍କୃତିକ ଭାବଧାରାର ପରିଚୟ ବହନ କରୁଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଦେଶର ସବୁ କୋଣରୁ ଭକ୍ତ ଆସୁଛନ୍ତି ଓ ମହାପ୍ରଭୁଙ୍କ ରଥଯାତ୍ରାରେ ସବୁ ଧର୍ମ ଓ ସଂସ୍କୃତିର ଲୋକ ଯୋଗଦେଉଛନ୍ତି। ଏହି ମହାଭାରତୀୟ ଐଶ୍ୱରିକ ଚିନ୍ତାଧାରାର ପ୍ରସାରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ତାମିଲନାଡୁର ଭାରତନାଟ୍ୟମ୍ ଆଞ୍ଚଳିକ ଭାଷାଗତ ପାର୍ଥକ୍ୟର ଉର୍ଦ୍ଧ୍ୱରେ ରହି ଶାସ୍ତ୍ରୀୟ ନୃତ୍ୟକଳା ଜରିଆରେ ଭକ୍ତିଭାବର କାହାଣୀ ବର୍ଣ୍ଣନା କରିଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ କାଶୀ ଓ ତାମିଲନାଡୁର ସାସ୍କୃତିକ ଐତିହ୍ୟକୁ ଯୋଡ଼ିବା ପାଇଁ ଏପରି ପ୍ରୟାସ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଅଚ୍ୟୁତ...

ତାଙ୍କୁ ବାଙ୍ଗାଲୁରୁର ଏକ କଲ୍ ସେଣ୍ଟର ଓ ପରେ ଡୋର୍ ସର୍ଭିସ ଚାକିରର ଅଫର୍ କରିଥିଲେ, ଯେଉଁଥିପାଇଁ ଛାତ୍ରୀ ଜଣକ ରାଜି ହୋଇନଥିଲେ।

ପ୍ଲେସମେଣ୍ଟ ମୁଖ୍ୟ ସବୁବେଳେ ଛାତ୍ରୀଙ୍କ ସହ ଦ୍ୱିଅର୍ଥବୋଧକ କଥା ହେଉଥିଲେ। ରାତି ୯ଟା ପରେ କଥା ହେବାକୁ ବାଧ୍ୟ କରୁଥିଲେ। ଏ ବାବଦରେ ଛାତ୍ରୀ ଜଣଙ୍କ ବାରମ୍ବାର କୁଳପତି ଓ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। କିନ୍ତୁ ମିଳିଭଗତରେ ଚାଲିଥିବା ପ୍ଲେସମେଣ୍ଟ ରାକେଟରେ କେହି ହସ୍ତକ୍ଷେପ କରିନଥିଲେ। ବରଂ ଅନ୍ୟ ସହପାଠୀଙ୍କ ଜରିଆରେ ଛାତ୍ରୀଙ୍କ ଉପରେ ପ୍ଲେସମେଣ୍ଟ ମୁଖ୍ୟଙ୍କ କଥାରେ ରାଜି ହେବାକୁ ବାଧ୍ୟ କରାଯାଉଥିଲା। ଅନୈତିକ କାର୍ଯ୍ୟ ଓ ପ୍ଲେସମେଣ୍ଟ ପାଇଁ ଲାଞ୍ଚ ନ ଦେବାରୁ ତାଙ୍କୁ ୩ ବର୍ଷ ହେଲା ଚାକିରି ଭଲ ପ୍ଲେସମେଣ୍ଟ ମିଳୁନି। ଏନେଇ ସେ କେଳେଙ୍କାରୀର ମହାନାୟକ ତଥା ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଭିସି ଶରନ୍‌ଜିତ ସିଂଙ୍କୁ ଜଣାଇଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣି ନଥିଲେ। ବାରମ୍ବାର କିଟକୁ ଡାକି ବୁଢ଼ା ବାପା ଓ ଛାତ୍ରୀଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ଆଣିଛନ୍ତି ପୂରା ପରିବାର।

### ଚିଠି ଲେଖିଲେ...

ଆଦିର ତଦନ୍ତ ନିମନ୍ତେ ଭାରତର ଜାତୀୟ ମାନବାଧିକାର ଆୟୋଗଙ୍କୁ ଲିଖିତ (ଚିଠି ସଂଖ୍ୟା ୨୦୮୧/୧୧/୭) ଅନୁରୋଧ କରିଛନ୍ତି। ନିରପେକ୍ଷ ତଦନ୍ତ କରି ଛାତ୍ରଛାତ୍ରୀମାନଙ୍କୁ ଅମାନବୀୟ ଅତ୍ୟାଚାର ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ସହ ସେଠାରେ ପାଠ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ ନିରାପତ୍ତା ସୁନିଶ୍ଚିତ କରିବା ଏବଂ ପଦାଧିକାରୀଙ୍କୁ ଦାୟୀ କରାଯିବାକୁ ସୁନିଶ୍ଚିତ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ନେପାଳୀ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଆଧାରରେ ନେପାଳ ମାନବାଧିକାର ଆୟୋଗ ଏହି ସମଗ୍ର ଘଟଣାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।

### ବଳପୂର୍ବକ...

ଜମି ଉପରେ ସେତେବେଳେ ଘର କରିବା ଲକ୍ଷ୍ୟରେ ପାଚେରୀ ବୁଲାଇଥିଲେ। ସେମାନଙ୍କ ଜମି ନିକଟରେ କିଟ୍‌ର କ୍ୟାମ୍ପସ ଥିଲା। ତେବେ କିଟ୍ ଓ କିସ୍ ନିଜର କ୍ୟାମ୍ପସ ସମ୍ପ୍ରସାରଣ କରିବା ସମୟରେ ସାଧାରଣ ଲୋକେ କିଣିଥିବା ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଲା । ସେମାନଙ୍କ ପାଚେରୀ ଭାଙ୍ଗିବା ସହିତ ଜମିକୁ ଯାଇଥିବା ରାସ୍ତାକୁ କବ୍‌ଜା କରି ତାହା ଉପରେ ବିଶାଳକାୟ ଲୁହାଗେଟ୍ ଲଗାଇଦେଲା। ଫଳରେ ଜମି କିଣିଥିବା ମାଲିକମାନେ ଆଉ ନିଜ ଜମିକୁ ଯାଇପାରିଲେ ନାହିଁ । ଯେତେବେଳେ ସେମାନେ ଏକାଠି ହୋଇ ୨୦୧୫ରେ ନିଜ ଜମିକୁ ଯିବାକୁ ବାହାରିଲେ ପ୍ରଥମେ ସାମନଙ୍କୁ କିସ୍ ପିଲାଙ୍କ ଦ୍ୱାରା ପଥ ଅବରୋଧ କରାଗଲା । ଏହାପରେ ଅଚ୍ୟୁତଙ୍କ ଗୁଣ୍ଡାମାନେ ସେମାନଙ୍କ ଉପରେ ଆକ୍ରମଣ କଲେ । ବହୁ ଲୋକଙ୍କର କାର୍ ଓ ମୋଟର ସାଇକେଲ ଭାଙ୍ଗିଦେଲେ। ଏ ନେଇ ଥାନାରେ ମାମଲା ହେଲେ ବି ପୁଲିସ୍ ମୂକ ଦର୍ଶକ ସାଜିଲା । ଫଳରେ ନିଜର ଝାଳବୁହା ଧନରେ କିଣିଥିବା ଜମି ଉପରେ ଘରଟିଏ କରିବାର ସ୍ୱପ୍ନ ମଉଳି ଗଲା । ଏହି ଦୁଃଖରେ ଜଣେ ଅବସରପ୍ରାପ୍ତ ପ୍ରଫେସର ଆଖିବୁଜିଦେଲେ।

ସବୁଆଡୁ ନିରାଶ ହେବା ପରେ ସେମାନେ ଶେଷରେ ଅଚ୍ୟୁତଙ୍କ ଭଳି ଜଣେ ଜମି ହଡ଼ପକାରୀଙ୍କୁ ରାଜ୍ୟସଭା ସାଂସଦ ପଦରୁ ବହିଷ୍କାର ପାଇଁ ଏକାଠି ହୋଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲେ। ହେଲେ ସେ ମଧ୍ୟ ଥାନାବାବୁଙ୍କ ଭଳି ନିରବ ରହିଲେ। ଫଳରେ ସାଧାରଣ ଲୋକେ କିଣିଥିବା ଜମିକୁ ବଳପୂର୍ବକ ଭାବେ ଅଚ୍ୟୁତ ଏକପ୍ରକାର ଛଡ଼ାଇନେଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ କେବଳ ଏହି ୩୨ ଜଣଙ୍କ ଜମି ନୁହେଁ, ଅଚ୍ୟୁତ ଯେଉଁ ଜଗନ୍ନାଥ ମନ୍ଦିର କରି ସେଠାରେ ନିଜକୁ ଧର୍ମାବତାର ବୋଲାଉଛନ୍ତି, ତାହା ମଧ୍ୟ ହଡ଼ପ ଜମି ଉପରେ ଛିଡ଼ା ହୋଇଛି। ଏବେ କିଟ୍ କାଣ୍ଡ ପରେ କିଛି ଜମି ହରାଙ୍କ କହିବାକଥା ଯେ ସେମାନଙ୍କ ଅଭିଶାପ ପଡ଼ିଗଲା। ଆଗକୁ ଅଚ୍ୟୁତ ସେମାନଙ୍କ ଲୁହରେ ଭାସିଯିବେ। ଆଦିବାସୀ ପିଲାଙ୍କ ନାଁରେ ଯେଉଁ ଖେଳ ଖେଳୁଛନ୍ତି ତାହା ବେଶୀ ଦିନ ଚାଲିବ ନାହିଁ। ବିଜେପି ସରକାର ବର୍ତ୍ତମାନ ତାଙ୍କର ଜମି ଫେରାଇ ଆଣି ଦେବେବୋଲି ଜମିହରା ମାନେ ଆଶାବାନ୍ଧି ବସିଥିବାବେଳେ ରାଜ୍ୟ ସରକାର କିପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ଅନେକଙ୍କ ନଜର ରହିଛି। ତେବେ କେନ୍ଦ୍ରରେ ଦାୟିତ୍ୱ ନେବା ପରେ ପରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ କିଟ୍ ଜମି ଜବରଦଖଲ ସଂକ୍ରାନ୍ତରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲେଖିଥିବା ପତ୍ର ଉପରେ ସରକାରଙ୍କ ପଦକ୍ଷେପକୁ ମଧ୍ୟ ଅନେକ ଚାହିଁ ବସିଛନ୍ତି ।

### ଚାଷୀଙ୍କ...

ସକାଶେ ଯୋଜନାରେ ସାମିଲ ହୋଇନଥିବା ଚାଷୀମାନଙ୍କୁ ପ୍ରତିଷ୍ଠିତ ପୋର୍ଟାଲ୍ ମାଧ୍ୟମରେ ସେମାନଙ୍କର ଆବେଦନ ଦାଖଲ କରିବାକୁ ଉତ୍ସାହିତ କରାଯାଇଛି। ଏହି ପଦକ୍ଷେପ ଚାଷୀମାନଙ୍କୁ ଆର୍ଥିକ ସହାୟତା ଓ କୃଷି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏକ ଅଂଶ।

### ବିଜେପିକୁ...

ସମସ୍ତଙ୍କ ଉପରେ ହାକିମାତି ଦେଖାଉଥିଲେ। ପାୱାର କରିଡରରେ ନିଜର ପାୱାର ଦେଖାଉଥିଲେ। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବାକୁ ବି ପଛାଉନଥିଲେ।

ତେବେ ମାମଲତି ଅଧିକ ହୋଇଯିବାରୁ ବାବୁ ଏବେ ପାୱାରଲେସ୍। ପାୱାର କରିଡରରୁ ବିଦା ହୋଇଛନ୍ତି। ତେବେ ଭିଡିଓ ଭାଇରାଲ ହେବା ଓ ବିଜେଡିର ସୋସିଆଲ ମିଡିଆ ଏହାକୁ ଇସ୍ୟୁ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହାକୁ ଏବେ ତାଙ୍କ ଦଳଠାରୁ ଆରମ୍ଭ କରି ସାଧାରଣ ଲୋକେ ଚାହିଁବସିଛନ୍ତି।

# କଟକ-ଭୁବନେଶ୍ୱର ଟ୍ୱିନ୍ ସିଟିରେ ରୋକିବ ଅପରାଧ: ଲାଗିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ଅପରାଧ, ଅପରାଧୀ ଏବଂ ଟ୍ରାଫିକ୍ ଉଲ୍ଲଂଘନ ବିରୁଦ୍ଧରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ କଟକ ଏବଂ ଭୁବନେଶ୍ୱରର ଟ୍ୱିନ୍ ସିଟିରେ ଖୁବ୍ ଶୀଘ୍ର ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗାଯିବ। ସୋମବାର ଟ୍ୱିନ୍ ସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହା ଘୋଷଣା କରିଛନ୍ତି। ପୋଲିସ କମିଶନର କହିଛନ୍ତି ଯେ ଏଆଇ-ସକ୍ଷମ କ୍ୟାମେରା ବ୍ୟବହାର ଏହି ଦ୍ରୁତ ସହରୀକରଣ ହେଉଥିବା ସହରଗୁଡ଼ିକରେ ସାଧାରଣ ସୁରକ୍ଷାକୁ ସୁଦୃଢ଼ କରିବ। ନୂତନ ଏଆଇ ପ୍ରଯୁକ୍ତିବିଦ୍ୟା ଟ୍ରାଫିକ ଅପରାଧୀ ଏବଂ ଅପରାଧିକ କାର୍ଯ୍ୟକଳାପ ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବ୍ୟସ୍ତବହୁଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏପରି ନବସୃଜନର ଆବଶ୍ୟକତା ଉପରେ ପୋଲିସ କମିଶନର ଆଲୋକପାତ କରିଥିଲେ। ଏଆଇ କ୍ୟାମେରା ଲାଗିବା ସହିତ, ଯୋଜନାଗୁଡ଼ିକ ମଧ୍ୟରେ କ୍ଲୋଜ୍ ସର୍କିଟ୍ ଟେଲିଭିଜନ (ସିସିଟିଭି) କଭରେଜ୍ ବିସ୍ତାର କରିବା ଏବଂ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରୟାସଗୁଡ଼ିକର ଲକ୍ଷ୍ୟ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ନିରୀକ୍ଷଣ ପ୍ରଦାନ କରିବା, ଯାହା ଦ୍ୱାରା ସୁରକ୍ଷା ବୃଦ୍ଧି ଏବଂ ବାସିନ୍ଦାଙ୍କ ମନର ଶାନ୍ତି ବୃଦ୍ଧି କରିବା। ପୋଲିସ କମିଶନରଙ୍କ ଅନୁଯାୟୀ, ଭୁବନେଶ୍ୱର ଏକ ସ୍ମାର୍ଟ ସିଟି ଏବଂ ଅନେକ ପ୍ରମୁଖ ଛକରେ ପୂର୍ବରୁ ୧୦୦୦ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଜନସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ଦିଗକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଏପରି କ୍ୟାମେରା ପର୍ଯ୍ୟାପ୍ତ ନୁହେଁ। "ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ମୁହଁ ଚିହ୍ନଟ ସହିତ ସଜ୍ଜିତ ହେବ ଯାହା ଦ୍ୱାରା ଅପରାଧୀମାନଙ୍କୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇପାରିବ ଏବଂ ସମ୍ପୂର୍ଣ୍ଣ ବିଶ୍ଳେଷଣ ଏଆଇ-ସକ୍ଷମ ହେବ। ଏହା କମିଶନରେଟ୍ ପୋଲିସ ଦ୍ୱାରା ସେବା ପ୍ରଦାନ, ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପରେ ଅଧିକ ଦକ୍ଷତା ଆଣିବ," ପୋଲିସ କମିଶନର କହିଛନ୍ତି। ସୂତ୍ର ଅନୁଯାୟୀ, ଅଞ୍ଚଳଗୁଡ଼ିକୁ ବିଚାରକୁ ନେଇ ଏବଂ ନାଗରିକ ସମାଜ ଏବଂ ଅନ୍ୟମାନଙ୍କ ପରାମର୍ଶ ଆଧାରରେ ସମ୍ପୃକ୍ତ ପୋଲିସ ଷ୍ଟେସନ ଦ୍ୱାରା କରାଯାଇଥିବା ଏକ ଅଭ୍ୟାସ ଅନୁଯାୟୀ ଏଆଇ କ୍ୟାମେରା ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। କମିଶନରେଟ୍ ପୋଲିସ ଅନେକ ଚୋରି ଏବଂ ଅନ୍ୟାନ୍ୟ ମାମଲା ଚିହ୍ନଟ କରିଛି। ଏହିପରି ମାମଲା କମିଶନରେଟ୍ ପୋଲିସ ପାଇଁ ଏକ ଶିକ୍ଷା ଥିଲା ଏବଂ ଅଧିକ ସିସି ଟିଭି କ୍ୟାମେରା ସ୍ଥାପନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା, ଯାହା ସାଧାରଣ ସହଭାଗୀତା ମାଧ୍ୟମରେ ମଧ୍ୟ ସମ୍ଭବ, ସେ କହିଛନ୍ତି। "ପୂର୍ବରୁ ଆପାର୍ଟମେଣ୍ଟଗୁଡ଼ିକୁ ସିସି ଟିଭି କ୍ୟାମେରା ସ୍ଥାପନ କରିବାକୁ ଅନୁରୋଧ କରିଥିଲୁ।" "ଅନେକ କ୍ୟାମେରା ଲଗାଯାଇଛି, କିନ୍ତୁ କିଛି କ୍ୟାମେରା କାମ କରୁଥିବା ଅବସ୍ଥାରେ ନାହିଁ। ସମସ୍ତ ସୁରକ୍ଷା ବ୍ୟବସ୍ଥା କାମ କରୁଥିବା ଅବସ୍ଥାରେ ଅଛି କି ନାହିଁ ତାହା ନିଶ୍ଚିତ କରିବା ଆପାର୍ଟମେଣ୍ଟ ସୋସାଇଟିଗୁଡ଼ିକର ଦାୟିତ୍ୱ," ପୋଲିସ କମିଶନର ଆହୁରି କହିଛନ୍ତି।

# ପ୍ରେମରେ ବିଫଳ ପ୍ରେମିକ ନେଲା ଭୟଙ୍କର ପ୍ରତିଶୋଧ, ଘରେ ପଶି ମାରିଦେଲା ଯୁବତୀଙ୍କୁ

**ସୋର,୨୪।୨(ସଂଚାର ବ୍ୟୁରୋ):** ସୋର ଲିଙ୍ଗାପଡା ଗ୍ରାମରେ ଘଟିଛି ଛାତିଥରା ଘଟଣା। ପ୍ରେମରେ ବିଫଳ ହୋଇ ଅତି ଜଘନ୍ୟ କାଣ୍ଡ ଘଟାଇଲା ପ୍ରେମିକ । ଯାହା ଖବର ମିଳିଛି କି, ଲିଙ୍ଗାପଡା ଗ୍ରାମର ମନୋରଞ୍ଜନ ରଣାଙ୍କ ଝିଅ ଜ୍ୟୋର୍ତିମୟୀ ରଣା । ଯିଏକି ବିଏ ପାସ୍ ପରେ ବେଙ୍ଗାଲୁରୁରେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ । ସେଠାରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଭୈରବପୁର ଗ୍ରାମର ବିଶ୍ୱନାଥ ପୁହାଣ ନାମକ ଯୁବକ ସହିତ ୫ ବର୍ଷ ତଳୁ, ସୋର କଲେଜ ପଢୁଥିବା



ବେଳଠୁ ଜ୍ୟୋର୍ତିମୟୀଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ମନାନ୍ତର ହେବାରୁ ଜ୍ୟୋର୍ତିମୟୀ ଲିଙ୍ଗାପଡା ଘରକୁ ଚାଲି ଆସିଥିଲେ । ତେବେ ଗତ ଦୁଇ ଦିନ ତଳେ ଜ୍ୟୋର୍ତିମୟୀଙ୍କ ପରିବାର ପକ୍ଷରୁ ବିଶ୍ୱନାଥ ନାମରେ ଏକ ମାମଲା ରୁଜୁ କରାଯାଇଥିଲା । ଯାହାକୁ ନେଇ ଆଜି ବିଶ୍ୱନାଥ ଜ୍ୟୋର୍ତିମୟୀଙ୍କ ଘରେ ପଶି ତାଙ୍କ ବେକକୁ ଏକ ତୀକ୍ଷ୍ଣ ଅସ୍ତ୍ରରେ କାଟି ଦେଇଥିବା ଅଭିଯୋଗ ହୋଇଛି । ମୃତ ଜ୍ୟୋର୍ତିମୟୀଙ୍କ ପଡୋଶୀଙ୍କ ସୂଚନା ମୁତାବକ, ଆଜି ସକାଳ ୧୧ଟାରେ ପ୍ରଥମେ ବିଶ୍ୱନାଥ ରାସ୍ତାରେ ଛିଡା ହୋଇ ପରିସ୍ଥିତି ନିରୀକ୍ଷଣ କରିଥିଲା । ଏହାପରେ ସକାଳେ ଜ୍ୟୋର୍ତିମୟୀଙ୍କ ବାପା ମନୋରଞ୍ଜନ କାର୍ଯ୍ୟକ୍ଷେତ୍ରକୁ ଚାଲିଥିଲେ । ତାଙ୍କ ପଛେ ପଛେ ମାଆ ମଧ୍ୟ ଘରୁ ସ୍କୁଲକୁ ରୋଷେଇ କାର୍ଯ୍ୟ ପାଇଁ ବାହାରି ଯାଇଥିଲେ । ଯାହାର ସୁଯୋଗ ନେଇ ବିଶ୍ୱନାଥ ଜ୍ୟୋର୍ତିମୟୀଙ୍କ ଘର ଭିତରେ ପଶିଥିଲା ଏବଂ ଆଖିପିଛୁଳାକେ ଜ୍ୟୋର୍ତିମୟୀଙ୍କ ବେକକୁ ତୀକ୍ଷ୍ଣ ଅସ୍ତ୍ରରେ କାଟି ଦେବା ସହିତ ତାଙ୍କର ମୋବାଇଲ ନେଇ ଫେରାର ମାରିଥିଲା ।

# ନୟାଗଡ଼ ବିଡିଓ ଦାୟିତ୍ୱ ଗ୍ରହଣ କଲେ ଏଶ୍ୱର୍ଯ୍ୟା ଭୂୟାଁ



ନୟାଗଡ଼, ୨୪।୨ (ସଂଚାର ବ୍ୟୁରୋ) : ନୟାଗଡ଼ ବ୍ଲକରେ ନୂତନ ବିଡିଓ ଭାବେ ଏଶ୍ୱର୍ଯ୍ୟା ଭୂୟାଁ ଆଜି କାର୍ଯ୍ୟରେ ଯୋଗଦାନ ଦେଇଛନ୍ତି । ସେ ହେଉଛନ୍ତି ନୟାଗଡ଼ ବ୍ଲକର ପ୍ରଥମ ମହିଳା ବିଡିଓ । ଗତ କିଛି ଦିନ ତଳେ ତାଙ୍କର ବାରିପଦାରୁ ନୟାଗଡ଼କୁ ବଦଳି ହୋଇଥିଲା । ଆଜି କାର୍ଯ୍ୟରେ ଯୋଗଦାନ କଲାପରେ ବ୍ଲକ ପକ୍ଷରୁ ସମସ୍ତ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଗତ କିଛି ଦିନ ଧରି ବିଡିଓ ପଦବୀ ଖାଲି ପଡିଥିଲା । ବ୍ଲକରେ ସ୍ୱଚ୍ଛତା ଆଣିବାକୁ ପ୍ରୟାସ ଜାରି ରଖିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ ।

# ପଞ୍ଚାୟତ ସମିତି ବୈଠକରେ ପ୍ରବେଶ ବାରଣକୁ ବିରୋଧ, ସାମ୍ବାଦିକଙ୍କ ଗଣଧାରଣା



ବାଲିଅନ୍ତା, ୨୪।୨ (ସଂଚାର ବ୍ୟୁରୋ) : ଆଜି ଏକ ଅଭାବନୀୟ ଘଟଣା ଘଟି ପଞ୍ଚାୟତ ସମିତି ବୈଠକକୁ ସାମ୍ବାଦିକ ମାନଙ୍କୁ ନିମନ୍ତ୍ରଣ କରାଯାଇ ଥିଲେ ମଧ୍ୟ ବୈଠକ ଆରମ୍ଭ ହେବା ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ବାହାର କରିଦିଆଯାଇଥିଲା। ଏହି ଘଟଣାର ପ୍ରତିବାଦ କରି ସାମ୍ବାଦିକ ମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ବିଭିନ୍ନ ସମୟରେ ବ୍ଲକ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କର ସହଯୋଗ କାମନା କରାଯାଇଥାଏ ଏବଂ ପ୍ରଶାସନକୁ ମଧ୍ୟ ସାମ୍ବାଦିକମାନେ ସହଯୋଗ କରନ୍ତି। ଆଜି କିନ୍ତୁ ପ୍ରଶାସନର ଅସଲ ସ୍ୱରୂପ ପଦରେ ପଡ଼ି ଯାଇଛି। ଏପରି କଣ ଗୋପନ ଆଲୋଚନା ହେବାର ଥିଲା ଯେ ସାମ୍ବାଦିକମାନେ ଉପସ୍ଥିତ ରହିଲେ ଅସୁବିଧା ସୃଷ୍ଟି ହୋଇଥାନ୍ତା ଏହା ବୁଝି ହେଉନାହିଁ। ଚଳିତ ସରକାର ସାମ୍ବାଦିକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରବେଶ ଉପରୁ କଟକଣା ଉଠାଇ ଦେଇଥିଲେ ମଧ୍ୟ ବାଲିଅନ୍ତା ପ୍ରଶାସନର ଏଭଳି ମାନସିକତାକୁ ସାମ୍ବାଦିକ ମାନେ ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟ ସ୍ତରରେ ଏହି ଘଟଣାକୁ ଗୁରୁତ୍ୱର ସହିତ ନିଆଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘର ସଭାପତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଆଜିର ଧାରଣାରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୪୦ ରୁ ଅଧିକ ସାମ୍ବାଦିକ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

# ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି



ନୟାଗଡ଼, ୨୪।୨ (ସଂଚାର ବ୍ୟୁରୋ) : ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ମୋଟ ୧୨୩ ଗୋଟି ମାମଲା ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୧୧୩ ଗୋଟି ବ୍ୟକ୍ତିଗତ ମାମଲା ହୋଇଥିବା ବେଳେ ଦୁଇ ଗୋଟି ଗ୍ରାମ୍ୟ ସମସ୍ୟା ରହିଥିଲା। ମୁଖ୍ୟ ମନ୍ତ୍ରୀ ରିଲିଫ ଫଣ୍ଡରୁ ୮ ଗୋଟି ମାମଲା ଗ୍ରହଣ କରାଯାଇଥିଲା । ତୁରନ୍ତ ୨୫ ଗୋଟି ମାମଲାର ସମାଧାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ବିଡିଓଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ଟ୍ରାଫିକ ସମସ୍ୟାରେ ବାଧକ ସାଜିଛି ବିଦ୍ୟୁତ୍ ଖୁଣ୍ଟ

## ସଙ୍କୁଚିତ ହେଉଛି ରାସ୍ତା | ବଢ଼ାଉଛି ଦୁର୍ଘଟଣା ଆଶଙ୍କା



ବୋରିଗୁମ୍ମା, ୨୪।୨ (ସଂଚାର ବ୍ୟୁରୋ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ମୁଖ୍ୟ ଜାତୀୟ ରାଜପଥ ପାର୍ଶ୍ୱରେ ବିଦ୍ୟୁତ ସଂଯୋଗ ବିହୀନ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟିବାର ଆଶଙ୍କା ଲାଗି ରହିଛି। ତାହାକୁ ହଟାଇବାକୁ ବହୁଦିନ ଧରି ଦାବି ହୋଇଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ।

ବୋରିଗୁମ୍ମା ସଦର ମୋହକୁମା ସ୍ଥିତ ମୁଖ୍ୟ ଟ୍ରାଫିକ ଛକରେ ଗୋଟିଏ ରାଜ୍ୟ ରାଜପଥ ଓ ୩ ଟି ଜାତୀୟ ରାଜପଥ ସଂଯୋଗ ହୋଇଥିବା ଯୋଗୁଁ ଏହା ଏକ ବ୍ୟସ୍ତ ବହୁଳ ଛକ ପାଲଟିଛି। ପ୍ରତିଦିନ ଏହି ଛକ ଦେଇ ଶହ ଶହ ଯାନବାହାନ, ରାତ୍ରକାଳୀନ ଯାତ୍ରୀବାହୀ ବସ ପଡୋଶୀ ରାଜ୍ୟ ଛତିଶଗଡ, ଆନ୍ଧ୍ର ପ୍ରଦେଶକୁ ଚଳାଚଳ କରୁଛି। ହେଲେ ଏହି ବିଦ୍ୟୁତ ଖୁଣ୍ଟଟି ବିପଦ ସଂକୁଳ ଅବସ୍ଥାରେ ରାସ୍ତା ମଝିରେ ରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳର କେତକ ବେପରୁଆ ଗାଡିଚାଳକଙ୍କ ଦ୍ରୁତ ଗତିରେ ଗାଡିଚାଳନା ଲୋକଙ୍କୁ ଡରାଉଛି। ପ୍ରତିଦିନ ରାତ୍ର ସମୟରେ ଦ୍ରୁତ ଗତିରେ ଯାତ୍ରୀବାହୀ ବସ ଓ ଭାରୀଯାନ ଚଳାଚଳ କରୁଥିବାରୁ ଗାଡ଼ି ଚାଳକ ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ଥିବା ଜାଣି ନପାରି ନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନକୁ ଏଡ଼େଇ ଦେଇହେବନାହିଁ । ସମସ୍ୟାର ସମାଧାନ ପାଇଁ ଅନେକ ଥର ପ୍ରଶାସନ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ସୁଫଳ ମିଳୁନଥିବା ଅଭିଯୋଗ ହୋଇଆସୁଛି। ବୋରିଗୁମ୍ମା ଟ୍ରାଫିକ ପୁଲିସ ପକ୍ଷରୁ ବିଦ୍ୟୁତ ଖୁଣ୍ଟ ସ୍ଥାନରେ ଏକ ସିଗନାଲ ଲଗାଇ ଲୋକଙ୍କୁ ସଚେତନ କରାଇବା ସହିତ ଗ୍ରାମ ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି



# ଅତିଥିଙ୍କୁ ବରକନ୍ୟାଙ୍କ ନିଆରା ଭେଟି

ନୀଳଗିରି, ୨୪।୨ (ସଂଚାର ବ୍ୟୁରୋ) : ବିବାହର ଚତୁର୍ଥୀ ଭୋଜିରେ ବର କନ୍ୟା ଉପହାର ଗ୍ରହଣ କରିବା ପରିବର୍ତ୍ତେ ବୃକ୍ଷ ଚାରା ଅତିଥିଙ୍କୁ ଉପହାର ଦେବା ବର୍ତ୍ତମାନ ସମାଜରେ ନିଶ୍ଚିତ ଭାବେ ଏକ ଉଦାହରଣ ସୃଷ୍ଟିକାରୀ ମହତ କାର୍ଯ୍ୟ। ଏଭଳି ଏକ ଦୃଶ୍ୟ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତର ଗୋପୀନାଥପୁରରେ ଦେଖିବାକୁ ମିଳିଛି। ଗତ ରବିବାର ନୀଳଗିରି ଗୋପୀନାଥପୁର ଗ୍ରାମର ଯୁବକ ବିଶ୍ୱସୁନ୍ଦର ବାରିକ ଏବଂ ତୃପ୍ତିମୟୀ ବାରିକଙ୍କ ଚତୁର୍ଥୀଭୋଜି ଅନୁଷ୍ଠିତ ହୋଇଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଅବସରରେ ଉପସ୍ଥିତ ଥିବା ପ୍ରତ୍ୟେକ ଲୋକଙ୍କୁ ଗୋଟିଏ ଲେଖାଏଁ ଫଳଚାରା ବଣ୍ଟନ କରାଯାଇଥିବା ବେଳେ ସମସ୍ତେ ଏହି ଗଛଲଗାଇ ଏହାର ଯତ୍ନନେବାକୁ ଉଭୟ ବରକନ୍ୟା ହାତଯୋଡି ନିବେଦନ କରିଥିଲେ। ଉକ୍ତ ଗଛଚାରା ଲଗାଇବା ଦ୍ୱାରା ପରିବେଶ ପ୍ରଦୂଷଣମୁକ୍ତ ହେବା ସହିତ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା ହୋଇପାରିବ। ଯାହା ତାଙ୍କ ପାଇଁ ଆଶୀର୍ବାଦ ସଦୃଶ ହେବ ବୋଲି ଉଭୟ ନବବିବାହିତା ଯୋଡି ମତ ରଖିଥିଲେ। ଏଭଳି ବିଚାରଧାରାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ନାଳି ପୁରୁଣା ଇଟାରେ ଚାଲିଛି ତହସିଲ ପାଚେରୀ କାମ



ନାଉଗାଁ, ୨୪।୨ (ସଂଚାର ବ୍ୟୁରୋ) : ଗ୍ରାମ୍ୟ ଉନ୍ନୟନ ବିଭାଗର ଜଗତସିଂହପୁର ବିଭାଜନ ପକ୍ଷରୁ ନାଉଗାଁ ତହସିଲ କାର୍ଯ୍ୟାଳୟର ପାଚେରୀ ନିର୍ମାଣ କରାଯାଉଛି। କିନ୍ତୁ ଉକ୍ତ ପାଚେରୀ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ କରାଯାଉ ନଥିବା ଜଣାଯାଇଛି। ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟ କରାଯିବା ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଛି। ନିୟମାନୁସାରେ ସରକାରଙ୍କ ସମସ୍ତ ନିର୍ମାଣ କାର୍ଯ୍ୟ ଫ୍ଲାଏ ଆସ ଇଟାରେ ନିର୍ମାଣ କରାଯିବ। କିନ୍ତୁ ସମ୍ପୃକ୍ତ ଠିକାଦାର ପୁରୁଣା ପାଚେରୀକୁ ଭାଙ୍ଗି ସେଥିରୁ ବାହାରିଥିବା ପୁରୁଣା ନାଳି ଇଟାକୁ ନୂତନ ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିବା ଦେଖାଯାଇଛି।

ଏହି ପାଚେରୀ ନିର୍ମାଣ କାର୍ଯ୍ୟ ୨୦ମିଟର ରହିଥିବା ବେଳେ ଏଥିପାଇଁ ୫ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ବ୍ୟୟବରାଦ କରାଯାଇଛି। କିନ୍ତୁ ସମ୍ପୃକ୍ତ ଠିକାଦାର ନିମ୍ନମାନର ସିମେଣ୍ଟ ସହିତ ପୁରୁଣା ନାଳି ଇଟାରେ କାର୍ଯ୍ୟ କରୁଥିବା ଦେଖାଦେଇଛି। ଯାହାକି ପାଚେରୀର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଷୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ସମ୍ପୃକ୍ତ ଠିକାଦାର ଦ୍ୱାରା ଭୂଲବଶତଃ ନାଳି ଇଟାରେ କାର୍ଯ୍ୟ କରାଯାଇଛି, ପରବର୍ତ୍ତି ସମୟରେ ଆବଶ୍ୟକ ଠାରୁ ଅଧିକ ଦୂରତା ପର୍ଯ୍ୟନ୍ତ ପାଚେରୀ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଜାଗର ପାଇଁ ସଜେଇ ହେଉଛି ଶୈବପୀଠ

- ବିଳମ୍ବିତ ରାତ୍ରରେ ଉଠିବ ମହାଦୀପ
- ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି

କାକଟପୁର/ଅସ୍ତରଙ୍ଗ, ୨୪।୨ (ସଂଚାର ବ୍ୟୁରୋ) : ରାତି ପାହିଲେ ମହାଶିବରାତ୍ରି ଅଥବା ଜାଗର। ଏହି ଅବସରରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ସର୍ବପୁରାତନ ଶୈବପୀଠ ସହ ବିଭିନ୍ନ ଶୈବପୀଠରେ ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି। ରଙ୍ଗବେରଙ୍ଗରେ ଆଲୋକମାଳାରେ ସଜେଇ ହେଉଛି ମନ୍ଦିର। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତି ବର୍ଷ ପରି ଶିବ ମନ୍ଦିର ପରିସରକୁ ସଫା ସୁତୁରା କରିବା ସହିତ ରଙ୍ଗ ମାରିବା, ସୁନ୍ଦର ସାଜସଜ୍ଜା ପାଇଁ ଜୋରଦାର ପ୍ରୟାସ ଚାଲିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବାବା ପଶ୍ଚିମେଶ୍ୱର, ଐଶାନେଶ୍ୱର, ଶୀଧେଶ୍ୱର, ଗ୍ରାମେଶ୍ୱର,ଧବଳେଶ୍ୱର, ବେଲେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମନ୍ଦିର ପରିଚାଳନା କମିଟି, ସେବାୟତ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଦେବନୀତି ସମୟ ନିର୍ଘଣ୍ଟ କରାଯାଇଛି। ଜାଗର ଅମାବାସ୍ୟା ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଲ ଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣ ଙ୍କ ଦର୍ଶନ ହେବ। ଦିବା ୧୧ଘଟିକାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହେବ। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ, ପ୍ରସିଦ୍ଧ ଚୁଡାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିବ। ରାତି ୯ଟା ୧୦ମିନିଟ ସମୟରେ ବେଢାଧୂପ, ଖିରି ଧୂପ ପରେ ଅଭିଷେକ କରାଯିବ। ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢା ପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିବ ବୋଲି ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି।

# ଦକ୍ଷିଣେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶ୍ରାବଣୀ ବିଗ୍ରହ ପ୍ରାଣପ୍ରତିଷ୍ଠା



ଆଳି, ୨୪।୨ (ସଂଚାର ବ୍ୟୁରୋ): ଆଳି ବ୍ଲକ୍ ସଂସିଧା ଗ୍ରାମର ବାବା ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କର ନୂତନ ଶ୍ରାବଣୀ ବିଗ୍ରହ ପ୍ରାଣପ୍ରତିଷ୍ଠା ଓ ଅଭିଷେକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମହାଶିବରାତ୍ରି ଉପଲକ୍ଷେ ପୁଣ୍ୟତିଥି ସୋମବାର ଦିନ ସଂସିଧା ଗ୍ରାମବାସୀମାନେ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ କରି କାଣୀନଦୀ ରୁ କଳସୀରେ ଜଳ ଉଠାଇ ନଗରପରିକ୍ରମ କରିବା ପରେ ସୁବାସିତ ଜଳରେ ନୂତନ ଶ୍ରାବଣୀ ବିଗ୍ରହଙ୍କୁ ଜଳଲାଗି କରିଥିଲେ।ଆଧ୍ୟାତ୍ମିକ ବାତା ବରଣରେ ମଧ୍ଯରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ଭକ୍ତି ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ବାବା ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କ ଧାମରେ ପ୍ରସାଦ ସେବନ ସାଙ୍ଗକୁ ନାମସଂକୀର୍ତ୍ତନ ଓ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମରେ ମନ୍ଦିର ପରିବେଶ ଓ ପୁରା ଗାଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥିଲା।ଏହି ଦକ୍ଷିଣେଶ୍ୱର ମନ୍ଦିର କୋଉଁ ଆଭମାନ କଳାରୁ ଥିବା ବେଳେ ଆଜି ଗ୍ରାମ ବାସୀଙ୍କ ପ୍ରଚେଷ୍ଟା ଯୋଗୁ ଶ୍ରାବଣୀ ବିଗ୍ରହ ପ୍ରତିଷ୍ଠା ଗ୍ରାମବାସୀଙ୍କ ସ୍ୱପ୍ନ ପୁରୁଣା ହୋଇ ଥିବା ସହ ଧୁମ ଧାମରେ ଶାନ୍ତିପୂର୍ଣ୍ଣ ସହ ସମାହିତ କରିଥିଲେ।

# ଚିକିତ୍ସା ଅବହେଳା ଯୋଗୁଁ ଆହତ ହରିଣ ଛୁଆ ମୃତ

ଖୋର୍ଦ୍ଧା, ୨୪।୨ (ସଂଚାର ବ୍ୟୁରୋ): ଆଜି ସକାଳ ସମୟରେ ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ କୁମାରବସ୍ତ ଗ୍ରାମ୍ୟ ଜଙ୍ଗଲରେ ଏକ ହରିଣ ପଲ୍ଲକୁ ବୁଲା କୁକୁର ଆକ୍ରମଣ କରିବା ଫଳରେ ଗୋଟିଏ ହରିଣ ଶାବକ ଗୁରୁତର ଭାବେ ଆଘାତ ପାଇ ଛଟପଟ ହେଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ହରିଣ ଛୁଆଟିକୁ ଉଦ୍ଧାର କରି ସକାଳ ୭ଟା ସମୟରେ ଚିକିତ୍ସା ପାଇଁ ଖୋର୍ଦ୍ଧା ପଶୁ ଚିକିତ୍ସାଳୟକୁ ନେଇ ଆସିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ଗୁରୁତର ଭାବେ ଆହତ ହରିଣ ଛୁଆଟିକୁ ବନ ବିଭାଗ ବିନା ଅନୁମତିରେ ଚିକିତ୍ସା କରିବେ ନାହିଁ ବୋଲି ରୋକଠୋକ ଭାବେ ମନା କରିଦେଇଥିବା ବେଳେ ଗ୍ରାମବାସୀମାନେ ହରିଣ ଛୁଆଟିକୁ ଧରି ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ କୌଣସି ସହଯୋଗ କରିନଥିଲେ । ପରେ ବହୁ ବିଳମ୍ବରେ ଆହତ ହରିଣ ଛୁଆର ଚିକିତ୍ସା କରିଥିଲେ ମଧ୍ୟ ହରିଣ ଛୁଆଟିର ମୃତ୍ୟୁ ଘଟିଛି ।

# କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ ବାସଭବନ ପାଲଟିଛି ଭୂତକୋଠି



କୋଣାର୍କ, ୨୪।୨ (ସଂଚାର ବ୍ୟୁରୋ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ ବାସଭବନ ବିଭାଗୀୟ ଦାୟିତ୍ୱହୀନତା ଓ ଅଣଦେଖା ନୀତି ଯୋଗୁଁ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି। ଖବରରୁ ପ୍ରକାଶ ଯେ କୋଣାର୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ ଏଠାରେ ନ ରହି ଅନ୍ୟତ୍ର ରହୁଥିବା ବେଳେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ରାଜ୍ୟ ସରକାରଙ୍କ ତତ୍କାଳୀନ ରାଜ୍ୟ ଜଳ ଯୋଗାଣ ଓ ପରିମଳ ତଥା ବର୍ତ୍ତମାନର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର କୋଣାର୍କଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିବା ଦିନ ଠାରୁ କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ରାସ୍ତାରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ କୌଣସି ଅଧିକାରୀ ଏଠାରେ ନ ରହିବା ଯୋଗୁଁ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଥିବା ଦେଖିବାକୁ ମିଳିଛି। ବିଭାଗୀୟ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟର ଏଭଳି ପରିସ୍ଥିତି ଉପୁଜିଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ପରିବେଶବିତ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

**ବିଭାଗୀୟ ଅଣଦେଖାକୁ ଦାୟୀ କଲେ ବୁଦ୍ଧିଜୀବୀ ଓ ଜନତା**

# ବିଶିଷ୍ଟ ବ୍ୟକ୍ତି ଲକ୍ଷ୍ମୀଧର ମିଶ୍ରଙ୍କ ପରଲୋକ



କାକଟପୁର, ୨୪।୨ (ସଂଚାର ବ୍ୟୁରୋ) : କାକଟପୁର ଅଞ୍ଚଳର ଜଣାଶୁଣା ବିଶିଷ୍ଟ ବ୍ୟକ୍ତି ଲକ୍ଷ୍ମୀଧର ମିଶ୍ରଙ୍କର ୨୨ତାରିଖ ଦିବା ୧୧.୩୫ ମିନିଟରେ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଶ୍ରୀଯୁକ୍ତ ମିଶ୍ର ଜଣେ ବିଶିଷ୍ଟ ସମାଜସେବୀ ଓ ପରୋପକାରୀ ସୁହୃଦ ବ୍ୟକ୍ତି ଥିଲେ। ଅସ୍ତରଙ୍ଗ ଅଂଚଳରେ ଶିକ୍ଷାର ବିକାଶ ସହିତ ନିଜସ୍ୱ ଉଦ୍ୟମରେ ଏକ ଉଚ୍ଚ ବିଦ୍ୟାଳୟ ଓ ଏକ ମାଇନର ସ୍କୁଲ ସ୍ଥାପନ କରିଥିଲେ। ସେ ଅତ୍ୟନ୍ତ ସ୍ପଷ୍ଟବାଦୀ, ନିର୍ଭୀକ ଓ ସାଲିସ ବିହୀନ ବ୍ୟକ୍ତିତ୍ୱ ଥିଲେ। ଅଭାବ ଅନାଟନରେ ଥିବା ଅନେକ ଦୁଃଖୀ ରଙ୍କୀଙ୍କୁ ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ କରୁଥିଲେ। ଶ୍ରୀ ମିଶ୍ରଙ୍କ ମରଶରୀର ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପ୍ରତିଷ୍ଠିତ ସ୍କୁଲ ଓ ନିଜସ୍ୱ ଗ୍ରାମ ବାମଦେଇପୁରରେ ପ୍ରଦକ୍ଷିଣ କରିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହେଇଥିଲା। ଜ୍ୟେଷ୍ଠ ପୁତ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ।

# ଶ୍ରମ ବିଭାଗର ଯାଞ୍ଚ କଡାକଡି, ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ



କାକଟପୁର/ଅସ୍ତରଙ୍ଗ, ୨୪।୨ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ଜଳଖିଆ ଦୋକାନ, ଗାଡି ଗ୍ୟାରେଜ ସମେତ ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ କାମ କରୁଛନ୍ତି। କିନ୍ତୁ ୧୮ତାରିଖ ଦିନ ଶ୍ରମ ବିଭାଗ ଅଭିଯୋଗ ପାଇବା ପରେ ୧୯ତାରିଖରେ କାକଟପୁର ଅଞ୍ଚଳର ଏକ ଚିକେନ ସେଣ୍ଟରରେ ଶ୍ରମବିଭାଗ ଓ ଶିଶୁ ମଙ୍ଗଳ କମିଟି ତରଫରୁ ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ସାହୁ, ଚିନ୍ମୟୀ ପ୍ରିୟଦର୍ଶୀ ଚଢ଼ାଉ କରି ଉକ୍ତ ଚିକେନ ସେଣ୍ଟରରୁ ୧୩ବର୍ଷର ଶିଶୁ ଶ୍ରମିକକୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଉତେଜନା ପରିସ୍ଥିତି ସୃଷ୍ଟି ହେବାରୁ କାକଟପୁର ପୋଲିସଙ୍କ ଉପସ୍ଥିତରେ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଆଗାମୀ ଦିନରେ ଏହି ଚଢ଼ାଉ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଜାରିରହିବ ବୋଲି ସହକାରୀ ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ କେଉଁ ସ୍ଥାନରେ ଶିଶୁ ଶ୍ରମିକ କାମ କରୁଛନ୍ତି ତେବେ ତୁରନ୍ତ ଜିଲ୍ଲାଶ୍ରମ ବିଭାଗକୁ ସୂଚନା ଦେବାକୁ ବିଭାଗୀୟ ଅଧିକାରୀ କହିଛନ୍ତି।

## 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ

# ଅନୁଦାନ ରାଶିକୁ ନେଇ ଜନପ୍ରତିନିଧି କ୍ଷୋଭ

କାକଟପୁର/ଅସ୍ତରଙ୍ଗ, ୨୪।୨ (ସଂଚାର ବ୍ୟୁରୋ) : ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ମହତ୍ତ୍ୱକାଂକ୍ଷା ଯୋଜନା 'ବିକଶିତ ଗାଁ ବିକଶିତ ଓଡିଶା' ମାଧ୍ୟମରେ ସୁଦୃଢ଼ ହେବ ଓଡିଶାର ଅର୍ଥନୀତିର ମେରୁଦଣ୍ଡ। ଏହି କାର୍ଯ୍ୟକ୍ରମର ଫୋକସ ହେବ ପ୍ରତି ପଂଚାୟତରେ ଗଡିବ ବିକାଶର ଗାଡି, ଖର୍ଚ୍ଚ ହେବ କୋଟି କୋଟି ଟଙ୍କା। ପଂଚାୟତକୁ ଆବଣ୍ଟିତ ଅର୍ଥର ସର୍ବାଧିକ ୩୫ପ୍ରତିଶତ କେବଳ ରାସ୍ତା ନିର୍ମାଣ ଖର୍ଚ୍ଚ ହେବ। ଜଙ୍ଗଲ ଅଞ୍ଚଳରେ ଥିବା ଲୋକଙ୍କ ପାଇଁ ମେଟାଲିଂ ମାନର ରାସ୍ତା ନିର୍ମାଣ, ସବୁ ଧାର୍ମିକ ପୀଠର ବିକାଶ ସହ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଖର୍ଚ୍ଚ ହେବ ପାଣ୍ଠି। ପଂଚାୟତ କଲ୍ୟାଣୀ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପୋଖରୀ ଓ ନଦୀକୂଳରେ ଚେଞ୍ଜିଙ୍ଗ ରୁମ୍ ସେଡ ନିର୍ମାଣ ହେବ।

ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଂଚାୟତ ସମିତି ସଭାଗୃହ ପରିସରରେ 'ବିକଶିତ ଗାଁ ବିକଶିତ ଓଡିଶା' ପାଇଁ ସ୍ୱତନ୍ତ୍ର ପଂଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଫେବୃଆରୀ ୫ ତାରିଖରେ'ବିକଶିତ ଗାଁ ବିକଶିତ ଓଡିଶା' ଶୁଭାରମ୍ଭ ପରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପଗୁଡିକ ଉଲ୍ଲେଖ ହୋଇ ବ୍ଲକ ପ୍ରଶାସନକୁ ହସ୍ତଗତ କରାଯାଇଛି। ଯାହାକୁ ନେଇ ସୋମବାର ଅସ୍ତରଙ୍ଗ ପଂଚାୟତ ସମିତି ସଭାଗୃହ ମଧ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। କିଛି ଜନପ୍ରତିନିଧି କ୍ଷୋଭ ପ୍ରକାଶ କରି କହିଛନ୍ତି ପୂର୍ବ ସରକାର ସମୟରେ 'ଆମ ଓଡିଶା ନବୀନ ଓଡିଶା' ପ୍ରକଳ୍ପ ୫୦ଲକ୍ଷ ଟଙ୍କା ପ୍ରତି ପଂଚାୟତକୁ ଅନୁଦାନ ଦିଆଯାଇଥିଲା କିନ୍ତୁ ନୂତନ ସରକାର ଯେଉଁ ଅନୁଦାନ ଦେଇଛନ୍ତି ଜନସଂଖ୍ୟା ଦୃଷ୍ଟି କୋଣରୁ କେଉଁ ପଂଚାୟତକୁ ୮ଲକ୍ଷ ତ କେଉଁ ପଂଚାୟତ ୧୨ଲକ୍ଷ ଓ ୧୩ଲକ୍ଷ ବାର୍ଷିକ ୫୦ଲକ୍ଷ ବଦଳରେ ମିଳୁଛି।



## ଦେବୀନଦୀ ବାମ ପାର୍ଶ୍ୱ ନଦୀବନ୍ଧର ଉନ୍ନତିକରଣ

# ବିନା ସୂଚନା ଫଳକରେ ଚାଲିଛି କୋଟି କୋଟି ଟଙ୍କାର କାର୍ଯ୍ୟ

## ନାମକୁ ମାତ୍ର ନାଳି ବାଲି ପକାଇ ବିଲ କରିବା ପାଇଁ ଯୋଜନା



ନାଉଗାଁ, ୨୪।୨ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳ ଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ଦେବୀନଦୀର ବାମ ପାର୍ଶ୍ୱ ବନ୍ଧର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟଟି ଜଗତସିଂହପୁର ଜଳସେଚନ ବିଭାଜନ ଅଧିନରେ ରହିଛି। ବିଭାଗ ପକ୍ଷରୁ କାର୍ଯ୍ୟଟିକୁ ଟେଣ୍ଡର ମାଧ୍ୟମରେ ଗୌରବ କନଷ୍ଟ୍ରକସନକୁ ପ୍ରଦାନ କରାଯାଇଛି। ଉକ୍ତ ବନ୍ଧ କାର୍ଯ୍ୟରେ ପ୍ରଥମେ ମେଟାଲ ମୋରମ ପକାଯାଇ ରୋଲିଂ ହେବା ପରେ ପିଚୁ କରାଯିବାର ନିୟମ ରହିଛି। କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ନଦୀ ବନ୍ଧରେ ନାମକୁ ମାତ୍ର ନାଳି ବାଲି ପକାଇ ବିଲ କରିବାକୁ ମସୁଧା ଚଳାଇଥିବା ଜଣାଯାଇଛି।

ଉକ୍ତ ନଦୀ ବନ୍ଧ ୧୦କିମି ଅଧିକ କାର୍ଯ୍ୟ କରାଯିବା ପାଇଁ ବିଭାଗ ପକ୍ଷରୁ ୯ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟର କାର୍ଯ୍ୟାରମ୍ଭ ୨୦୨୩ ଡିସେମ୍ବର ୨୮ ରହିଥିବା ବେଳେ କାର୍ଯ୍ୟ ଶେଷ ହେବାର ତାରିଖ ୨୦୨୪ ସେପ୍ଟମ୍ବର ୨୭ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ କାର୍ଯ୍ୟର ଅବଧି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୫୦ ପ୍ରତିଶତ କାର୍ଯ୍ୟ ସରି ନଥିବା ଜଣାଯାଇଛି। ସବୁଠାରୁ ବଡକଥା ହେଲା ସମ୍ପୃକ୍ତ ଠିକାଦାର ନଦୀ ବନ୍ଧ ପାର୍ଶ୍ୱରୁ ମାଟି ଉଠାଇ ବନ୍ଧରେ ପକାଉଥିବା ବେଳେ ନିମ୍ନମାନର ମୋରମ ପକାଯାଉଛି। ଉକ୍ତ ମୋରମ ନାଳି ବାଲି ସଦୃଶ ଦେଖାଯାଉଛି। ଏପରିକି ପବନରେ ଉକ୍ତ ନାଳି ବାଲି ଉଡୁଥିବାର ଦେଖାଯାଉଛି। ସେହିପରି ନଦୀ ପାର୍ଶ୍ୱରୁ ମାଟି ଖୋଳୁଥବାରୁ ବର୍ଷା ଦିନେ ବନ୍ୟା ସମୟରେ ନଦୀ ବନ୍ଧ ପ୍ରତି ବିପଦ ଥିବା ସ୍ଥାନୀୟ ବାସିନ୍ଦା ନକୁଳ ମହାପାତ୍ର, ସଞ୍ଜୟ ରାଉତ ଆଦି ମତବ୍ୟକ୍ତ କରିଛନ୍ତି। ସେହିପରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦି ବନ୍ଧର ଉନ୍ନତିକରଣ କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନଥିବା ଜଣାଯାଇଛି। ଯାହାଫଳରେ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଛି।

ନିମ୍ନମାନର କାର୍ଯ୍ୟ ଯୋଗୁଁ ନଦୀ ବନ୍ଧ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଉକ୍ତ କାର୍ଯ୍ୟ ଉପରେ ତଦନ୍ତ କରାଯାଇ ପୁନର୍ବାର କାର୍ଯ୍ୟ କରାଯିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ଜଳସେଚନ ବିଭାଗର ଜଗତସିଂହପୁର ବିଭାଜନର ଭାରାପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସନ୍ଦିପ କୁମାରଙ୍କୁ ପଚାରିବାରେ କାର୍ଯ୍ୟ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

# ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ: ଧର୍ମେନ୍ଦ୍ର

- ଏସ୍‌ଏମ୍‌ସି ସ୍ୱଚ୍ଛତା ଗାଡ଼ିର ଶୁଭାରମ୍ଭ
- ୫୦ କୋଟି ବ୍ୟୟରେ ସହରରେ ହେବ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ୍
- ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ



**ସମ୍ବଲପୁର,୨୪।୨(ସଂଚାର ବ୍ୟୁରୋ):** ସମ୍ବଲପୁରକୁ ସ୍ୱଚ୍ଛ ରଖିବାକୁ ହେଲେ ଆମକୁ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାକୁ ପଡ଼ିବ। ନିଜକୁ ପରିବର୍ତ୍ତନ ନ କଲେ, ସ୍ୱଚ୍ଛତା ପ୍ରତି ନିଜର ଦାୟିତ୍ୱବୋଧ ନ ରହିଲେ ସମ୍ବଲପୁର ସ୍ୱଚ୍ଛ ହେବ ନାହିଁ। ତେଣୁ ଦଳ, ମତ, ସଂଗଠନ ଓ ବିଚାରରୁ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ଏଥିପାଇଁ କାମ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ 'ଜନ ଭାଗିଦାରୀ ଦ୍ୱାରା ସ୍ୱଚ୍ଛତା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ କେନ୍ଦ୍ର ମନ୍ତ୍ରୀ ନିଜେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପତାକା ଦେଖାଇ ଏସ୍‌ଏମ୍‌ସିର ସ୍ୱଚ୍ଛତା ଗାଡ଼ିର ଶୁଭାରମ୍ଭ ମଧ୍ୟ କରିଥିଲେ।

ଏହି ଅବସରରେ ସେ କହିଛନ୍ତି ଯେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଦେଶର ପ୍ରଗତିରେ 'ସ୍ୱଚ୍ଛତା'କୁ ମାଧ୍ୟମ କରିଥିଲେ। ସେହି ସ୍ୱଚ୍ଛତା ଅଭିଯାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସମ୍ବଲପୁରରେ ସ୍ୱଚ୍ଛ ସମାଜସେବୀ ତିଆରି ହୋଇପାରିଲେ ହିଁ 'ସ୍ୱଚ୍ଛ ସମ୍ବଲପୁର' ସ୍ୱପ୍ନ ପୂରଣ ହୋଇପାରିବ। ନିଜକୁ ଫିଟ୍ ରଖିବା ପାଇଁ ଯେଉଁଭଳି ଆମେ ଶାରିରୀକ ବ୍ୟାୟାମକୁ ଆପଣାଇଛେ, ସ୍ୱଚ୍ଛ ସହର ପାଇଁ ଆମକୁ ସ୍ୱଚ୍ଛତାକୁ ଆପଣାଇବା ପଡ଼ିବ। କାରଣ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ। ସହରର ବିଭିନ୍ନ ପଡ଼ା, ଗଳି ଓ ରାସ୍ତାରେ ବ୍ୟବସ୍ଥିତ ଭାବେ ସମସ୍ତେ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ଭାବେ ରଖିବା ଦରକାର। 'ଆମ ସମ୍ବଲପୁର ସ୍ୱଚ୍ଛ ସମ୍ବଲପୁର' ନାରାକୁ ସଫଳ କରିବା ଦରକାର। ସ୍ୱଚ୍ଛ ସମ୍ବଲପୁର ଲକ୍ଷ୍ୟରେ ଆଗାମୀ ଦିନରେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ସହରରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ ମୋଦି ସରକାର ଯୋଜନା କରିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ଆମେ ସଂକଳ୍ପ ନେବା ଏବଂ ଆମ ସହର ଓ ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା। ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସଂକଳ୍ପ ନେବା। ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ଓ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

## ପୁଣି ଅଶାନ୍ତ ହେବ କେନ୍ଦ୍ରାପଡ଼ା!

# ଗ୍ୟାଙ୍ଗଷ୍ଟରଙ୍କୁ ପୁନଃସକ୍ରିୟ କରୁଛି ବିଜେଡି



- ଅପରାଧୀଙ୍କ ସହ ଗଣେଶ୍ୱରଙ୍କ ମିଳନ
- ଏସପି ଓ ଜିଲ୍ଲାପାଳଙ୍କୁ କଲେଣି ଚ୍ୟାଲେଞ୍ଜ୍

**କେନ୍ଦ୍ରାପଡ଼ା,୨୪।୨(ସଂଚାର ବ୍ୟୁରୋ):** ପୂର୍ବରୁ ଗ୍ୟାଙ୍ଗଷ୍ଟରଙ୍କ ହବ୍ କୁହାଯାଉଥିବା ଜିଲ୍ଲା ମଧ୍ୟରେ କେନ୍ଦ୍ରାପଡ଼ା ନାମ ସର୍ବାଗ୍ରେ ଥିଲା। କାରଣ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ କିମ୍ବା ଟେଣ୍ଡର ଫିକ୍ସିଂ ମାମଲାରେ ଜଡ଼ିତ ରହି ଅସାମାଜିକମାନେ ପୂରା ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିଲେ। ଏହି ଅପରାଧୀଙ୍କ ମଧ୍ୟରେ ବିଶେଷକରି ଟିଟୋ, ହାଇଦର, ସୁଲେମାନ ଭଳି ନାମ ସାମ୍ନାକୁ ଆସିଛି। ପୂର୍ବରୁ ବିଭିନ୍ନ ସମୟରେ ଅପରାଧ ଘଟାଇ ପୂରା ବ୍ୟବସ୍ଥାକୁ ଅକ୍ତିଆର କରିବା ସକାଶେ ଏମାନେ ଚେଷ୍ଟା କରିଥିଲେ। କିନ୍ତୁ କିଛି ବର୍ଷ ହେବ ଏହି ଆତଙ୍କରାଜ ଥମିଥିବା ବେଳେ ଏବେ ପୂରା ଗୋଷ୍ଠୀ ପୁନଃ ଆତଙ୍କ ଖେଳାଇବାକୁ ପ୍ରୟାସ ଆରମ୍ଭ କରିବା ସହ ପ୍ରଶାସନକୁ ଖୁଲମ୍‌ଖୁଲ୍ଲା ଚ୍ୟାଲେଞ୍ଜ ଦେଲେଣି। କାରଣ ଦୀର୍ଘଦିନ ଧରି ଶାନ୍ତ ପଡ଼ିଥିବା ଜିଲ୍ଲାରେ ଏବେ ଅଶାନ୍ତିର ମଞ୍ଜି ପୋତିବାରେ ଲାଗିଛି ବିଜେଡି। ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ସହ ଖେଳ ବାହାନାରେ ମିଶି ଦଳୀୟ ନେତାଏ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଉଥିବା ଚର୍ଚ୍ଚା ଜୋର ଧରିଲାଣି। କେନ୍ଦ୍ରାପଡ଼ା ପୌରସଂସ୍ଥା ଅଧୀନସ୍ଥ ହାଇସ୍କୁଲ ପଡ଼ିଆରେ ଆଜାଦ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଭୂମିକା ନେଇଥିଲେ। ତେବେ ମାଟ୍ରିକ୍ ପରୀକ୍ଷା ସମୟରେ ଏପରି ମ୍ୟାଚ୍ ଆୟୋଜନକୁ ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବାରଣ କରିଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ଖେଳର ଆୟୋଜନ ହୋଇଥିଲା। ଏଥିରେ ବିଜେଡିର ବିଭିନ୍ନ ବିଧାୟକଙ୍କ ସହ ପ୍ରଣବ ପ୍ରକାଶ ଦାସ ଓରଫ୍ ବ୍ରୀତଦାସ ମଧ୍ୟ ଯୋଗଦେଇଥିଲେ। କିନ୍ତୁ ଆୟୋଜକଙ୍କ ମଧ୍ୟରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବ୍ୟକ୍ତି ଖେଳକୁ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପରିଚାଳନା କରୁଥିବାର ଦେଖିବାକୁ ମିଳିଥିଲା। ଖେଳ ବାହାନାରେ ଆଗକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆତଙ୍କ ସୃଷ୍ଟି ପାଇଁ ଷଡ଼ଯନ୍ତ୍ର କରୁଥିବା ସ୍ପଷ୍ଟ ବାରି ହୋଇପଡୁଛି। ଅପରାଧୀମାନେ ବିଜେଡି ନେତାଙ୍କ ଛତ୍ରଛାୟା ତଳେ ରହି ପୁନର୍ବାର ଜିଲ୍ଲାରେ ସକ୍ରିୟ ହେବାକୁ ଲାଗିଲେଣି। କ୍ଷମତାରୁ ଯିବା ପରେ ବିଜେଡି ଏବେ ଔଷଧ ବିକଳରେ ତାଟିଆ କାମୁଡୁଛି। ଅପରାଧୀ ବା ଗ୍ୟାଙ୍ଗଷ୍ଟରମାନଙ୍କୁ ଅସ୍ତ୍ର କରି କିଭଳି ଜନସାଧାରଣଙ୍କୁ ଭୟଭୀତ କରି ଅଶାନ୍ତ ବାତାବରଣ ସୃଷ୍ଟି କରାଯିବ, ସେନେଇ ପ୍ରୟାସ ଆରମ୍ଭ କରିଛି।

# ବଜ୍ରପାତ ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେଲା ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବଜ୍ରପାତ ହେଉଥିବା ପରିଲକ୍ଷିତ ହୋଇଆସିଛି। ତେବେ ଆସନ୍ତା ୨ ଦିନ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଥିବା ବେଳେ ଘଡ଼ଘଡ଼ି ଓ ବିଜୁଳି ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଇଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସହ ଉପକୂଳ ଓଡ଼ିଶାରେ ବିଜୁଳି ଓ ଘଡ଼ଘଡ଼ି ନେଇ କେନ୍ଦ୍ର ପକ୍ଷରୁ ସତର୍କ କରାଯିବା



ସହ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା ନେଇ ୩ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବ। ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ସହ ଘଡଘଡି ନେଇ ସତର୍କତା ଜାରି କରିଛି କେନ୍ଦ୍ର। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲାକୁ ସତର୍କତା ଜାରି କରାଯାଇଛି। ଏହି ସମୟରେ ଘଣ୍ଟା ପ୍ରତି ୪୦ରୁ ୫୦ କିମିଟର ବେଗରେ ପବନ ବହିପାରେ। କେତେକ ସ୍ଥାନରେ କୁଆପଥର ମାଡ଼ ହେବା ନେଇ ମଧ୍ୟ ଆଲର୍ଟ ଜାରି କରାଯାଇଛି। ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ନେଇ ୯ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି ଓ ଗଞ୍ଜାମ ଜିଲାକୁ ଆଲର୍ଟ ଜାରି କରାଯାଇଥିବା ବେଳେ ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ବଜ୍ରପାତ ସମୟରେ କେହି ବି ଘରୁ ବାହାରକୁ ନ ବାହାରିବା ସକାଶେ ପରାମର୍ଶ ଦିଆଯାଇଛି। ଟ୍ରପଲାଇନ ପ୍ରଭାବରେ ରାଜ୍ୟରେ ବଜ୍ରପାତ ସମ୍ଭାବନା ରହିଛି। ଆଜି ୩ ଜିଲା କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହୋଇଥିବା ସୂଚନା ମିଳିଛି।

# ସ୍ୱାମୀ ଚାପୁଡ଼ାରେ ସ୍ତ୍ରୀର ମୃତ୍ୟୁ

- ଚିକେନ ତରକାରୀକୁ ନେଇ ଝଗଡ଼ାରୁ ହତ୍ୟାକାଣ୍ଡ

**ଢେଙ୍କାନାଳ,୨୪।୨(ସଂଚାର ବ୍ୟୁରୋ):** ସାମାନ୍ୟ ଚିକେନ୍ ତରକାରୀରୁ ହତ୍ୟାକାଣ୍ଡ ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଚିକେନ୍ ତରକାରୀ କରିନଥିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ନିଜ ସ୍ତ୍ରୀର ଜୀବନ ନେଇଛି। ଅବଶ୍ୟ ସ୍ୱାମୀ ଉଦ୍ଦେଶ୍ୟମୂଳକ ଭାବେ ଏପରି ଅଘଟଣ ଘଟାଇଛି କି ନାହିଁ, ତା' ସ୍ପଷ୍ଟ ହୋଇନାହିଁ। କିନ୍ତୁ ଢେଙ୍କାନାଳ ଢେଙ୍କାନାଳ ଗଁଦିଆ ଥାନା ଅନ୍ତର୍ଗତ ଷଢ଼ଙ୍ଗୀ ଗ୍ରାମର ଧନିଆନାଳି ମୁଣ୍ଡା ସାହିରେ ଏଭଳି ଏକ ଅଘଟଣ ସାମ୍ନାକୁ ଆସିଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଜେନା ପିଙ୍ଗୁଆ ଓ ସ୍ତ୍ରୀ କୁନି ପିଙ୍ଗୁଆଙ୍କ ମଧରେ ଚିକେନ୍ ତରକାରୀକୁ ନେଇ ଭୀଷଣ ଝଗଡ଼ା ହୋଇଥିଲା। ଦିନବେଳା ଘରୁ ବାହାରିଯିବା ସମୟରେ ଜେନା ଚିକେନ ତରକାରୀ କରିବା ସକାଶେ କୁନିଙ୍କୁ ଟଙ୍କା ଦେଇ ଯାଇଥିଲା। କିନ୍ତୁ କୌଣସ କାରଣରୁ ଚିକେନ ତରକାରୀ କରିନଥିଲେ। ରାତିରେ ଘରେ ପହଞ୍ଚିବା ପରେ ଜେନା ଯେତେବେଳେ ଜାଣିଲା ଯେ କୁନି ଚିକେନ୍ ତରକାରୀ କରିନାହିଁ, ଏଥିରେ ସେ ଭୀଷଣ ଭାବେ ରାଗିଯାଇଥିଲା। ଏହାକୁ ନେଇ ସେମାନଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଜେନା ଭୀଷଣ ଜୋର୍‌ରେ କୁନିଙ୍କୁ ଏକ ଚାପୁଡ଼ା ମାରିଥିଲା। ତେବେ ଏଥିରେ ଘଟଣାସ୍ଥଳରେ ହିଁ କୁନିଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଖବର ପାଇବା ପରେ ଗଁଦିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍




**କେନ୍ଦୁଝର,୨୪।୨(ସଂଚାର ବ୍ୟୁରୋ):** ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ମାମଲାର ବିଚାର କରି ଆଜି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ତେଲକୋଇ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମର ଅଭିଯୁକ୍ତ ସମ୍ବାରି ଜୁଆଙ୍ଗ(୩୦)କୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଉକ୍ତ ଦୋଷୀକୁ ୧୦ ହଜାର ଟଙ୍କା ଜରିମାନା ପଇଠ କରିବାକୁ ବି ବିଚାରପତି ଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ ପରିସ୍ଥିତିରେ ତାକୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ କହିଛନ୍ତି। ଘଟଣାରୁ ପ୍ରକାଶ ଯେ ଗତ ୨୦୨୩ ମେ' ୧୨ ତାରିଖରେ ଦିନ ସମୟରେ ଜନୈକା ଭିନ୍ନକ୍ଷମ ନାବାଳିକା (୧୫) ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସମ୍ବାରି ତାଙ୍କ ଘରେ ପଶି ତାଙ୍କ ସହ ଜୋର ଜବରଦସ୍ତି ଦୁଷ୍କର୍ମ କରିଥିଲା। ତେବେ ଏହି ସମୟରେ ସେଠାରେ ପୀଡ଼ିତାଙ୍କ ବାପା ପହଞ୍ଚିଯିବାରୁ ସମ୍ବାରି ସେଠାରୁ ଦୌଡ଼ି ପଳାଇଯାଇଥିଲା। ପରେ ପୀଡ଼ିତା ନାବାଳିକା ଜଣଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେବା ପରେ ମେ' ୧୩ ତାରିଖରେ ତେଲକୋଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ତେଲକୋଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ପରଦିନ ସମ୍ବାରିକୁ ଦଫା ୪୫୦/୩୭୬/୫୦୬ ଓ ପକ୍‌ସୋ ଧାରା ୬ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଆଜି ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ତଦନ୍ତକୁ ଭିତ୍ତି କରି ସମ୍ବାରିକୁ ଉପରୋକ୍ତ ଦଣ୍ଡ ଶୁଣାଇବା ସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ସକାଶେ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାର ପରିଚାଳନା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କରୁଥିଲେ।

- ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂଆ ଅତିଥି

# ଶାବକକୁ ଜନ୍ମଦେଲା ଅଙ୍କିତା



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରହିଥିବା ବାଘଙ୍କ ମଧରେ ଆଜି ଜଣେ ନୂଆ ଅତିଥି ସାମିଲ୍ ହୋଇଛନ୍ତି। ସାଧାରଣ ରଙ୍ଗର ବାଘୁଣୀ ଅଙ୍କିତା ଆଜି ସକାଳେ ଏକ ଶାବକକୁ ଜନ୍ମ ଦେଇଛି। ମା' ଓ ନବଜାତ ବାଘ ଉଭୟଙ୍କୁ ସିସିଟିଭି ନଜରରେ ରଖାଯାଇଛି ଯାହାଦ୍ୱାରା ସେମାନଙ୍କ ସୁସ୍ଥତା ସୁନିଶ୍ଚିତ ହୋଇପାରିବ। ୧୦୩ ଦିନ ଗର୍ଭଧାରଣ ପରେ ଅଙ୍କିତା ଆଜି ଏହି ଛୁଆକୁ ଜନ୍ମ ଦେଇଥିବା ବେଳେ ଗତ ବର୍ଷ ନଭେମ୍ବର ୧୩ ତାରିଖରେ ତା'ର ବାଘ ସୈଫ୍ ସହ ମିଳନ ହୋଇଥିଲା। ଏହି ସଦ୍ୟତମ ଜନ୍ମ ସହ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମୋଟ ବାଘ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ଏଥିରେ ୧୬ଟି ପୁରୁଷ ଓ ୧୧ଟି ମାଈ ରହିଥିବ ବେଳେ ଅନ୍ୟ ଛୁଆଟିର ଲିଙ୍ଗ ଅଦ୍ୟାବଧି ନିର୍ଣ୍ଣୟ ହୋଇପାରିନାହିଁ। ଗତ ୨୦୧୨ ଜାନୁଆରୀ ୧୩ ତାରିଖରେ ନନ୍ଦନକାନନରେ ବାଘ ଋଷି ଓ ସାରାଙ୍କଠାରୁ ଜନ୍ମିତ ଅଙ୍କିତା ଇତିମଧରେ ତିନୋଟି ଛୁଆରେ ଆଠଟି ଛୁଆ ଜନ୍ମ କରିସାରିଲାଣି। ଗତ ୨୦୧୨ ଜାନୁଆରୀ ୧୨ ତାରିଖରେ ଜନ୍ମ ହୋଇଥିବା ତା'ର ପ୍ରଥମ ଶାବକରେ ଗୋଟିଏ ପୁରୁଷ ଶାବକ ଥିଲା ଯିଏ ଗୋଟିଏ ଦିନ ପରେ ମରିଯାଇଥିଲା। କିନ୍ତୁ ଅନ୍ୟତମ ସନ୍ତାନ ସିକ୍କି ବଞ୍ଚିରହିଛି। ସେହିପରି ଗତ ୨୦୨୩ ଫେବୃଆରୀ ୧୭ ତାରିଖରେ ଜନ୍ମ ହୋଇଥିବା ଦ୍ୱିତୀୟ ଶାବକରେ ଗୋଟିଏ ପୁରୁଷ ଶାବକ (ଅମିତ), ୩ଟି ମାଈ ଶାବକ (ଶ୍ରୀ, ଜୟଶ୍ରୀ, ତୃପ୍ତି) ଓ ଗୋଟିଏ ମୃତ ଶାବକ ଥିଲା। ଅଙ୍କିତାର ମୋଟ ସନ୍ତାନମାନଙ୍କ ମଧରୁ ଦୁଇଟି ମୃତ୍ୟୁବରଣ କରିସାରିଥିବା ବେଳେ ୪ଟି ବଞ୍ଚିଛନ୍ତି ଏବଂ ଦୁଇଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧରେ ସିକ୍କିକୁ ଗତ ୨୦୨୧ ମାର୍ଚ୍ଚରେ ଜୟପୁର ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତୃପ୍ତିକୁ ଗତ ବର୍ଷ ଅଗଷ୍ଟରେ କୋଲକାତାର ଆଲିପୁର ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଛି।

# ଅଗ୍ରୀମ ଫି' ଆଦାୟ କରି ଡିଏମ୍ ପବ୍ଲିକ ସ୍କୁଲ ଅଧକ୍ଷ ହଟହଟା

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ବସୁଆଘାଇସ୍ଥିତ ଡିଏମ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ଅଗ୍ରୀମ ଫି' ଆଦାୟ କରି ହଟହଟା ହୋଇଛନ୍ତି। ମାତ୍ର ଦୁଇ ମାସର ଅଧ୍ୟକ୍ଷ ସ୍କୁଲରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷାକୁ ମୋବାଇଲ ସିମ ସହ ତୁଳନା




କରି କହିଥିଲେ ଯେ 'ଆଗ ଦିଅ ଆଉ ପଛେ ନିଅ'। ଏପରି ଏକ ଦାୟିତ୍ୱହୀନ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇ ସେ ନିଜର ହୀନ ମାନସିକତାର ପରିପ୍ରକାଶ କରିବା ସହ ସହ ଆଗାମୀ ମାର୍ଚ୍ଚ ପାଇଁ ଫି' ଚଳିତ ମାସରେ ଅଗ୍ରୀମ ଦେବାକୁ ବାରମ୍ବାର ନୋଟିସ ଜାରି କରି ହିନସ୍ତା ହୋଇଛନ୍ତି।

୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆଡମିଟ କାର୍ଡ ନ ଦେଇ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରିବା ସହ ସେମାନଙ୍କୁ ମାନସିକ ନିର୍ଯାତନା ଦେଉଥିବାରୁ ଏହାକୁ ନେଇ ଅଭିଭାବକଙ୍କ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା। ଏହାକୁ ନେଇ ଆଜି ଶତାଧିକ ଅଭିଭାବକ ସ୍କୁଲ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ନାୟକଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। କିନ୍ତୁ ଅଧ୍ୟକ୍ଷ ଅଭିଭାବକମାନଙ୍କୁ ବେଖାତିର କରିବା ସହ ଏବେ ନୁହେଁ, ୧୨ଟା ପରେ ଆଲୋଚନା ହେବ ଓ ଆମେ ତମ କଥାରେ କାମ କରିପାରିବୁ ନାହିଁ ବୋଲି କହି ଘଉଡ଼ାଇ ଦେଇଥିଲେ। ଏଥିରେ ମର୍ମାହତ ହୋଇ ଅଭିଭାବକମାନେ ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ପୁଲିସ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସ୍କୁଲ ଚେୟାରମ୍ୟାନ ନୟନତାରା ଆଚାର୍ଯ୍ୟ ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଏଥିସହ କୌଣସି ପିଲା ପରୀକ୍ଷାରୁ ବଞ୍ଚିତ ହେବେ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଧାରଣାରୁ ଓହରିଥିଲେ। ତେବେ ଆଗାମୀ ଦିନରେ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେଥିପ୍ରତି ସବୁ ଘରୋଇ ସ୍କୁଲ୍ ସତର୍କ ରହିବାକୁ ଓଡ଼ିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ପରାମର୍ଶ ଦେଇଛନ୍ତି।

# ୨୮ରୁ ପୁରୀରେ ସୁଭଦ୍ରା ଶକ୍ତି ମେଳା




- ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ
- 'ଲକ୍ଷପତି ଦିଦି' ସ୍ୱପ୍ନ ସାକାର ହେବ

**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ନିକଟରେ ସ୍ଥାନୀୟ ଜନତା ମୈଦାନଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ୍ ଶକ୍ତି ଓ ପର୍ଯ୍ୟଟନ ବିଭାଗ ସହଯୋଗରେ ଉଦ୍‌ଘାଟିତ ହୋଇଛି ସୁଭଦ୍ରା ଶକ୍ତି ମେଳା। ଏହି ମେଳା ନେଇ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମେଳା ଆୟୋଜିତ ହେବ ବୋଲି କହିଥିଲେ। ଏହି କ୍ରମରେ ଆସନ୍ତା ୨୮ ତାରିଖରୁ ପୁରୀର ତାଳବଣିଆସ୍ଥିତ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଏହି ମେଳା ଆରମ୍ଭ ହେବ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ଆଜି ପୁରୀର ସ୍ପେଶାଲ୍ ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ମେଳାରେ ପୁରୀ ଓ ଅନ୍ୟାନ୍ୟ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବେ। ସେମାନଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ୨୦୦ରୁ ଅଧିକ ସାମଗ୍ରୀ ୧୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ପ୍ରଦର୍ଶିତ ହେବ। ଏଥିସହ ଓଡ଼ିଆ ଐତିହ୍ୟ, ସଂସ୍କୃତି, କଳା କାରିଗରୀ କୌଶଳ, ପଟ୍ଟଚିତ୍ର, କଳା କାରୁକାର୍ଯ୍ୟ, ଚାନ୍ଦୁଆ ଆଦି ପ୍ରସ୍ତୁତିର ଲାଇଭ୍ ଡେମୋ ଷ୍ଟଲ୍ ମଧ୍ୟ ସ୍ଥାନ ପାଇବ। ଏହାଛଡ଼ା ପ୍ରତି ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ଓଡ଼ିଆ ଅସ୍ମିତାର ସ୍ୱାଭିମାନ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ନୃତ୍ୟକଳା କଥକ ସହ ମେଲୋଡି ନାଇଟ, ପୁରୀର ଯୋଡ଼ିଶଙ୍ଖ ନୃତ୍ୟ, ଲୋକନୃତ୍ୟ ଛଉ, ଗୋଟିପୁଅ ନୃତ୍ୟକଳା, ଦାସକାଠିଆ, ମାହାରୀ ନୃତ୍ୟ, ରଣପା ଓ ସମ୍ବଲପୁରୀ ନୃତ୍ୟ ଏବଂ ବ୍ୟଙ୍ଗ କବି ସମ୍ମିଳନୀ ଆଦି ରହିଛି।

ଅତିଥିମାନଙ୍କ ମନୋରଞ୍ଜନ ସହ ବ୍ୟାପକ ସ୍ତରରେ ନିଜର ଉତ୍ପାଦ ପ୍ରଦର୍ଶନ କରି ଏସ୍‌ଏଚ୍‌ଜିଗୁଡ଼ିକ ଲୋକଲୋଚନକୁ ଆସିବା ସହ ଦୀର୍ଘମିଆଦୀ ବଜାର ସଂଯୋଗ ସୃଷ୍ଟି ଦିଗରେ ଏହି ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମେଳା ମହିଳାମାନଙ୍କ ଆୟ ବୃଦ୍ଧି ସହ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ୱାଧୀନତା ଏବଂ ମହିଳା ସଶକ୍ତିକରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷପତି ଦିଦି ସୃଷ୍ଟି ସ୍ୱପ୍ନ ସାକାର କରିବ ବୋଲି କୁହାଯାଇଛି।

## ରତ୍ନଗିରି ବୌଦ୍ଧ ପୀଠରେ ଚାଲିଛି ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ

# ୧୩ ଶହ ବର୍ଷ ତଳର ବିରଳ କୀର୍ତ୍ତିରାଜି ଠାବ



**ଯାଜପୁର,୨୪।୨(ସଂଚାର ବ୍ୟୁରୋ):** ଗତବର୍ଷ ଡିସେମ୍ବର ୫ରୁ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧ ବିହାର ରତ୍ନଗିରିରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଜାରି ରହିଛି। ଏହି ଉତ୍‌ଖନନରୁ ୧୩ ଶହ ବର୍ଷ ତଳର ଅନେକ ବିରଳ କୀର୍ତ୍ତିରାଜି ମିଳିଥିବା ଜଣାପଡ଼ିଛି। ଏହି ବୌଦ୍ଧ ପୀଠ ଖନନରୁ ପ୍ରଥମ ଥର ପାଇଁ ମୁଖ୍ୟ ଉପାସନା ଗୃହର ସନ୍ଧାନ ମିଳିବା ସହ ଶହ ଶହ ଦାନସ୍ତୂପ ରହିଛି। ଏଥିସହ ୩ଟି ବିଶାଳ ବୁଦ୍ଧ ମସ୍ତକ, ହସ୍ତୀ ପ୍ରତିମା, ପ୍ରସ୍ତର ଖୋଦିତ ଧାରିଣୀ ମନ୍ତ୍ର ଲେଖା ଥିବା ଶିଳାଲିପି ଆବିଷ୍କୃତ ହୋଇଛି। ଦୀର୍ଘ ଦୁଇ ମାସରୁ ଅଧିକ ସମୟ ଧରି ବୈଜ୍ଞାନିକ ପଦ୍ଧତିରେ ଏହି ପ୍ରତ୍ନତାତ୍ତ୍ୱିକ ଖନନ ଜାରି ରହିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଆସାମ କଟନ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଭାଗର ଛାତ୍ରଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରୁ ପ୍ରତ୍ନତତ୍ତ୍ୱ ରିସର୍ଚ୍ଚ ସ୍କଲାରମାନେ ଏଥିରେ ଭାଗ ନେଇଛନ୍ତି। ଅଦ୍ୟାବଧି ମାଟି ତଳୁ ଯାହାକିଛି ଅବଶେଷ ଆବିଷ୍କୃତ ହୋଇଛି, ତାହା ବୌଦ୍ଧ ଗବେଷକଙ୍କୁ ବିସ୍ମିତ କରିଛି। ପ୍ରାୟ ୬୭ ବର୍ଷ ପରେ ଏଏସଆଇ ପକ୍ଷରୁ ଏହି ଖନନ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ବିଭାଗୀୟ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ କହିଛନ୍ତି।

ପ୍ରାୟ ୬୭ ବର୍ଷ ପୂର୍ବେ ୧୯୫୮ରେ ପ୍ରଥମ ଥର ପାଇଁ ରତ୍ନଗିରି ପୀଠର ଉତଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ନଦୀନାଳ ପାରି ହୋଇ ସୁଦୂର କଲିକତାରୁ ଡ଼. ଦେବଳା ମିତ୍ର ନାମକ ଜନୈକା ମହିଳା ପ୍ରତ୍ନତତ୍ତ୍ୱବିତ ଏଠାରେ ୪ ବର୍ଷ କାଳ ରହି ୧୯୬୨ ପର୍ଯ୍ୟନ୍ତ ଖନନ କାର୍ଯ୍ୟ କରିଥିଲେ। ଖନନ ପରେ ଏଠାରୁ ବହୁ ବିରଳ କୀର୍ତ୍ତିରାଜି ଆବିଷ୍କୃତ ହୋଇଥିଲା। ରତ୍ନଗିରି ଖନନରୁ ମିଳିଥିବା ପ୍ରାୟ ୩ ହଜାରରୁ ଅଧିକ ପ୍ରାଚୀନ ଓ ଦୁର୍ଲ୍ଲଭ କଳାକୃତି ରତ୍ନଗିରି ସଂଗ୍ରହାଳୟରେ ମହଜୁଦ ରହିଛି।

ହୀରକ ତ୍ରିଭୁଜ ଅନ୍ତର୍ଗତ ଲଳିତଗିରି, ଉଦୟଗିରି ଓ ରତ୍ନଗିରି ମଧ୍ୟରୁ ରତ୍ନଗିରି ବୌଦ୍ଧ ପୀଠ ଖନନ ପରେ ୨ଟି ବିଶାଳ ବୌଦ୍ଧ ମହାବିହାର, ଏକ ପୁରାତନ ମହାକାଳ ମନ୍ଦିର, ଇଟାନିର୍ମିତ ଏକ ମହାସ୍ତୂପର ସନ୍ଧାନ ମିଳିଥିଲା। ଏବେ ରତ୍ନଗିରି ମହାବିହାର-୨ ସାମ୍ନାରେ ଥିବା ପୁରାତନ ମହାକାଳ ମନ୍ଦିର ପଛ ପାର୍ଶ୍ୱ ଖନନ କରାଯାଉଛି। ରତ୍ନଗିରିର ପ୍ରାଚୀନ ବୌଦ୍ଧପୀଠ ପଞ୍ଚମ ଶତାବ୍ଦୀରୁ ଆରମ୍ଭ ହୋଇ ସପ୍ତମ ଶତାବ୍ଦୀରେ ବିକଶିତ ହୋଇଥିଲା। ଖନନରୁ ସହସ୍ରାଧିକ ଭୋଟିଭ ସ୍ତୂପ ମଧ୍ୟ ଆବିଷ୍କୃତ ହୋଇଥିଲା। ତେବେ ଦୀର୍ଘ ବର୍ଷ ପରେ ରତ୍ନଗିରି ବୌଦ୍ଧ ପୀଠ ଖନନ ହେବା ଦ୍ୱାରା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଇତିହାସର ଗବେଷଣା ଓ ଅଧ୍ୟୟନକୁ ନୂଆ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି।

# ନଦୀ ଜଳ ଅଧାରୁ ଅଧିକ ସମୁଦ୍ରରେ

**ଭୁବନେଶ୍ୱର, ୨୪।୨:** ରାଜ୍ୟର ନଦୀଗୁଡ଼ିକରେ ପ୍ରବାହିତ ଜଳ ମଧ୍ୟରୁ ଅଧାରୁ ଅଧିକ ଜଳ ଏବେ ବି ସମୁଦ୍ରକୁ ବୋହିଯାଉଛି। ଏହି ଜଳକୁ ରୋକିବା ପାଇଁ ସରକାର ଏକାଧିକ ଯୋଜନା ଗ୍ରହଣ କରୁଥିଲେ ତାହା କେବେ କେବେ ଫଳବତୀ ହେବ ସେଥିନେଇ କୌଣସି ସଠିକ୍ ସୂଚନା ନାହିଁ।

ନଦୀଜଳ ସଂକ୍ରାନ୍ତରେ ହୋଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ ରାଜ୍ୟର ୧୧ଟି ନଦୀ ଅବବାହିକାରେ ୯୫,୫୪୦ ନିୟୁତ କ୍ୟୁବିକ ମିଟର ଜଳ ପ୍ରବାହିତ ହେଉଛି। ଏହିସବୁ ନଦୀଗୁଡ଼ିକ ମଧ୍ୟରେ ରହିଛି ମହାନଦୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ଜାମ୍ବିରା, ବୈତରଣୀ, ବ୍ରାହ୍ମଣୀ, ଋଷିକୂଲ୍ୟା, ବାହୁଦା, ବଂଶଧାରା, ନାଗାବଳୀ, କୋଲାବ ଓ ଇନ୍ଦ୍ରାବତୀ। ଏହି ନଦୀର ଜଳ ସାଧାରଣତଃ ପାନୀୟଜଳ, ଖଣି, ଶିଳ୍ପ, ସାଧାରଣ ବ୍ୟବହାର, ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥାଏ। ତେବେ ନଦୀରେ ପ୍ରବାହିତ ଜଳ ମଧ୍ୟରୁ ୫୩.୪୭ ପ୍ରତିଶତ ଜଳ ସମୁଦ୍ରକୁ ବୋହିଯାଉଛି। ନଦୀ ଜଳକୁ ଅଟକାଇ ତିରୋଟ ସମୟରେ ବ୍ୟବହାର ଲାଗି ସେଭଳି କୌଣସି ବ୍ୟବସ୍ଥା ନଥିବାରୁ ଏତେ ପରିମାଣର ଜଳ ଅପଚୟ ହେଉଛି। ତେବେ ଏହି ଜଳର ସୁବିନିଯୋଗ ଲାଗି ରାଜ୍ୟ ସରକାର ୩୧ଟି ବୃହତ୍ ଓ ମଧ୍ୟ ଜଳଭଣ୍ଡାର ପ୍ରକଳ୍ପ, ୨୭ଟି ବ୍ୟାରେଜ ପ୍ରକଳ୍ପ ଏବଂ ପ୍ରାୟ ୭୨ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟକାରୀ ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। କେତେକ ପ୍ରକଳ୍ପ ପାଇଁ ସର୍ବେକ୍ଷଣ ଓ ଅନୁସନ୍ଧାନ ଚାଲିଥିବାବେଳେ ଆଉ କିଛି ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ଅନୁମୋଦନ ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ ପଡି ରହିଛି।

ମହାନଦୀରେ ପ୍ରବାହିତ ଜଳ ମଧ୍ୟରୁ ୬୧ କ୍ୟୁସେକ ଜଳ ପାନୀୟ ପାଇଁ ବ୍ୟବହାର ହେଉଥିବାବେଳେ ଖଣି ପାଇଁ ୫ କ୍ୟୁସେକ, ଶିଳ୍ପ ପାଇଁ ୧୩୯ କ୍ୟୁସେକ ଜଳ ଯାଉଛି। ସେହିଭଳି ଆଉ କିଛି କାର୍ଯ୍ୟ ପାଇଁ ମହାନଦୀରୁ ୧୩ କ୍ୟୁସେକ ଜଳ ବ୍ୟବହାର ହେଉଛି। ଏହି ପରିମାଣର ଜଳ କେବଳ ୨୦୨୩-୨୪ ବର୍ଷରେ ବ୍ୟହାର ହୋଇଛି। ତେବେ ରାଜ୍ୟର ବିଭିନ୍ନ ନଦୀରୁ ବ୍ୟବହାର ହୋଇଥିବା ଜଳ ମଧ୍ୟରୁ ସର୍ବାଧିକ ଶିଳ୍ପକୁ ଯାଉଥିବାବେଳେ ଏହା ପଛକୁ ପାନୀୟ ଜଳ ପାଇଁ ବ୍ୟହାର ହେଉଛି। ଶିଳ୍ପ ପାଇଁ ଏହି ଗୋଟିଏ ବର୍ଷରେ ୬୧୩ କ୍ୟୁସେକ ଜଳ ବ୍ୟବହାର ହେଉଥିବାବେଳେ ଶିଳ୍ପସଂସ୍ଥାମାନେ ବ୍ରାହ୍ମଣୀରୁ ସର୍ବାଧିକ ୩୭୨ କ୍ୟୁସେକ ଜଳ ଟାଣିଛନ୍ତି। ବୈତରଣୀରୁ ୫୨ କ୍ୟୁସେକ, ନାଗାବଳୀରୁ ୨୫ କ୍ୟୁସେକ ଓ କୋଲାବରୁ ୨୧ କ୍ୟୁସେକ ଜଳ ଶିଳ୍ପକୁ ଯାଇଛି। ସେହଭଳି ଖଣି ପାଇଁ ମଧ୍ୟ ବ୍ରାହ୍ମଣୀରୁ ସର୍ବାଧିକ ୩୦ କ୍ୟୁସେକ ଜଳ ଯାଇଥିବାବେଳେ ମହାନଦୀରୁ ଏହି ପରିମାଣର ୫ କ୍ୟୁସେକରୁ ଅଧିକ ରହିଛି। ତେବେ ରାଜ୍ୟର ପ୍ରମୁଖ ନଦୀଗୁଡିକରେ ପ୍ରବାହିତ ଜଳକୁ ଠିକଣା ଭାବେ ରୋକାଯାଉ ନ ଥିବାରୁ ଖରାଦିନେ ତିରୋଟ ସ୍ଥିତି ଉପୁଜୁଛି। ଗୋଟିଏ ପଟେ ଅଧାରୁ ଅଧିକ ଜଳ ସମୁଦ୍ରକୁ ଚାଲିଯିବା ଓ ଅନ୍ୟପଟେ ଓଡ଼ିଶାର ଉପର ମୁଣ୍ଡରେ ଅନ୍ୟ ରାଜ୍ୟମାନେ ଏକାଧିକ ନଦୀବନ୍ଧ ସ୍ଥାପନ କରି ଜଳପ୍ରବାହକୁ ରୋକିବା ଫଳରେ ଗ୍ରୀଷ୍ମଋତୁରେ ଅଧିକାଂଶ ନଦୀଶଯ୍ୟା ଶୁଖିଲା ପଡୁଛି। ଏହାଦ୍ୱାରା ଚାଷବାସଠାରୁ ଆରମ୍ଭ କରି ମତ୍ସ୍ୟ ଓ ପଶୁପାଳନ ପ୍ରଭାବିତ ହେଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ସୁନା ବଜାରରେ ନିଆଁ। ଦାଉଁ ଦାଉଁ ହୋଇ ଚମକୁଛି ସୁନା। ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୭୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୪୫୦ ଟଙ୍କା ଛୁଇଁଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଜି ଭାରତରେ ସୁନା ମୂଲ୍ୟ ବୃଦ୍ଧି ପାଇଛି। ଫେବୃଆରୀ ୨୪, ୨୦୨୫ରେ ୨୪ କ୍ୟାରେଟ୍ ସୁନା (୧୦ ଗ୍ରାମ) ର ମୂଲ୍ୟ ୮୭,୮୭୦ ଟଙ୍କା ଥିଲା ବେଳେ ୨୨ କ୍ୟାରେଟ୍ ସୁନା (୧୦ ଗ୍ରାମ)ର ମୂଲ୍ୟ ୮୦,୫୫୦ ଟଙ୍କା ଥିଲା। ସୋମବାର ଭୁବନେଶ୍ୱର (ଓଡ଼ିଶାର ରାଜଧାନୀ)ରେ ଗତ ୨୪ ଘଣ୍ଟା ମଧ୍ୟରେ ହଳଦିଆ ଧାତୁର ମୂଲ୍ୟ ବୃଦ୍ଧି ପାଇଛି। ୨୪ କ୍ୟାରେଟ୍ ସୁନା (୧୦ ଗ୍ରାମ)ର ମୂଲ୍ୟ ୮୭,୮୭୦ ଟଙ୍କା ହୋଇଥିବା ବେଳେ ୨୨ କ୍ୟାରେଟ୍ ସୁନା (୧୦ ଗ୍ରାମ) ର ମୂଲ୍ୟ ୮୦,୫୫୦ ଟଙ୍କା ରହିଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୫୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୮୭୦ ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୮ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ଖୁବଶୀଘ୍ର ଲଞ୍ଚ ହେବ ବିଶ୍ୱର ପ୍ରଥମ ସିଏନ୍‌ଜି ସ୍କୁଟର

**ନୂଆଦିଲ୍ଲୀ, ୨୪।୨:** ଆପଣ ଗୋଟିଏ ଭଲ ସ୍କୁଟର କିଣିବା ପାଇଁ ପ୍ଲାନ୍ କରୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ବେଷ୍ଟ ହୋଇପାରିବ। ଜାନୁଆରୀରେ ଦିଲ୍ଲୀରେ ଅନୁଷ୍ଠିତ ଅଟୋ ଏକ୍ସପୋ ୨୦୨୫ ରେ ଟିଭିଏସ୍ ର ଅନେକ ନୂଆ ସ୍କୁଟର ଉପସ୍ଥାପନ କରିଥିଲା। ଏଥିରେ ଟିଭିଏସ୍ ଜୁପିଟର ସିଏନ୍‌ଜି ର ନାମ ସାମିଲ୍ ଅଛି। ରିପୋର୍ଟ ଅନୁଯାୟୀ, ଟିଭିଏସ୍ ଜୁପିଟର ସିଏନ୍‌ଜି ସ୍କୁଟର ଆଗାମୀ ମାସ ମଧ୍ୟେ ଲଞ୍ଚ ହୋଇପାରେ। ଟିଭିଏସ୍ ଜୁପିଟର ସିଏନ୍‌ଜି କୁ ବିଶ୍ୱର ପ୍ରଥମ ସିଏନ୍‌ଜି ପାୱାର ସ୍କୁଟର ବୋଲି କୁହାଯାଏ। କମ୍ପାନୀ ଦାବି କରୁଛି ଯେ ଏହାର ରନିଙ୍ଗ କଷ୍ଟ ପ୍ରତି କିଲୋମିଟର ପାଇଁ ୧ ଟଙ୍କାରୁ ମଧ କମ୍। ଏଥିରେ ୧.୪ କିଲୋଗ୍ରାମର ସିଏନ୍‌ଜି ଟ୍ୟାଙ୍କ୍ ଅଣ୍ଡରସିଟ୍ ଷ୍ଟୋରେଜ୍ ଏରିଆରେ ରଖାଯାଇଛି। କମ୍ପାନୀ କହିଛି ଯେ ଏହି



ସ୍କୁଟରଟି ୧ କିଲୋଗ୍ରାମ୍ ସିଏନ୍‌ଜି ରେ ୮୪ ମିଲୋମିଟର ପର୍ଯ୍ୟନ୍ତ ମାଇଲେଜ୍ ଦେବ। ଏହା ସହିତ ଟିଭିଏସ୍ ଜୁପିଟର ର ଟ୍ୟାଙ୍କ ଫୁଲ୍ ପରେ ୨୨୬ କିଲୋମିଟର ଚାଲିବ। ଯଦି ପାୱାରଟ୍ରେନ୍ ବିଷୟରେ କହିବା, ତେବେ ଜୁପିଟର ସିଏନ୍‌ଜି ରେ ଓବିଡି୨ବି କମ୍ପ୍ଲେଣ୍ଟ ଇଞ୍ଜିନ୍ ଦିଆଯାଇଛି। ଏଥିରେ ୧୨୫ ସିସିର ବାୟୋ-ଫ୍ୟୁଏଲ୍ ଇଞ୍ଜିନ୍ ଅଛି, ଯାହା ୬୦୦ ଆରପିଏମରେ ୫.୩ କିଲୋୱାଟର ପାୱାର ମିଳିଥାଏ ଏବଂ ୫୫୦୦ ଆରପିଏମରେ ୯.୪ ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଜୁପିଟର ସିଏନ୍‌ଜି ରେ ନୂଆ ଏବଂ ସ୍ମାର୍ଟ ଫିଚର୍ସ ଦିଆଯାଇଛି। ଏଥିରେ ଏଲ୍‌ଇଡି ହେଡଲାଇଟସ୍, ୟୁଏସବି ଚାର୍ଜ, ଷ୍ଟାଣ୍ଡ କଟଅଫ୍ ଏବଂ ବ୍ଲୁଟୁଥ କନେକ୍ଟିଭିଟି ଭଳି ସୁବିଧା ମିଳିପାରିବ। ଏହି ସ୍କୁଟର ଇକୋ-ଫ୍ରେଣ୍ଡଲି ଏବଂ ଫ୍ୟୁଏଲ୍-ସେଭିଙ୍ଗ୍ ମିଳିଥାଏ। ଏହି ସ୍କୁଟର ଇକୋ-ଫ୍ରେଣ୍ଡଲି ଏବଂ ଫ୍ୟୁଏଲ୍-ସେଭିଙ୍ଗ୍ ପାଇଁ ଖାସ୍ ଭାବରେ ଡିଜାଇନ୍ କରାଯାଇଛି। ବର୍ତ୍ତମାନ ଟିଭିଏସ୍ ଜୁପିଟର ୧୨୫ ପେଟ୍ରୋଲ୍ ଭର୍ସନର ପ୍ରାଇସ୍ ୮୮,୧୭୪ ଟଙ୍କାରୁ ୯୯,୦୧୫ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହା କୁହାଯାଉଛି ଯେ ଏହାର ନୂଆ ସିଏନ୍‌ଜି ଭର୍ସନ ମଧ ସମାନ୍ ରେଞ୍ଜରେ ଲଞ୍ଚ ହେବ, ଅର୍ଥାତ୍ ପ୍ରାୟ ୯୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିବ। ହେଲେ ଏଥିରେ ଏକ ସିଏନ୍‌ଜି ଟ୍ୟାଙ୍କ୍ ଥିବାରୁ, ବୁଟ୍ ସ୍ପେସ୍ ଟିକେ କମ୍ ହୋଇପାରେ।

## ୧୦ ବିମାନବନ୍ଦର ଘରୋଇକରଣ ହେବ ତାଲିକାରେ ଭୁବନେଶ୍ୱର ବିମାନବନ୍ଦର



**ନୂଆଦିଲ୍ଲୀ, ୨୪।୨:** କେନ୍ଦ୍ର ସରକାର ଆଉ ୧୦ଟି ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବା ଲାଗି ଯୋଜନା କରିଛନ୍ତି। ଘରୋଇ-ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ଏହି ବିମାନବନ୍ଦରଗୁଡ଼ିକୁ ଲିଜ୍‌ରେ ଦେବା ଲାଗି ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ଜାତୀୟ ମନେଟାଇଜେସନ୍ ପାଇପ୍‌ଲାଇନ୍ ଅଧୀନରେ ୨୦୨୨ରୁ ୨୦୨୫ ମଧ୍ୟରେ ୨୫ଟି ବିମାନବନ୍ଦରର ଘରୋଇକରଣ କରିବାକୁ ଲକ୍ଷ୍ୟ ରହିଛି। ଭୁବନେଶ୍ୱର, ବାରାଣସୀ, ଅମୃତସର ଓ କୋଏମ୍ବାଟୁର ବିମାନବନ୍ଦରର ଘରୋଇକରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ବିଭିନ୍ନ ରାଜ୍ୟରେ ନିର୍ବାଚନ ଓ ଲୋକସଭା ନିର୍ବାଚନ ରହିବାରୁ ବିମାନବନ୍ଦର ଘରୋଇକରଣ ପ୍ରତି ଧ୍ୟାନ ଦିଆଯାଇନଥିଲା। ୨୦୨୫-୨୬ ବଜେଟ୍‌ରେ ଏ ସମ୍ପର୍କରେ ଘୋଷଣା ଆଶା କରାଯାଉଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କିଛି ଘୋଷଣା ହୋଇନଥିଲା। ପୂର୍ବରୁ ହୋଇଥିବା ଘରୋଇକରଣଗୁଡ଼ିକରେ ଅଧିକାଂଶ ବିମାନବନ୍ଦର ଆଦାନୀ ଗ୍ରୁପ୍‌କୁ ମିଳିଥିଲା। ବର୍ତ୍ତମାନ ଏହା ଥିରୁବନନ୍ତପୁରମ, ମାଙ୍ଗାଲୁରୁ, ଅହମ୍ମଦାବାଦ, ଜୟପୁର, ଲକ୍ଷ୍ନୌ ଓ ଗୌହାଟୀ ବିମାନବନ୍ଦରର ପରିଚାଳନା କରୁଛି। ୨୦୧୯ରେ କମ୍ପାନି ଏହି ବିମାନବନ୍ଦରଗୁଡ଼ିକୁ ହାସଲ କରିଥିଲା। ଆଗାମୀ ଦିନରେ ହେବାକୁ ଥିବା ଘରୋଇକରଣରେ ଭାଗ ନେବାକୁ ମଧ୍ୟ କମ୍ପାନି ଆଗ୍ରହୀ ରହିଛି। ଭୁବନେଶ୍ୱର ବିମାନବନ୍ଦର ଲାଗି ଏହା ବିଡ୍ ଦାଖଲ କରିବା ଆଶା କରାଯାଉଛି। ଭୁବନେଶ୍ୱର ବିମାନବନ୍ଦର ଘରୋଇକରଣକୁ ବିଜୁ ଜନତା ଦଳ (ବିଜେଡି) ବିରୋଧ କରୁଛି। ଗତବର୍ଷ ବିଜେଡ଼ି ନେତା ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଘରୋଇକରଣର ଯେକୌଣସି ପ୍ରସ୍ତାବକୁ ଓଡ଼ିଶାବାସୀ ବିରୋଧ କରିବେ। ସଂସଦ ଓ ବିଧାନସଭା ସାମ୍ନାରେ ବିଜେଡି ସାଂସଦ ଓ ବିଧାୟକମାନେ ପ୍ରତିବାଦ କରିବେ ବୋଲି ସେ କହିଥିଲେ।

# ବିଦେଶୀ ନେଇଗଲେ ଲକ୍ଷେ କୋଟି

**ମୁମ୍ବାଇ, ୨୪।୨:** ଭାରତୀୟ ଷ୍ଟକ୍ ବଜାର କାରବାରରେ ଗତ କିଛି ଦିନ ଧରି ଜାରି ରହିଥିବା ଅସ୍ଥିରତାର ଏକ ପ୍ରମୁଖ କାରଣ ହେଉଛି ବିଦେଶୀ ନିବେଶକମାନଙ୍କ ଦ୍ୱାରା ପାଣ୍ଠି ପ୍ରତ୍ୟାହାର। ୨୦୨୫ରେ ବର୍ତ୍ତମାନ ସୁଦ୍ଧା ସେମାନେ ଭାରତରୁ ଲକ୍ଷେ କୋଟି ଟଙ୍କାରୁ ଅଧିକ ପ୍ରତ୍ୟାହାର କରିଛନ୍ତି। ସେଥିରୁ କେବଳ ଫେବୃଆରି ମାସରେ ୨୩,୭୧୦ କୋଟି ଟଙ୍କା ନେଇଛନ୍ତି। ଜାନୁଆରିରେ ସେମାନେ ୭୮,୦୨୭ କୋଟି ଟଙ୍କା ନେଇଥିଲେ। ମୋଟ ଉପରେ ଚଳିତ ବର୍ଷ ସେମାନେ ୧,୦୧,୭୩୭ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ବିଦେଶୀ ନିବେଶକମାନେ ଭାରତ ତୁଳନାରେ ଚୀନ୍ ବଜାରକୁ ପ୍ରାଧାନ୍ୟ ଦେଉଥିବାରୁ, ଏଠାରୁ ନିଜର ନିବେଶ ରାଶି ପ୍ରତ୍ୟାହାର କରି, ତାହାକୁ ନେଇ ଚୀନ୍‌ରେ ନିବେଶ କରୁଛନ୍ତି।

ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇବାର ଧମକ ଦେଇ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟପଟେ ବିଦେଶୀ ନିବେଶକମାନେ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ, ଭାରତୀୟ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଛି। ଲଗାତାର ଭାବେ ସେନ୍‌ସେକ୍ସ ଓ ନିଫ୍ଟିରେ ହ୍ରାସ ଘଟୁଛି। ଚଳିତ ବର୍ଷ ନିବେଶକମାନେ ୩୫ ଲକ୍ଷ କୋଟି ଟଙ୍କାରୁ ଅଧିକ




ହରାଇସାରିଲେଣି। ସେନ୍‌ସେକ୍ସରେ ୩୦୦୦ ପଏଣ୍ଟ ପାଖାପାଖି ହ୍ରାସ ହୋଇଛି। ଭାରତରେ ମଧ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଆୟ ଏତେଟା ଉତ୍ସାହଜନକ ନାହିଁ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତାର ଭାବେ ତଳକୁ ଖସୁଛି। ଫଳରେ ଇକ୍ୱିଟି ବଜାର ପ୍ରତି ନିବେଶକମାନଙ୍କ ଯେଉଁ ଆକର୍ଷଣ ଥିଲା ତାହା ମଳିନ ହେବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ବିଜୟୀ ହେବା ପରେ ସମଗ୍ର ବିଶ୍ୱରୁ ପାଣ୍ଠି ପ୍ରତ୍ୟାହାର ହୋଇ ଆମେରିକା ଯାଉଛି। ଚୀନ୍ ମଧ ଏକ ଆକର୍ଷଣୀୟ ସ୍ଥାନ ଭାବେ ଉଭା ହୋଇଛି। ଚୀନ୍‌ର

### ଫେବ୍ରୁଆରିରେ ଉଠିଲାଣି

ସେୟାରଗୁଡ଼ିକର ଦାମ୍ ଭାରତୀୟ ସେୟାର ତୁଳନାରେ କମ୍ ରହିଛି। ତେଣୁ ବିଦେଶୀ ନିବେଶକମାନେ 'ଭାରତର ବିକି, ଚୀନ୍‌ର କିଣିବା' ନୀତି ଗ୍ରହଣ କରିଛନ୍ତି। ଚୀନ୍ ସରକାର ଅର୍ଥନୈତିକ ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କରିଥିବାରୁ ସେଠାକାର ବଜାର ଆକର୍ଷଣୀୟ ହୋଇଛି। କିନ୍ତୁ ସେହି ଆକର୍ଷଣ ଅଧିକ ସମୟ ରହିବାର ସମ୍ଭାବନା କିନ୍ତୁ କମ୍ ରହିଛି। ବିଦେଶୀ ନିବେଶକମାନଙ୍କ ମାନସିକତା ଜାଣିବା ଏକ କଷ୍ଟକର ବ୍ୟାପାର। କାରଣ ୨୦୨୨ରେ ସେମାନେ ଭାରତୀୟ ବଜାରରୁ ୧.୨୧ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। କିନ୍ତୁ ୨୦୨୩ରେ ୧.୭୧ ଲକ୍ଷ କୋଟି ଟଙ୍କା ନିବେଶ କରିଥିଲେ। ୨୦୨୪ରେ ନିବେଶ ଓ ପ୍ରତ୍ୟାହାରର ଧାରା ଜାରି ରହିଥିଲା। ବର୍ଷ ଶେଷ ବେଳକୁ ସେମାନଙ୍କ ନିଟ୍ ନିବେଶ ନଗଣ୍ୟ ୪୨୭ କୋଟି ଟଙ୍କା ଥିଲା।

## ସେଟ-ଟପ୍ ବକ୍ସ ବ୍ୟବହାରକାରୀଙ୍କୁ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୨୪।୨:** ସାରା ଦେଶରେ ସେଟ-ଟପ୍ ବକ୍ସ ବ୍ୟବହାରକାରୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଏବେ ସେବା ପ୍ରଦାନକାରୀ ପରିବର୍ତ୍ତନ କରିବା ସମୟରେ ସେମାନଙ୍କୁ ସେମାନଙ୍କର ସେଟ-ଟପ୍ ବକ୍ସ ବଦଳାଇବାକୁ ପଡ଼ିବ ନାହିଁ। ଉଦାହରଣ ସ୍ୱରୂପ ଯଦି କେହି ଟାଟା ସ୍କାଏରୁ ଏୟାରଟେଲକୁ ସ୍ଥାନାନ୍ତରିତ ହୁଅନ୍ତି, ତେବେ ସେମାନଙ୍କୁ ଏବେ ସେମାନଙ୍କର ସେଟ-ଟପ୍ ବକ୍ସ ମଧ ପରିବର୍ତ୍ତନ କରିବାକୁ ପଡିଥାଏ। ତେବେ ବର୍ତ୍ତମାନ ଏଥରୁ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିଛି। ପ୍ରକୃତରେ, ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଏକକ ସେଟ୍-ଟପ୍ ବକ୍ସ ବ୍ୟବହାର କରିବାକୁ ସୁପାରିଶ କରିଛି। ଟ୍ରାଇ ଟେଲିକମ୍ ଆଇନ-୨୦୨୩ ଅନ୍ତର୍ଗତ ପ୍ରସାରଣ ସେବା ପ୍ରଦାନ ପାଇଁ ସେବା କର୍ତ୍ତୃପକ୍ଷଙ୍କ ଢାଞ୍ଚା ଉପରେ ଏହାର ସୁପାରିଶ ପ୍ରକାଶ କରିଛି। ଏହି ଆଇନ ୧୮୮୫ ମସିହାର ଟେଲିଗ୍ରାଫ୍ ଆଇନକୁ ବଦଳାଇଲା। ନିୟାମକ କହିଛନ୍ତି ଯେ ସୁପାରିଶଗୁଡ଼ିକ ପ୍ରସାରଣ କ୍ଷେତ୍ରରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟବସାୟ କରିବାର ସହଜତାକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ।

## ପୁଣି ଥରେ ଆସିବ ୟୁଟ୍ୟୁବ ପ୍ରିମିୟମ ଲାଇଟ

**ନୂଆଦିଲ୍ଲୀ, ୨୪।୨:** ଗୁଗୁଲ୍ ଖୁବ୍‌ଶୀଘ୍ର ୟୁଟ୍ୟୁବ ପ୍ରିମିୟମ ଲାଇଟ ଯୋଜନାକୁ ପୁନଃପ୍ରବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଛି। ଏହି ଯୋଜନା ସେହି ଉପଭୋକ୍ତାଙ୍କ ପାଇଁ ହେବ ଯେଉଁମାନେ ୟୁଟ୍ୟୁବ ପ୍ରିମିୟମର ବିଜ୍ଞାପନ-ମୁକ୍ତ ଅଭିଜ୍ଞତା ଉପଭୋଗ କରିବାକୁ ଚାହୁଁଛନ୍ତି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଏହି ନୂତନ




ସବସ୍କ୍ରିପସନ୍ ବ୍ୟବହାରକାରୀମାନଙ୍କୁ ୟୁଟ୍ୟୁବରେ ବିଜ୍ଞାପନ ବିନା ପଡକାଷ୍ଟ, ଟ୍ୟୁଟୋରିଆଲ୍ ଏବଂ ଅନ୍ୟାନ୍ୟ ଭିଡିଓ ଦେଖିବାକୁ ଅନୁମତି ଦେବ। ତଥାପି, ଏଥିରେ ସଂଗୀତ ଭିଡିଓ ଅନ୍ତର୍ଭୁକ୍ତ ହେବ ନାହିଁ। ଯଦି ଜଣେ ଉପଭୋକ୍ତା ବିଜ୍ଞାପନ ବିନା ସଙ୍ଗୀତ ଭିଡିଓ ଦେଖିବାକୁ ଚାହାଁନ୍ତି, ତେବେ ତାଙ୍କୁ ମହଙ୍ଗା ୟୁଟ୍ୟୁବ ପ୍ରିମିୟମ ପ୍ଲାନ୍ ନେବାକୁ ପଡିବ। ରିପୋର୍ଟ ଅନୁସାରେ, ଏହି ନୂତନ ସବସ୍କ୍ରିପସନ ଆମେରିକା, ଅଷ୍ଟ୍ରେଲିଆ, ଜର୍ମାନୀ ଏବଂ ଥାଇଲ୍ୟାଣ୍ଡ ଭଳି କିଛି ବଛା ବଛା ଦେଶରେ ଲଞ୍ଚ କରାଯିବ। ସୂଚନା ଅନୁଯାୟୀ, ୟୁଟ୍ୟୁବ ଅନେକ ବଜାରରେ ଏକ ନୂତନ ବିଜ୍ଞାପନ-ମୁକ୍ତ ସବସ୍କ୍ରିପସନ୍ ଯୋଜନା ପରୀକ୍ଷଣ କରୁଛି, ଯାହାକୁ ଭବିଷ୍ୟତରେ ଆହୁରି ବିସ୍ତାର କରାଯିବାର ଯୋଜନା ରହିଛି। ଏହି ଯୋଜନା ବିଶେଷ ଭାବରେ ସେହି ଦର୍ଶକଙ୍କ ପାଇଁ ଯେଉଁମାନେ ମୁଖ୍ୟତଃ ଅଣ-ସଙ୍ଗୀତ ବିଷୟବସ୍ତୁ ଦେଖନ୍ତି ଏବଂ ୟୁଟ୍ୟୁବ ପ୍ରିମିୟମର ମହଙ୍ଗା ସବସ୍କ୍ରିପସନର ଏକ ଶସ୍ତା ବିକଳ୍ପ ଚାହାଁନ୍ତି। ଏହା ପ୍ରଥମ ଥର ନୁହେଁ ଯେତେବେଳେ ୟୁଟ୍ୟୁବ ଶସ୍ତା ପ୍ରିମିୟମ୍ ସବସ୍କ୍ରିପସନ୍ ସହିତ ପରୀକ୍ଷଣ କରିଛି। ୨୦୨୧ ମସିହାରେ, କମ୍ପାନୀ ଏହାକୁ ୟୁରୋପର ବେଲଜିୟମ, ଡେନମାର୍କ, ଫିନଲ୍ୟାଣ୍ଡ, ଲକ୍ସେମବର୍ଗ, ନେଦରଲ୍ୟାଣ୍ଡ, ନରୱେ ଏବଂ ସ୍ୱିଡେନରେ ଲଞ୍ଚ କରିଥିଲା। ଏହା ପରେ ପ୍ରତି ମାସରେ €୬.୯୯ ମୂଲ୍ୟ ରଖାଯାଇଥିଲା ଏବଂ ବିଜ୍ଞାପନ-ମୁକ୍ତ ଭିଡିଓ ଦେଖିବାର ସୁବିଧା ପ୍ରଦାନ କରାଯାଉଥିଲା। କିନ୍ତୁ ଏଥିରେ ଅଫଲାଇନ୍ ଡାଉନଲୋଡ୍, ପୃଷ୍ଠଭୂମି ପ୍ଲେବ୍ୟାକ୍ ଏବଂ ୟୁଟ୍ୟୁବ ମ୍ୟୁଜିକର ଆକ୍ସେସ୍ ଅନ୍ତର୍ଭୁକ୍ତ ନଥିଲା। ତଥାପି, ଦୁଇ ବର୍ଷ ପରେ, ଅକ୍ଟୋବର ୨୦୨୩ରେ, ୟୁଟ୍ୟୁବ ଏହି ଯୋଜନାକୁ ବନ୍ଦ କରିଦେଲା।

## ଉତ୍ତର-ପୂର୍ବ ଭାରତରେ କାମ୍ପା ପୋର୍ଟଫୋଲିଓର ବିସ୍ତାର

**ମୁମ୍ବାଇ,୨୪।୨:** ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ (ଆର୍‌ସିପିଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ କାମ୍ପା ଏବଂ ପାନୀୟଜଳ ବଟଲିଂ ପ୍ଲାଣ୍ଟ ଆସାମର ଗୁଆହାଟୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉତ୍ତର-ପୂର୍ବ ଭାରତରେ କାମ୍ପାର ପୋର୍ଟଫୋଲିଓରେ ଉପସ୍ଥିତିକୁ ବ୍ରାଣ୍ଡ୍ ସୁଦୃଢ଼ କରିଛି। ସେହିଭଳି ଆସାମର ପ୍ରମୁଖ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ ଜେରିକୋଙ୍କ ସହ ଆର୍‌ସିପିଏଲର ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ଉକ୍ତ ପ୍ରକଳ୍ପ ଦ୍ୱୟର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଆସାମର ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟ ଉଭୟ ଆରସିପିଏଲ ଏବଂ ଜେରିକୋର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଉଲ୍ଲେଖଯୋଗ୍ୟ, ୬ ଲକ୍ଷ ବର୍ଗଫୁଟରୁ ଅଧିକ ପରିବ୍ୟାପ୍ତ ଅଞ୍ଚଳରେ ଏହି କାରଖାନା ଆରମ୍ଭ ହୋଇଥିଲାବେଳେ ଯାହା ଏହି ଅଞ୍ଚଳର ଶିଳ୍ପ ଏବଂ ଅର୍ଥନୈତିକ ପ୍ରସାରରେ ଏହାର ଭୂମିକାକୁ ଗୁରୁତ୍ୱ ଦେଇଥିଲା। ଅପରପକ୍ଷର ସମ୍ପୃକ୍ତ ଅଞ୍ଚଳର ସର୍ବବୃହତ ପାନୀୟ ଉତ୍ପାଦନ ୟୁନିଟ୍ ମଧ୍ୟରୁ ଏହା ଅନ୍ୟତମ ବୋଲି କୁହାଯାଉଛି। ବିଶେଷକରି ଏହାର ପ୍ରାରମ୍ଭିକ ଉତ୍ପାଦନ କ୍ଷମତା ୧୦କୋଟି ଲିଟରରୁ ଅଧିକ ହୋଇଥିଲାବେଳେ କାର୍ବୋନେଟେଡ ସଫ୍ଟ ଡ୍ରିଙ୍କ (ସିଏସ୍‌ଡି) ଏବଂ ପ୍ରାୟ ୧୮କୋଟି ଲିଟର ପ୍ୟାକେଜ୍ ପାନୀୟ ଜଳ, ଯାହା ବର୍ଦ୍ଧିତ ଗ୍ରାହକ ଚାହିଦା ପାଇଁ ପ୍ରଚୁର ଯୋଗାଣକୁ ସୁନିଶ୍ଚିତ କରିଥାଏ। ଏ ନେଇ ଆସାମର ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କହିଛନ୍ତି, ସାଧାରଣ ଲୋକମାନେ କାମ୍ପାର ଉତ୍ପାଦଗୁଡ଼ିକୁ ବର୍ତ୍ତମାନ ବହୁତ ସୁଲଭ ମୂଲ୍ୟରେ କିଣିପାରିବେ। ଏପରିକି ଏହା କାମ୍ପାକୋଲାର ଏକ ବଡ଼ ସୁବିଧା କେନ୍ଦ୍ର ହୋଇଥିଲାବେଳେ ସେମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରିବେ। କମ୍ପାନୀ ଗୁଣବତ୍ତା ସହିତ ସାଲିସ୍ କରୁନାହାନ୍ତି, ଯାହା ଅନ୍ୟାନ୍ୟ ବିଶ୍ୱ ମାନଦଣ୍ଡ ସହିତ ସମକକ୍ଷ ବୋଲି କୁହାଯାଇଛି। ସେହିଭଳି ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର ସିଓଓ କେତନ ମୋଡି କହିଛନ୍ତି, ଆମେ ଜେରିକୋ ସହ ବୁଝାମଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗୁଆହାଟୀ ପ୍ଲାଣ୍ଟର ଉଦଘାଟନ ସହ ବ୍ରାଣ୍ଡ୍ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି।

## ସଜ୍ଜନଙ୍କୁ ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍ ଆୱାର୍ଡ




ନୂଆଦିଲ୍ଲୀ,୨୪।୨: ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଅଧକ୍ଷ ସଜ୍ଜନ ଜିନ୍ଦଲଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତର ପୁରସ୍କାର 'ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍ ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଗ୍ରୁପକୁ ସଜ୍ଜନ ଏକ ବିଶ୍ୱସ୍ତରୀୟ ସଙ୍ଗଠନରେ ପରିଣତ କରିବା ସହିତ ଏକ ପରିବର୍ତ୍ତନକାରୀ ନେତୃତ୍ୱ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏଶନ ବା ଏଆଇଏମ୍‌ଏ ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସର ୧୫ତମ ସଂସ୍କରଣରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଅଧକ୍ଷ ସଜ୍ଜନ ଜିନ୍ଦଲଙ୍କୁ ସମ୍ମାନଜନକ 'ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଯିତିନ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ କେପିଏମଜି ଇଣ୍ଡିଆର ସିଇଓ ୟେଜଦି ନାଗପୋରୱାଲା ପ୍ରଶଂସାପତ୍ର ପାଠ କରିଥିଲେ। ସେହିଭଳି ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏଶନ ବା ଏଆଇଏମଏ ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସ ଭାରତର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପାଳନ କରିଥାଏ। ଏହି ସମାରୋହ ଉତ୍ସବରେ ବିଶିଷ୍ଟ ପୁରସ୍କାର ବିଜେତା, ଶିଳ୍ପପତି ଏବଂ ଏଆଇଏମ୍‌ଏ କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ।

## ରତ୍ନାକର ପଟ୍ଟନାୟକ ଏଲ୍‌ଆଇସିର ନୂଆ ପରିଚାଳନା ନିର୍ଦ୍ଦେଶକ

**ଭୁବନେଶ୍ୱର,୨୪।୨:** କୋରାପୁଟ ଜିଲା ଜୟପୁରର ରତ୍ନାକର ପଟ୍ଟନାୟକ ଭାରତର ପ୍ରମୁଖ ରଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ନୂଆ ପରିଚାଳନା ନିର୍ଦ୍ଦେଶକ ଭାବେ ନିକଟରେ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ପହିଲାରୁ ସେ ଏଲ୍‌ଆଇସି ଶୀର୍ଷ ପରିଚାଳନା କ୍ଷେତ୍ରରେ ଯୋଗଦେବେ ବୋଲି ବିତ୍ତୀୟ ସେବା ବ୍ୟୁରୋ ପକ୍ଷରୁ ସୂଚନା ଦିଆଯାଇଛି। ଜୀବନ ବୀମା ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରଦର୍ଶନ ସହ ବ୍ୟକ୍ତିଗତ ବିଦବତ୍ତା ପାଇଁ ରାଜ୍ୟରେ ଗୌରବ ଆଣିଛନ୍ତି। ରତ୍ନାକର କୋରାପୁଟ ଜିଲା ଜୟପୁର ନୀଳକଣ୍ଠ ନଗରର ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକ ଓ ଲଳିତା ପଟ୍ଟନାୟକଙ୍କ ପୁଅ। ରତ୍ନାକର ୧୯୬୮ରେ ଜନ୍ମଗ୍ରହଣ କରିଥିଲେ। ସେ ମାଲକାନଗିରି ଓ କୁନ୍ଦୁରାରେ ହାଇସ୍କୁଲ ଶିକ୍ଷା ପରେ ଜୟପୁରସ୍ଥିତ ବିକ୍ରମ ଦେବ କଲେଜ ତଥା ବିଶ୍ୱବିଦ୍ୟାଳୟରେ ବିଏସ୍‌ସି କରିଥିଲେ।

# ଋଣକୁ ବିପଦ ଜଳବାୟୁ ପରିବର୍ତ୍ତନ: ୩୦% ଖିଲାପ ଆଶଙ୍କା

**ନୂଆଦିଲ୍ଲୀ, ୨୪।୨:** ଦେଶର ତାପମାତ୍ରାରେ ହେଉଥିବା ଅହେତୁକ ବୃଦ୍ଧି ଓ ଚରମ ଜଳବାୟୁ ପରିବର୍ତ୍ତନ ଭଳି ଘଟଣା ପ୍ରଭାବରେ ଋଣ ଦେଉଥିବା ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ ଗୁରୁତର ପ୍ରଭାବିତ ହେବେ ବୋଲି ବିସିଜିର ଏକ ରିପୋର୍ଟରୁ ଜଣାପଡ଼ିଛି। ତାପମାତ୍ରା ବୃଦ୍ଧି ପ୍ରଭାବରେ ଆସନ୍ତା ପାଞ୍ଚ ବର୍ଷରେ ୩୦ ପ୍ରତିଶତ କୃଷି ଓ ଗୃହ ଋଣ ଖିଲାପ ହେବାର ଆଶଙ୍କା ଦେଖାଦେଇଛି। ରିପୋର୍ଟରେ କୁହାଯାଇଛି ଯେ ପ୍ରାକ୍-ଶିଳ୍ପାୟନ ଯୁଗ ତୁଳନାରେ ବିଶ୍ୱ ତାପମାତ୍ରାରେ ହାରାହାରି ୧.୨ ଡିଗ୍ରି ବୃଦ୍ଧି ଘଟିଛି। ଏହାର ପ୍ରଭାବରେ ଉପକୂଳ ଅଞ୍ଚଳଗୁଡ଼ିକରେ ବନ୍ୟା ହେଉଛି ଓ କୃଷି ଉତ୍ପାଦନ କମ୍ ହୋଇଛି। ଏହି ଚରମ ଜଳବାୟୁ ଘଟଣାଗୁଡ଼ିକ ଯୋଗୁଁ ଲୋକମାନଙ୍କ ମୁଣ୍ଡପିଛା ଆୟ ମଧ କମ୍ ହୋଇଛି। ଦେଶର ସିଡ୍ୟୁଲ୍‌ଡ ବ୍ୟାଙ୍କଗୁଡ଼ିକ ଦେଉଥିବା ଋଣର ଅଧା ଭାଗ ପ୍ରକୃତି ଉପରେ ନିର୍ଭର କରୁଥିବା କ୍ଷେତ୍ରଗୁଡ଼ିକୁ ଦିଆଯାଇଛି। ତେଣୁ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ, ସେହି ଋଣ ଫେରିବା ପ୍ରତି ବିପଦ ଦେଖାଦେଉଛି।

ଏକ ଆକଳନ ଅନୁସାରେ ୨୦୩୦ ସୁଦ୍ଧା ଭାରତର ୪୨ ପ୍ରତିଶତ ଜିଲ୍ଲାରେ ତାପମାତ୍ରା ୨ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ



କରାଯାଇଛି। ତେଣୁ ଆସନ୍ତା ୫ ବର୍ଷରେ ୩୨୧ଟି ଜିଲ୍ଲା ପ୍ରଭାବିତ ହେବା ଆଶଙ୍କା ରହିଛି। ଚରମ ଜଳବାୟୁ ପରିବର୍ତ୍ତନ ଘଟଣା ବ୍ୟାଙ୍କଗୁଡ଼ିକ ଲାଗି ବିପଦ ସହିତ ସୁଯୋଗ ମଧ ସୃଷ୍ଟି କରିଛି। ଭାରତ ସ୍ୱଚ୍ଛ ଶକ୍ତି ଆଡ଼କୁ ମୁହାଁଉଥିବା ବେଳେ ସେଥିପାଇଁ ବ୍ୟାଙ୍କଗୁଡ଼ିକ ବାର୍ଷିକ ୧୫,୦୦୦ କୋଟି ଡଲାର ପାଣ୍ଠି ଯୋଗାଇ ପାରିବେ। ଆବଶ୍ୟକତା ଏହି ସ୍ତରରେ ଥିବା ବେଳେ ବ୍ୟାଙ୍କଗୁଡ଼ିକ ଏବେ ଏହି ଉଦ୍ଦେଶ୍ୟରେ ବର୍ଷକୁ ୪୦-୬୦ ବିଲିଅନ୍ ଡଲାର ପାଣ୍ଠି ଦେଉଛନ୍ତି। ଏବେବି ୧୫୦ ବିଲିଅନ୍ ଡଲାରର ଏକ ବ୍ୟବଧାନ ରହିଛି ବୋଲି ବିସିଜିର ଏମ୍‌ଡି ଅଭିନବ ବଂଶଲ କହିଛନ୍ତି। ସ୍ୱଚ୍ଛ ଶକ୍ତି ଆଡ଼କୁ ହେଉଥିବା ଯାତ୍ରାର ପ୍ରଭାବ ୨୦୩୦-୪୦ ଆଡ଼କୁ ଦେଖିବାକୁ ମିଳିବ। ବର୍ତ୍ତମାନ ଏହି ଯାତ୍ରା ଆରମ୍ଭ ପର୍ଯ୍ୟାୟରେ ରହିଛି। ଯେଉଁମାନେ ଏବେ ଆଗୁଆ ପଦକ୍ଷେପ ନେବେ ସେମାନେ ଭବିଷ୍ୟତରେ ହେବାକୁ ଥିବା ଲାଭର ସିଂହ ଭାଗ ପାଇବେ। ଚରମ ଜଳବାୟୁ ପରିବର୍ତ୍ତନ ଘଟଣାଗୁଡ଼ିକ ବିଶ୍ୱ ଅର୍ଥନୀତି ଓ ବ୍ୟବସାୟଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ କଲାଣି। ବ୍ୟବସାୟ ପ୍ରତି ଅନେକ ବିପଦ ସୃଷ୍ଟି ହୋଇଛି। ଏହି ସଙ୍କଟରୁ ନିଜ ଋଣକୁ ରକ୍ଷା କରିବାକୁ ହେଲେ ନିଜ ଗ୍ରାହକମାନଙ୍କ ମଧରେ ଜଳବାୟୁ ପରିବର୍ତ୍ତନର ବିପଦ ବିଷୟରେ ସେମାନଙ୍କୁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

## ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ବାଲିକୁଦାରେ ସମବାୟ ତରଫରୁ ପଞ୍ଜିକୃତ



**ଜଗତସିଂହପୁର,୨୪।୨(ସଂଚାର ବ୍ୟୁରୋ):** ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ର ପାଇକରାପୁର ଗ୍ରାମର ମା ବସୁନ୍ଧରେ ପ୍ରାଥମିକ ସାମୁଦ୍ରିକ ମତ୍ସ୍ୟଜୀବୀ ସମବାୟ ସମିତି ତରଫରୁ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ରେ ପଞ୍ଜିକରଣ ନିମନ୍ତେ ସମସ୍ତ ମତ୍ସ୍ୟ କ୍ଷେତ୍ରରେ କାର୍ଯ୍ୟରତ ଅଣସଂଗଠିତ ମତ୍ସ୍ୟଜୀବୀ, ମାଛଚାଷୀ, ମତ୍ସ୍ୟପାଳକ , ବ୍ୟବସାୟୀ, ପ୍ରକ୍ରିୟାକରଣକାରି, ମତ୍ସ୍ୟ ଉତ୍ପାଦନକାରୀ ଓ ମତ୍ସ୍ୟ ବିଭାଗ ହିତାଧିକାରୀଙ୍କୁ ଏକତ୍ରିତ କରି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବହୁ ଦୂର ଦୂରାନ୍ତରୁ ଲୋକମାନେ ଯୋଗଦେଇ ନିଜର ନାମ ପଞ୍ଜିକରଣ କରିଥିଲେ । ପଞ୍ଜିକରଣକାରୀଙ୍କୁ ବିଭାଗ ପକ୍ଷରୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦିପାଞ୍ଜଳି ସାହୁ ପରିଚାଳନା କରିଥିଲେ । ପଞ୍ଜିକରଣ ପାଇଁ ସୌମ୍ୟରଞ୍ଜନ ମାହାଳି, ଆଶିଷ କୁମାର୍ ସେଠି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ସଭାପତି ଧ୍ରୁବ ଚରଣ ବେହେରା, ସମ୍ପାଦକ ବିନୋଦ କୁମାର୍ ଜେନା ଉପସ୍ଥିତ ଥିଲା ବେଳେ, ଉପସଭାପତିଙ୍କ କରିଥିଲେ ସଞ୍ଜୟ କୁମାର୍ ବେହେରା । ପଞ୍ଜିକରଣ କରିବା ଦ୍ୱାରା ମିଳୁଥିବା ଲାଭ ଗୁଡ଼ିକ ସମ୍ପର୍କରେ ସଚେତନ କରାଯାଇଥିଲା । ଅନ୍ୟ ମତ୍ସ୍ୟଜିବିଙ୍କୁ ନିକଟସ୍ଥ ଜନସେବା କେନ୍ଦ୍ରରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଆଜି ମୋଟ ଜନ ସେବା କେନ୍ଦ୍ର ସହାୟତାରେ ୧୫ ଜଣ ମତ୍ସ୍ୟ ଜିବିଙ୍କୁ ଉକ୍ତ ପ୍ଲାଟଫର୍ମରେ ପଞ୍ଜିକରଣ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସହଯୋଗ କରିଥିଲେ ଜ୍ଞାନରଞ୍ଜନ ବେହେରା ।

# ମନରୁ ଲିଭିନି ସମରଝୋଳର ଦୁର୍ଘଟଣା

### କଟକଣା ନାହିଁ, ପୁଣି ବିପଦକୁ ନିମନ୍ତ୍ରଣ

# ଭାରୀଯାନ ପାର୍କିଂ ଉପରେ ପୁଲିସର ଆଙ୍କୁଶ କେବେ ?

**ହିଞ୍ଜିଳିକାଟୁ,୨୪।୨(ସଂଚାର ବ୍ୟୁରୋ):** ରାଜରାସ୍ତାରେ ବେପରୱା ଭାବେ ଦ୍ରୁତଗତିରେ ଚଳାଚଳ କରୁଥିବା ବାଲି ବୋଝେଇ ହାଇୱା, ଟ୍ରାକ୍ଟର ଏବଂ ଅନ୍ୟ ଭାରୀଯାନ ଦୁର୍ଘଟଣାର ପ୍ରମୁଖ କାରଣ ସାଜୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ବିକ୍ଷୋଭ, ରାସ୍ତାରୋକ ହେଉଛି। କିନ୍ତୁ ସଡ଼କ ସୁରକ୍ଷା, ସଚେତନତା ପଦକ୍ଷେପକୁ ଠିକ ଦିଗରେ ନ ନେଇ କେବଳ ଲୋକଦେଖାଣିଆ ଢଙ୍ଗରେ ପୁଲିସ ପ୍ରଶାସନ ପରିଚାଳନା କରୁଥିବାରୁ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବଢ଼ି ଚାଲୁଥିବା ଅଭିଯୋଗ ହେଉଛି। ପୁଲିସ, ପ୍ରଶାସନ ପକ୍ଷରୁ ରାସ୍ତାଘାଟରେ ଦୁଇ ଚକିଆ ଗାଡ଼ି ଚାଳକଙ୍କ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ଚେକିଂ ଏବଂ ବର୍ତ୍ତମାନ ସ୍ଥିତିରେ ଫଟୋ ଉଠାଇ ତାହାକୁ ଇ-ଚାଲାଣ କାଟି ଦେବାରେ ସୀମିତ ରହୁଛି ପଦକ୍ଷେପ। ସହରର ଭିଡ ରାସ୍ତାରେ ଏଭଳି ଚେକିଂ ଚାଲିଥିବା ବେଳେ ଅନ୍ୟପଟେ ବେଆଇନ ଭାରୀଯାନ ଚଳାଚଳକୁ ଖୋଲା ଛାଡି ଦିଆଯାଇଛି। ସୂଚନା ପ୍ରକାରେ , ଗତ ଅଗଷ୍ଟ ୨୨ ତାରିଖ ସକାଳୁ ସକାଳୁ ୫୯ ନମ୍ବର ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ଥାନା ସମରଝୋଳ ଛକରେ ଏକ




ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ରାସ୍ତାକଡ଼ରେ ପାର୍କିଂ ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକକୁ ଓଭରଟେକ କରିବାକୁ ଉଦ୍ୟମ କରିବା ବେଳେ ଗ୍ୟାସ ଟ୍ୟାଙ୍କର ଓ ଯାତ୍ରୀବାହୀ ବସ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ପ୍ରାଣ ହରାଇଥିବା ବେଳେ ୨୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ଦୁର୍ଘଟଣା ପରେ ରାଜ୍ୟ ପରିବହନ ମନ୍ତ୍ରୀ, ପରିବହନ କମିସନର , ଅବକାରୀ ମନ୍ତ୍ରୀ , ବ୍ରହ୍ମପୁର ଏସ୍ପି , ଗଂଜାମ ଜିଲ୍ଲାପାଳ ଓ ଏସ୍ପି ଘଟଣା ସ୍ଥଳରେ ପହଁଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଗୁରୁତର ଆହତଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରିଥିଲେ । ଭବିଷ୍ୟତରେ ଏଭଳି ଦୁର୍ଘଟଣା ଯେମିତି ନଘଟେ ଏବଂ ଏଭଳି ବେଆଇନ ପାର୍କିଂ ଉପରେ ରୋକ ଲଗାଇବା ପାଇଁ ପରିବହନ ମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଆଜି ବି ସ୍ଥିତି ଯାହା ଥିଲା ତାହା ରହିଛି । ହିଞ୍ଜିଳିକାଟୁ ସୋମପୁର ଛକ ସ୍ଥିତ ଜାତୀୟ ରାଜପଥରେ ସବୁ ଦିନ ସକାଳୁ ୧୮ ଚକିଆ ଓ ୨୦ ଚକିଆ ଭାରୀଯାନ ମନଇଛା ପାର୍କିଂ ହେଉଥିବା ବେଳେ ଚାଳକ ମାନଙ୍କୁ ତାଗିଦ କରିବାକୁ କାହାର ବି ନିଘା ନାହିଁ । ପ୍ରତିଦିନ ଶହଶହ ଭାରୀଯାନ ଏହି ରାସ୍ତାରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ପୋଲିସ ଓ ପ୍ରଶାସନ ପକ୍ଷରୁ ବେଆଇନ ପାର୍କିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ଗ୍ରହଣ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଥିସହ ରାଜପଥ କଡରେ ଅବାଧରେ ଛିଡା ହୋଇଥିବା ମାଲ ଗାଡି ଗୁଡିକରେ ପିଟି ହୋଇ ଅନେକ ଦୁର୍ଘଟଣା ବୃଦ୍ଧି ପାଉଥିବା ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି।

## ହେମଗିରି ବ୍ଲକରେ ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନା



**ସୁନ୍ଦରଗଡ଼,୨୪।୨(ସଂଚାର ବ୍ୟୁରୋ):** ପ୍ରଧାନ ମନ୍ତ୍ରୀ ସିଞ୍ଚାଇ ଯୋଜନା ହେମଗିରି ବ୍ଲକ ଲାଉଦର ଓ ଟାଙ୍ଗରଡିହିରେ ଶୁଭାରମ୍ଭ କଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ଆଜି ସୋମବାର ମାନ୍ୟବର ପ୍ରଧାନ ମନ୍ତ୍ରୀ ମଧ୍ୟପ୍ରଦେଶର ଭାଗଲପୁରରେ କୃଷକ ସମ୍ମାନ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଆମ ରାଜ୍ୟରେ କୃଷକଙ୍କ ପାଇଁ ଜଳ ସିଞ୍ଚାଇ ଯୋଜନା ଆରମ୍ଭ କରିଛନ୍ତି। ସେହି କ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ ଓ ବଡ଼ଗାଁ ବ୍ଲକକୁ ମଡେଲ ବ୍ଲକ ଭାବେ ଚିହ୍ନଟ କରାଯାଇ ସେହି ବ୍ଲକର ଜଳ ସମ୍ପଦ ସେହି ବ୍ଲକରେ ରକ୍ଷିତ ଏବଂ ସମସ୍ତ ଜଳ ଉତ୍ସକୁ ସଂରକ୍ଷିତ ରଖିବା ସହ ତାକୁ କୃଷି କାର୍ଯ୍ୟରେ ନିୟୋଜନ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆ ଯାଇଛି। ସେହି ସବୁ ଯୋଜନାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପ୍ରଯୁକ୍ତି ବିଜ୍ଞାନର ସହାୟତା ଯୋଗାଇବା ନେଇ ସ୍ୱତନ୍ତ୍ର ବିଶେଷଜ୍ଞ ମାନଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ଯୋଜନା ଗୁଡିକର ବିକାଶ ଓ ଉନ୍ନତି କରିବା ସହ ଅଞ୍ଚଳର ଚାଷୀ ମାନଙ୍କୁ ବୈଷୟିକ ଜ୍ଞାନ ଦେବାର ବ୍ୟବସ୍ଥା କରାଯାଇ ଥିବା କଥା ଉଭୟ କେନ୍ଦ୍ର ମନ୍ତ୍ରୀ ଓ ପ୍ରକଳ୍ପ ନିର୍ଦ୍ଦେଶକ ୱାଟର ସେଡ୍ ମୃତ୍ତିକା ସଂରକ୍ଷଣ ବିଭାଗ କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ବିଧାୟିକା କୁସୁମ ଟେଟେ, ସଦର ଉପ ଜିଲ୍ଲାପାଳ ଦାଶରଥି ଶରାବୁ ଯୋଗ ଦେଇ ଥିଲେ। ଅନ୍ୟ ମାନଙ୍କ ଭିତରେ ଜିଲ୍ଲା ପରିଷଦ ସଭ୍ୟା ମହିମା ସେଠ, ଅଙ୍କେଲବିରା ସରପଞ୍ଚ ଥାଇ ଚରଣ ସା, ସମିତି ମେମ୍ବର ସନ୍ତୋସିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଧାନକିଣା ଦାବିରେ ତାତିଲେ ଚାଷୀ, ପ୍ରତିବାଦରେ ରାସ୍ତାରୋକ



**ଗଜପତି,୨୪।୨ (ସଂଚାର ବ୍ୟୁରୋ):** ଧାନ କିଣା ଦାବିରେ ତାତିଲେ ଚାଷୀ। ପ୍ରତିବାଦରେ ରାସ୍ତାରୋକ । ରୟତ ସଂଘ ପକ୍ଷରୁ୧୨ଘଣ୍ଟିଆ କାଶୀନଗର ବନ୍ଦ ଡାକରା ଦିଆଯାଇଛି । ଗଜପତି ଜିଲ୍ଲା କାଶୀନଗର ଷ୍ଟେଟ ବ୍ୟାଙ୍କ ଛକ ଓ ଠାକୁରାଣୀ ମନ୍ଦିର ନିକଟରେ ରାସ୍ତାରୋକ କରାଯାଇଛି। ଫଳରେ ପାରଳାଖେମୁଣ୍ଡି-ଗୁଣୁପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। କାଶୀନଗର ପୋଲିସ ଘଟଣସ୍ଥଳରେ ପହଞ୍ଚି ବୁଝାସୁଝା କରୁଛି । ଚାଷୀଙ୍କୁ ଟୋକେନ ଦିଆଯାଇଥିଲେ ମଧ୍ୟ ମିଲର ଧାନ ଗ୍ରହଣ କରୁନାହାନ୍ତି। ମିଳିଥିବା ଟାର୍ଗେଟର ଧାନ ସଂଗ୍ରହ ହୋଇସାରିଛି। ଅଧିକ ଟାର୍ଗେଟ ମିଳିଲେ ଧାନ ସଂଗ୍ରହ କରାଯିବ ବୋଲି ମିଲର କହୁଛନ୍ତି ।ଏନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେପଟେ ଟୋକେନ ଅବଧି ସରିବାକୁ ବସିଲାଣି। ତେଣୁ ଚାଷୀ ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

## ବେଆଇନ୍ ପଥର ବ୍ଲାଷ୍ଟିରେ ଥରୁଛି ଗାଁ, ଫାଟୁଛି ଘର



**କଳାହାଣ୍ଡି,୨୪।୨(ସଂଚାର ବ୍ୟୁରୋ):** ପଥର କ୍ୱାରିରେ ବେଆଇନ ବାଲ୍ଟିଙ୍ଗ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷାକୁ ବିପନ୍ନ କରିଛି। ଭୟଙ୍କର ବିସ୍ଫୋରଣରେ ଘର ଛାତ, କାନ୍ଥ ଫାଟି ଆଁ କଲାଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ପ୍ରତିକାର ଲାଗି ପ୍ରଶାସନ ପଦକ୍ଷେପ ନେଉନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର କାଶିବହାଲ ଗାଁ ଗାଁ ପାଖକୁ ଲାଗି ରହିଛି ତେଲରି ପାହାଡ଼। ପାହାଡ଼ରେ ଆଇନ ଉଲଂଘନ କରି ନିରନ୍ତର ବ୍ଲାଷ୍ଟିଂ କରାଯାଉଛି। ଏଥିରେ ସମ୍ପୃକ୍ତ ଆଇନ୍ ଉଲ୍ଲଂଘନକାରୀ ବ୍ୟବସାୟୀ ଲୋକମାନଙ୍କ ସୁରକ୍ଷାକୁ ବିପନ୍ନ କରି ନିଜ ବ୍ୟବସାୟ ବଢ଼ାଇବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ, ସମ୍ପୃକ୍ତ ଅଞ୍ଚଳରେ ରହୁଥିବା ସାଧାରଣ ପରିବାର ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ବ୍ଲାଷ୍ଟି ପରେ ପଥର ଗୁଣ୍ଡ ଘର ଉପରେ ପଡୁଛି। ବିସ୍ଫୋରଣ ଶବ୍ଦ ଏତେ ତୀବ୍ର ହେଉଛି ଯେ, ରାତିରେ ଶୋଇଥିବା ଲୋକ ଭୟଭୀତ ହୋଇପଡୁଛନ୍ତି। ପଥର ଖଣି ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷଣ ବିଭିନ୍ନ ରୋଗର କାରଣ ସାଜୁଛି। ଛୋଟ ଛୋଟ ପିଲାମାନେ ପ୍ରଚଣ୍ଡ ଶବ୍ଦରେ ଭୟଭୀତ ହେଉଛନ୍ତି। ପୂର୍ବରୁ ମଦ୍ଦୁଆଲଗୁଡ଼ା, ଜଳଡାମୁଣ୍ଡା ଓ କାଶୀବହାଲ ଗାଁରେ ଥିବା କ୍ରସରଗୁଡ଼ିକର ଏଭଳି କାର୍ଯ୍ୟକଳାପ ନେଇ ବସ୍ତିବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅଥଚ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କଲେନି କି କାହାରି ଗୁହାରି ଶୁଣିଲେନି। କମ୍ପ୍ରେ କ୍ରସର ବଦଳରେ ବୋରୱେଲ ମାଧ୍ୟମରେ ୧୫ରୁ ୨୦ ଫୁଟ ଗାତ କରି କେମିକାଲ ଭରି କରି ବ୍ଲାଷ୍ଟିଂ କରିବା ମନୁଷ୍ୟକୃତ ଭୂମିକମ୍ପ ସଦୃଶ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କ୍ରସର ଆଖ ପାଖ ଅଞ୍ଚଳରେ ଥିବା ଘରର କାନ୍ଥ ଫାଟିଯାଉଛି। ଅନ୍ୟପଟେ ଅଞ୍ଚଳରେ ଥିବା ମଧ୍ୟ ଉର୍ଦ୍ଧ୍ୱ କ୍ରସରକୁ ଶହ ଶହ ଡିପର୍ ଓ ମେଟାଲ ବୋଝେଇ ହାଇୱା ଚଳାଚଳ ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଖାଲି ସେତିକି ନୁହେଁ କ୍ରସର ଧୂଳିଗୁଣ୍ଡ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସହ ସ୍ଥାନୀୟ ଚାଷ ଜମି ନଷ୍ଟ ହେବାରେ ଲାଗିଛି। ସେସବୁ ଆଉ ଚାଷ ଉପଯୋଗୀ ହୋଇ ପାରୁନାହିଁ। ଉର୍ବରତା କମି ଆସିଥିବା ବେଳେ ବୋରର ଜମିରେ ଘାସ ମଧ୍ୟ ଠିକ ଭାବେ ବଢ଼ି ପାରୁନାହିଁ। ନିୟମାନୁସାରେ ଜନ ବସତି ଥିବା ଅଞ୍ଚଳରେ କ୍ରସର ୟୁନିଟ ନ ବସିବା ସହ ଡିନାମାଇଟ ଓ ଜିଲୋନିଟ ବ୍ଲାଷ୍ଟ କରି ପାହାଡରୁ ପଥର ଫଟାଇବାର ଅନୁମତି ନାହିଁ। କିନ୍ତୁ ନିୟମକୁ ବେଖାତିର କରାଯାଉଥିବା ଓ ପ୍ରଶାସନିକ ମିଳି ଭଗତରେ ବେଆଇନ ପଥର ଖନନ କରି ସରକାରଙ୍କ ରାଜସ୍ୱ ହାନୀ କରାଯାଉଥିବା ଅଭିଯୋଗ ହୋଇଛି।

● ପିଏମ୍ ବିଶ୍ୱକର୍ମା ଯୋଜନା କାହା ପାଇଁ ?

## ଜିଡିପିଓଙ୍କ ଅବହେଳା ଯୋଗୁଁ ପିଏମ୍ ବିଶ୍ୱକର୍ମା ଯୋଜନାରୁ ହିତାଧିକାରୀ ବଞ୍ଚିତ

**ଖପ୍ରାଖୋଲ,୨୪।୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁଲୁଣ୍ଡି ଗ୍ରାମର ମଦନ ମୁଣ୍ଡା ଆଜକୁ ତିନି ମାସ ହେଲା ପିଏମ୍ ବିଶ୍ୱକର୍ମା ଯୋଜନା ରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନଲାଇନ ଆବେଦନ କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ଯୋଜନାରେ ସାମିଲ କରାଯାଇ ନାହିଁ ଯାହାକରେ ହିତାଧିକାରୀ ଅଭିଯୋଗ ଆଣିଛନ୍ତି । ଏହି କଥାକୁ ନେଇ କେତେକ ପ୍ରତିକାରେ ଖବର ପ୍ରକାଶିତ ହୋଇଥିଲା । ଏହି ଖବର ବିଷୟରେ ସରକାରଙ୍କ ପ୍ରକଷ୍ୟ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମାଜ ସେବୀ ରୁପେନ୍ଦ୍ର ମୁଣ୍ଡା କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ, ସଚିବ ଜିଲାପାଳ ଙ୍କୁ ଟୁଇଟ କରି ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଦ୍ୱାରା ସରକାର ଙ୍କ ପ୍ରଚଳିତ ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ଶ୍ରୀ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହିତାଧିକାରୀ ମଦନ ମୁଣ୍ଡା ଙ୍କୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ କରି ଯୋଜନାରେ ଯାହା ସୁବିଧା ସୁଯୋଗ ଅଛି ଯୋଗାଇ ଦେବାକୁ ଦାବି ହେଉଛି । ଏସମ୍ପର୍କରେ ଖପ୍ରାଖୋଲ ଜିଡିପିଓ ଙ୍କୁ ପଚାରିଲେ କୁହନ୍ତି ଯିଏ ଏହି ବିଭାଗର ଅଧିକାରୀ ସେଯାଣିବେ ଏହା ଉପରେ ମୁକିଛି କହିପାରିବି ନାହିଁ । ଜିପିଡିଓ ଙ୍କୁ ପଚାରିଲେ ହେଇଯିବ ହେଇଯିବ କହୁଛନ୍ତି । ଜଣା ଯାଏ ଏବେ ସରକାର ବଢ଼େଇ ଓ କାଠ ମିସ୍ତ୍ରୀ ମାନଙ୍କୁ ଟ୍ରେନିଂ ଦେବାର ଯୋଜନା ରଖୁଛନ୍ତି ଅନ୍ୟ ପଞ୍ଚାୟତ ମାନଙ୍କରେ ସରପଞ୍ଚ ମାନେ ପଦକ୍ଷେପ ନେଉଛନ୍ତି ହେଲେ ଖପ୍ରାଖୋଲ ବ୍ଲକ ର କଥା କିଛି ଜଣା ପଡୁନାହଁ । ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଯିବା ଭଳି ମନେ ହେଉଛି ।

## ବାହାଘର ବେଳେ ବନ୍ଧୁକ ଧରି ପଶିଲେ ୭ ଯୁବକ




**ବଲାଙ୍ଗିର,୨୪।୨(ସଂଚାର ବ୍ୟୁରୋ):** ବାହାଘର ଚାଲିଥିଲା, ବନ୍ଧୁକ ଧରି ପଶିଲେ ମାତାଲ ୭ ଯୁବକ। ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବାବିଯୋର ଗାଁରୁ ଆସିଛି ଅଭିଯୋଗ । ବାହାଘରରେ ପାଟିତୁଣ୍ଡ କରିବା ସହ ବରକୁ ଖୋଜିଥିଲେ । କାହିଁକି ଏପରି କରିଥିଲେ ଜଣା ପଡି ନଥିଲେ ବି ବର ଉପରେ ଆକ୍ରମଣ କରିବାକୁ ଆସିଥିବା ସନ୍ଦେହ କରାଯାଉଛି । ମାତାଲ୍ ଯୁବକଙ୍କୁ କାବୁ କରିଥିଲେ ଗାଁ ଲୋକ। ପୋଲିସ ମାତାଲ ଯୁବକଙ୍କୁ ଅଟକ ରଖିବା ସହ ବନ୍ଧୁକ ଜବତ କରିଛି । ତେବେ କିଏ ବରକୁ ଆକ୍ରମଣ କରିବାକୁ ସୁପାରୀ ଦେଇଛି ଏ ନେଇ ତଦନ୍ତ ଜାରି ରହିଛି । ଗାଇବାହାଲ ଗାଁର ରାଜ କୁମାର ପ୍ରଧାନ ବାବିଯୋର ଗାଁକୁ ବିବାହ କରିବାକୁ ଆସିଥିବା ବେଳେ ଏପରି ଘଟଣା ଘଟିଛି। ପୋଲିସର ତଦନ୍ତ ଜାରି ରହିଛି।

## ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବ୍ଲକସ୍ତରୀୟ ବୈଠକ




**ବେତନଟୀ,୨୪।୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତା କୁ ଆସିବା ପରେ ଗ୍ରାମାଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଗ୍ରାମ ସଭା ମାଧ୍ୟମରେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଉପଲକ୍ଷେ ଆଜି ବେତନଟୀ ପଞ୍ଚାୟତ ସମିତି ପକ୍ଷରୁ ଏକ ଜରୁରୀ ପଞ୍ଚାୟତ ସମିତି ସ୍ତରୀୟ ବୈଠକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା କୌଶଲ୍ୟା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ବିଡିଓ ସୁଶାନ୍ତ କୁମାର ସୂତାର ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ୩୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ୩୭ ନଂ ସଦସ୍ୟା ଧାନି କିସ୍କୁ ୩୬ ନଂ ସଦସ୍ୟା ସବିତା ଦାସ ଏବଂ ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହା ସହିତ ସମସ୍ତ ୨୪ ଟି ଯାକ ଗ୍ରାପ ର ସରପଞ୍ଚ ସମିତି ସଭ୍ୟ ଓ ସଭ୍ୟା ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ବିକଶିତ ଗାଁ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମ ପାଇଁ ମୋଟ ୫ କୋଟି ୮୬ ଲକ୍ଷ ୬୪ ହଜାର ୭୨୬ ଟଙ୍କାର ଆର୍ଥିକ ଅନୁଦାନ ଆସିଥିବା ବେଳେ ପ୍ରତ୍ୟେକ ଗ୍ରାପ ର ଜନସଂଖ୍ୟା ଓ ୱାର୍ଡ ସଂଖ୍ୟା କୁ ନେଇ ଅନୁଦାନ ପାଣ୍ଠି ବ୍ୟୟ ବରାଦ କରାଯାଇଥିବା ବିଡିଓ ସୂଚନା ପ୍ରଦାନ କରିଥିଲେ। ଆଗ୍ରିଆ ଗ୍ରାପ ର ଜନସଂଖ୍ୟା ୭୦୦୪ ଏବଂ ଅନୁଦାନ ୨୭ ଲକ୍ଷ ୩୨ ହଜାର ଆମ୍ବଗଡ଼ିଆ ଜନସଂଖ୍ୟା ୬୯୭୦ ଅନୁଦାନ ରାଶି ୨୭ ଲକ୍ଷ ୧୯ ହଜାର ଅଁଳା ଗ୍ରାପ ଜନସଂଖ୍ୟା ୬୧୧୧ ପାଇଁ ୨୩ ଲକ୍ଷ ୮୪ ହଜାର ବୈଶିଙ୍ଗା ୬୯୪୪ ଅନୁଦାନ ୨୭ ଲକ୍ଷ ୮ ହଜାର ବେତନଟୀ ୧୧୪୮୪ ଅନୁଦାନ ୪୪ ଲକ୍ଷ ୭୯ ହଜାର ଚାଞ୍ଚିପଦା ଜନସଂଖ୍ୟା ୩୬୨୪ ଅନୁଦାନ ୧୪ ଲକ୍ଷ ୧୪ ହଜାର ଦହିକୋଟି ଜନସଂଖ୍ୟା ୮୧୪୭ ଅନୁଦାନ ୩୧ ଲକ୍ଷ ୭୮ ହଜାର ଗଡ଼ଦେଉଳିଆ ଜନସଂଖ୍ୟା ୭୯୭୦ ଅନୁଦାନ ୩୧ ଲକ୍ଷ ୯ ହଜାର ହାତୀଝୁରୀ ଜନସଂଖ୍ୟା ୨୨୩୭ ଅନୁଦାନ ୮ ଲକ୍ଷ ୭୩ ହଜାର ଯୁଗୋଳ ଜନସଂଖ୍ୟା ୪୩୧୪ ଅନୁଦାନ ୧୬ ଲକ୍ଷ ୮୩ ହଜାର କଳମା ଜନସଂଖ୍ୟା ୮୫୩୧ ଅନୁଦାନ ୩୪ ଲକ୍ଷ ୨୨ ହଜାର କେନ୍ଦୁଆ ଜନସଂଖ୍ୟା ୬୪୯୮ ଅନୁଦାନ ୨୫ ଲକ୍ଷ ୩୫ ହଜାର ବୋଲି ବିଡିଓ ସୂଚନା ପ୍ରଦାନ କରିଥିଲେ ।

## ବୋହୂର ମୃତ୍ୟୁ ଖବର ଶୁଣି ହୃଦଘାତରେ ଶାଶୁ ମୃତ୍ୟୁ

**ବଲାଙ୍ଗିର,୨୪।୨(ସଂଚାର ବ୍ୟୁରୋ):** କେଇ ମିନିଟ୍ ଭିତରେ ଆଗପଛ ହୋଇ ଚାଲିଗଲେ ଶାଶୁ ବୋହୂ । ଆଗ ବୋହୂ ପ୍ରାଣ ହାରିଥିବା ବେଳେ କିଛି ସମୟ ଭିତରେ ଆଖି ବୁଜିଛନ୍ତି ଶାଶୁ । ବଲାଙ୍ଗିର ସହର ଇନ୍ଦ୍ରାନଗରରେ ଘଟିଛି ଏହି ଅଭାବନୀୟ ଘଟଣା । ଯାହା ଖବର ମିଳିଛି ହଠାତ୍ ଘର ଭିତରେ ବୋହୂର ସନ୍ଦେହଜନକ ଅବସ୍ଥାରେ ମୃତଦେହ ଦେଖିବା ପରେ ଶାଶୁଙ୍କ ପାଦ ତଳୁ ମାଟି ଖସିଯାଇଥିଲା । ଯାହାକୁ ସହଜରେ ଗ୍ରହଣ କରିପାରିନଥିଲେ ବୃଦ୍ଧା । ଫଳରେ ଦେଖୁ ଦେଖୁ ସେ ହୃଦଘାତର ଶୀକାର ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ ।



# ନାଳ ପାଣି ଭରସା



**କନ୍ଧମାଳ,୨୪।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କରିପୋର୍ଟ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ କଣପଙ୍ଗା ଗାଁ ଅନ୍ତର୍ଗତ, କଣପଙ୍ଗା ଗ୍ରାମ ବାସୀ ନାଳ ପାଣି ହିଁ ଭରଷା। ଏହି ଦିଗରେ ପାନୀୟଜଳ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦିର୍ଘ ବର୍ଷ ବର୍ଷ ଧରି ଏଠାକାର ଗୋଟିଏ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା ବର୍ଷା ସବୁ ବେଳେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ କଣପଙ୍ଗା, ଗାଁ ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଦିନକ ପରେ ମହାଶିବରାତ୍ରୀ: ଦୀପ ପ୍ରସ୍ତୁତିରେ କୁମ୍ଭକାର

**କୋରୁକୋଣ୍ଡା,୨୪।୨(ସଂଚାର ବ୍ୟୁରୋ):** ଆସନ୍ତା ୨୬ରେ ମହା ଶିବରାତ୍ରୀ (ଜାଗର)। ଏହି ଉପଲକ୍ଷେ ବାଲିମେଳା ସହର ସମେତେ କୋରୁକୋଣ୍ଡା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ ଭକ୍ତମାନେ ନିଜ ନିଜର ମନସ୍କାମନା ପୂର୍ଣ୍ଣ ଲକ୍ଷ୍ୟରେ ମହାଦେବ ଏବଂ ମାତା ପାର୍ବତୀଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି ରାତିସାରା ଉଜାଗର ରହିବେ। ଏହାକୁ ଦୃଷ୍ଟିରେ ରଖି କୋରୁକୋଣ୍ଡା ବ୍ଲକ ସଦାଶିବପୁର, କେନ୍ଦୁଗୁଡା, କୁମ୍ଭାରଗୁଡା ଓ ସୋମନାଥପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା କୁମ୍ଭକାର ପୁରୁଷ ଓ ମହିଳାମାନେ ଦୀପ ଓ ବିଭିନ୍ନ ପ୍ରକାର ମାଟିର ପୂଜା ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ଏହି ପୂଜା ପାଳନ ନିମନ୍ତେ ମାଟି ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଗୁଡିକର ଚାହିଦା ରହିଛି। ପ୍ରସ୍ତୁତ ହୋଇଥିବା ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀଗୁଡିକୁ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ବିଭିନ୍ନ ହାଟ ଓ ବଜାରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି।

● ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୬୨ ଆପତ୍ତି ଅଭିଯୋଗ ଦରଖାସ୍ତ ଗ୍ରହଣ




**ସୁବର୍ଣ୍ଣପୁର,୨୪।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ଯା ନିହିତ ୬୨ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୦୩ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ଶୁଣାଣି ସମୟ ମଧ୍ୟରେ ଫଏସଲା ହୋଇଥିଲା । ସେହିପରି ସି ଏମ ରିଲିଫ ଫଣ୍ଡ ରୁ ସହାୟତା ନିମନ୍ତେ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅବଶିଷ୍ଟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା,ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର, ସମେତ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅଚ୍ୟୁତନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ , ଉପପ୍ରାନ୍ତୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାକା, ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁ ଓ ଡି ଏଲ ଇଂ ଅଶୋକ କୁମାର ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଡି ଏସ ଡବ୍ଲୁ ପ୍ରୋଗ୍ରାମ ଅଧିକାରୀ ଅନିତା ଗୁରୁ, ନିର୍ବାହୀ ଯନ୍ତ୍ରୀ ଓ ଏଲ ଆଇ ସି ଇଂ ରବୀନ୍ଦ୍ର କୁମାର ମାଝୀ , ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ଲକ୍ଷ୍ମୀକାନ୍ତ ମଲ୍ଲିକ ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ଜଳଯୋଗାଣ ବନ୍ଦ: ୧୫ ଦିନ ହେଲା ମିଳୁନି ପିଇବା ପାଣି

**ବୋଡ଼େନ,୨୪।୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଖଇରା ଗ୍ରାମକୁ ବାଗବାହାଲରୁ ବସୁଧା ଯୋଜନାରେ ଜଳଯୋଗାଣ ହେଉଥିଲା। ହେଲେ ୧୫ ଦିନରୁ ଅଧିକ ହେଲା ଠିକାଦାର ଡ୍ରେନ ନିର୍ମାଣ ସମୟରେ ଅବହେଳା ଯୋଗୁ ମନ୍ଦିର ପାଖରେ ମୁଖ୍ୟ ପାଇପ୍ ଫାଟି ଯିବାରୁ ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଥାଉକି ଖଇରାର ସମସ୍ତ ନଳକୂପରେ ମାତ୍ରାଧିକ ଫ୍ଲୋରାଇଡ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଦୂଷିତ ପାଣି ପିଉଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ସମସ୍ୟାର ସମାଧାନ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## କ୍ରାଣ୍ଡିବାଲି ଉପଶାଖା କୁଇସମାଜର ବାର୍ଷିକ ସାଧାରଣ ଅଧିବେଶନ



**କନ୍ଧମାଳ,୨୪।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କରିପୋର୍ଟ କନ୍ଧମାଳ ଜିଲ୍ଲାର ପୁରାତନ ସଂଗଠନ କୁଇ ସମାଜ ସେବା ସମିତି ଅନ୍ତର୍ଗତ ଗୋଛାପଡା ଶାଖା ନିକଟସ୍ଥ କ୍ରାଣ୍ଡିବାଲି ଉପଶାଖାର ସିଲେରି ଗୁପା ଠାରେ ଦୁଇଦିନ ଧରି ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଛାପଡା ଶାଖା ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର କହଁର,ମୁଖ୍ୟ ବକ୍ତା ଗୋଛାପଡା ସରପଞ୍ଚ ଶ୍ରୀ ଯୁଗାନ୍ତ କହଁର, ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଗୋଛାପଡା ଶାଖା ଉପସଭାପତି ତଥା ଫିରିଙ୍ଗିଆ ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ଗୋଛାପଡା ଶାଖା ସମ୍ପାଦକ ଆଲୋକ କହଁର, ଯୁଗ୍ମ ସମ୍ପାଦକ ଅର୍ଜୁନ କହଁର, କ୍ରାଣ୍ଡିବାଲି ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ କହଁର, ସମିତି ସଭ୍ୟା ଟିଙ୍କି କହଁର ଯୋଗ ଦେଇଥିଲେ । ତଦ ସହିତ ୯ ଗୋଟି ଉପଶାଖାର ସଭାପତି ଓ ସମ୍ପାଦକ ସମେତ ଗ୍ରାମ୍ୟ କମିଟିର ସଭାପତି ସମ୍ପାଦକ , ଆଶା,ଅଙ୍ଗନ ବାଡ଼ି ଏମ୍ ବି କେ ଏବଂ ଅଞ୍ଚଳର ସମାଜ ପ୍ରେମୀ ବାପା ମାଁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ ।





## କମଳା ଫେସ୍ ପ୍ୟାକ୍‌ର ଉପକାରିତା

ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଲାଭ ଦେଇଥାଏ। ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ଚିକ୍କଣ ହେବ। ସେହିପରି ହଳଦୀ ଓ କମଳା ଫେସ୍ ପ୍ୟାକ୍ ମଧ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତି କମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ। କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ସେମିତି ଛାଡ଼ିଦିଅନ୍ତୁ। ଗୋଲାକାର ଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।



# ସଙ୍ଗୀତ ଏକ ସାଧନା ହେଲେ ବିଜ୍ଞାନ ଏକ ଅନ୍ୱେଷଣ



କିଛି ଦିନ ପୂର୍ବରୁ ଓଡ଼ିଶାରେ ଆୟୋଜିତ ହୋଇଥିଲା ପ୍ରବାସୀ ଭାରତୀୟ ଦିବସ। ଜଣେ ପ୍ରବାସୀ ଓଡ଼ିଆ ମହିଳାଙ୍କ ପ୍ରେରଣାଦାୟୀ ଯାତ୍ରା କିପରି ସମଗ୍ର ଯୁବତୀ ଓ ନାରୀ ସମାଜ ପାଇଁ ଏକ ଆନ୍ଦୋଳନ ଓ ଉଦାହରଣ ସୃଷ୍ଟି କରିଛି ସେ ବିଷୟରେ ଆଲୋଚନା କରିବାର ଅବକାଶ ପାଇଛୁ। ତାଙ୍କର ଗବେଷଣା ଅବଦାନ ଜାପାନ, ରୁଷ ଓ ଇସ୍ରାଏଲ ଭଳି ଦେଶରେ ଯଥେଷ୍ଟ ସୁନାମ ଅର୍ଜନ କରିଛି। ଡକ୍ଟର ପୁଷ୍ପଶ୍ରୀ ମିଶ୍ର ବର୍ତ୍ତମାନ ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡି.ଆର୍.ଡି.ଓ.)ର ଜଣେ ଲବ୍ଧ ପ୍ରତିଷ୍ଠିତ ବରିଷ୍ଠ ବୈଜ୍ଞାନିକ ଭାବେ ଅବସ୍ଥାପିତ। ତେବେ ଏତିକିରେ ସରିନି ତାଙ୍କର ଲମ୍ବା ପ୍ରେରଣା ପ୍ରଦାନକାରୀ ଆଦର୍ଶ ଜୀବନ କାହାଣୀ। ଜଣେ ସୁନାମଧନ୍ୟା ସୁମଧୁର ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଭାବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ପ୍ରତିରକ୍ଷା ବୈଜ୍ଞାନିକ ଓ ଶାସ୍ତ୍ରୀୟ ସଙ୍ଗୀତ ବିଶେଷଜ୍ଞା ପୁଷ୍ପଶ୍ରୀ ବାଲ୍ୟକାଳରୁ ବିବାହ, ପାଠପଢ଼ାରୁ ପରିବାର ଲାଳନପାଳନ, ବିଜ୍ଞାନ ଗବେଷଣାରୁ ନେଇ ଶାସ୍ତ୍ରୀୟ ସଙ୍ଗୀତ ସାଧନା ପଥରେ ଅଗ୍ରସର ହେବାପାଇଁ ଅନେକ ସଂଘର୍ଷ ଓ ଆହ୍ୱାନର ମୁକାବିଲା କରିଛନ୍ତି। ସେ କେବେ ଥକି ପଡ଼ିନାହାନ୍ତି ବରଂ ସାଜିଛନ୍ତି ଜଣେ ମୂର୍ତ୍ତିମନ୍ତ ସାଧିକା। ଓଡ଼ିଶାର କୋରାପୁଟ ଜିଲ୍ଲାର ସୁଦୂର ଗୁଣପୁର ଗ୍ରାମରେ ଡକ୍ଟର ପୁଷ୍ପଶ୍ରୀ ମିଶ୍ରଙ୍କ ଜନ୍ମ। ସେ ଭୁବନେଶ୍ୱରରୁ ଶିକ୍ଷା ସମାପ୍ତ ପରେ ପଦାର୍ଥ ବିଜ୍ଞାନରେ ଗ୍ରାଜୁଏସନ୍ ଏବଂ ଦିଲ୍ଲୀ ଆଇଆଇଟିରେ ପଦାର୍ଥ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ଆରମ୍ଭ କରି ସଫଳତା ହାସଲ କରିଥିଲେ। ଜାପାନରେ ପ୍ରାୟ ୪ ବର୍ଷ ଧରି ସେ ପଦାର୍ଥବିଜ୍ଞାନରେ ଉଚ୍ଚତର ଗବେଷଣା କରିଥିଲେ। ଏହାପରେ ସେ ଡି.ଆର୍.ଡି.ଓ. ସଂସ୍ଥାନରେ ପ୍ରତିରକ୍ଷା ବିଜ୍ଞାନୀ ଭାବେ ଯୋଗ ଦେଇଥିଲେ। ବିଶ୍ୱର ସର୍ବଶ୍ରେଷ୍ଠ ପଦାର୍ଥବିଜ୍ଞାନ ଜର୍ଣ୍ଣାଲ୍ 'ଫିଜିକାଲ୍ ରିଭ୍ୟୁ ବି'ରେ ପ୍ରକାଶିତ ତାଙ୍କର 'ରମଣ ସ୍କାଟରିଙ୍ଗ୍ ଇନ୍ ସିଲିକନ୍ ନାନୋକ୍ରିଷ୍ଟାଲ୍' ସନ୍ଦର୍ଭ ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା ଏବଂ ଏଭଳି ଗବେଷଣା ତାଙ୍କୁ ରାତାରାତି ସୁଖ୍ୟାତି ଦେଇଥିଲା। ଏସବୁ ପରେ ବି ସେ ଶାସ୍ତ୍ରୀୟ ସଂଗୀତକୁ ଭୁଲି ନଥିଲେ। ଯେତେବେଳେ ପ୍ରତିରକ୍ଷା ବିଜ୍ଞାନ ପ୍ରୟୋଗଶାଳାରୁ ଟିକିଏ ସମୟ ମିଳେ, ସେ ତାନପୁରା ଧରି ସଙ୍ଗୀତ ସାଧନାରେ ଲାଗିପଡ଼ନ୍ତି। ସେଥିପାଇଁ ଜଣେ ବୈଜ୍ଞାନିକ ଭାବେ ସେ ଯେତିକି ସୁଖ୍ୟାତି ପାଇଛନ୍ତି ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଭାବେ ତା'ଠାରୁ ଢେର୍ ବେଶୀ ପ୍ରସିଦ୍ଧିଲାଭ କରିଛନ୍ତି। ସଂଗୀତ ମୋ ଜୀବନ ଯାତ୍ରାର ମାର୍ଗ ହେଲେ ବିଜ୍ଞାନ ମୋର ମାର୍ଗଦର୍ଶକ ବୋଲି କହନ୍ତି ପୁଷ୍ପଶ୍ରୀ ମିଶ୍ର। ପୁଷ୍ପଶ୍ରୀ ନିଜ ସଂଘର୍ଷମୟ ଯାତ୍ରାକୁ ନେଇ କହନ୍ତି, "ଝିଅ ହୋଇଥିବାରୁ ମୋ ବୋଉ ପ୍ରେମଲତା ମିଶ୍ର ସେ ସମୟର ସାମାଜିକ ପରିସ୍ଥିତରେ ବିଶେଷ ପାଠ ପଢ଼ି ପାରିନଥିଲା। ସେଥିପାଇଁ ସେ ସବୁବେଳେ ଚାହୁଁଥିଲା ତା' ଝିଅମାନେ ବହୁତ ପାଠପଢ଼ି ନାଁ କରନ୍ତୁ। ମୁଁ ବହୁତ ଭଲ ପଢୁଥିଲି। ବାପା ଚାହୁଁଥିଲେ ଇଂଜିନିୟରିଂ କିମ୍ବା ଡାକ୍ତର ହେବାକୁ, ହେଲେ ବୋଉ ଚାହୁଁଥିଲା ସଂଗୀତ ଶିକ୍ଷା ସହିତ ବୈଜ୍ଞାନିକ ହେବାକୁ। ମାତ୍ର ୫ ବର୍ଷ ବୟସରୁ ମୁଁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ଆରମ୍ଭ କଲି। ମୁଁ ଶାସ୍ତ୍ରୀୟ ସଂଗୀତରେ ତଥା ଜଣେ ବୈଜ୍ଞାନିକ ଭାବେ ଯେତେସବୁ ଶ୍ରେୟ ଓ ସଫଳତା ପାଇଛି ସେସବୁର ହକ୍‌ଦାର୍ ମୋ ବୋଉ।"

ପୁଷ୍ପଶ୍ରୀ ଗାନ୍ଧର୍ବ ମହାବିଦ୍ୟାଳୟରୁ ସଙ୍ଗୀତ ଅଳଙ୍କାରରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ଭାରତର ଶ୍ରେଷ୍ଠ ତଥା ନିପୁଣ କିରାନା ଘରାନା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ରୂପେ ପରିଚିତ ଗୁରୁ ପଣ୍ଡିତ ମଣିପ୍ରସାଦଙ୍କଠାରୁ ସେ ସଂଗୀତ ଶିକ୍ଷାଗ୍ରହଣ କରି ନିଜକୁ ସୌଭାଗ୍ୟବତୀ ଅନୁଭବ କରନ୍ତି। ପୁଷ୍ପଶ୍ରୀ ଠୁମ୍‌ରି ଓ ଗଜଲ୍ ଆଦି ସୁଗମ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିବାରେ ନିପୁଣା। ଏଥିପାଇଁ ସେ ଅନେକ ମାନସମ୍ମାନର ଅଧିକାରିଣୀ ହୋଇଛନ୍ତି। କବୀର ଓ ମୀରାଙ୍କ ମର୍ମସ୍ପର୍ଶୀ ଭଜନ ହେଉଛି ତାଙ୍କର ପ୍ରିୟ ସଂଗୀତ। ଯଦି ଜଣେ କଣ୍ଠଶିଳ୍ପୀ କବୀର ଓ ମୀରାଙ୍କ ରଚନାର ପ୍ରତ୍ୟେକ ପଙ୍କ୍ତିକୁ ସୁନ୍ଦର, ସୁଲଳିତ ଓ ସାବଲୀଳ ଢଙ୍ଗରେ ଗାଇପାରିବେ ତେବେ ଜଣେ ଗାୟକ ନିଜେ ନିଜ ଭିତରେ ଥିବା ମାନବବାଦ, ଦାର୍ଶନିକ ଓ ଐଶ୍ୱରିକ ଭାବାବେଗକୁ ଅନୁଭବ କରିବା ସହିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଏହାର ବାର୍ତ୍ତା ବାଣ୍ଟିବାକୁ ସକ୍ଷମ ହୋଇପାରିବେ। କବୀର ଓ ମୀରାଙ୍କ କବିତାରେ ଧାର୍ମିକ ପରିଧିକୁ ପାର ହୋଇ ଆଧାତ୍ମିକ ଅଲୌକିକତାର ଉଚ୍ଛ୍ୱାସ ଆଜିର ନାରୀ ସମାଜ ପାଇଁ ସବୁଠାରୁ ବଡ଼ ଆଦର୍ଶ। ସେହିପରି କୃଷ୍ଣ ଭଜନର ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରାଚୁର୍ଯ୍ୟ ପଥଭ୍ରଷ୍ଟ ସମାଜର ଜନସାଧାରଣଙ୍କ ପାଇଁ ସାତ୍ତ୍ୱିକ ପ୍ରେମ ମାଧ୍ୟମରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବ। ସଙ୍ଗୀତର ସ୍ୱର ଯେପରି ମଣିଷ ଜୀବନରେ ଭକ୍ତି ଓ ଶାନ୍ତି ଭରିଦେଇ ରୂପ-ରସ-ଛନ୍ଦରେ ମନକୁ ମତୁଆଲା କରିଥାଏ, ଠିକ୍ ସେହିପରି ବିଜ୍ଞାନର ଅନ୍ୱେଷଣ ମଣିଷ ଜାତି ପାଇଁ କଲ୍ୟାଣକାରୀ ସାଜିବା ସହିତ ମାନବ ଜାତିକୁ ସର୍ବଦା ସୁରକ୍ଷା ପ୍ରଦାନ କରିଥାଏ ବୋଲି କହନ୍ତି ଡକ୍ଟର ପୁଷ୍ପଶ୍ରୀ ମିଶ୍ର।

ନିଜ ଜୀବନର ଅଭୁଲା ଦୁଃଖଦ ଅନୁଭୂତି ପ୍ରସଙ୍ଗରେ ସେ କହନ୍ତି, "ଯେଉଁଦିନ ମୁଁ ଭୁବନେଶ୍ୱର ଛାଡ଼ି ପାଠ ପଢ଼ିବାକୁ ଦିଲ୍ଲୀ ଆଇଆଇଟି ଆସିଲି ସେତେବେଳେ ମୋର ପ୍ରଥମ ସଂଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ମନଦୁଃଖ ମୋ ଜୀବନର ସବୁଠାରୁ ବଡ଼ ଅଭୁଲା ଯନ୍ତ୍ରଣା ହୋଇ ରହିଗଲା"। ପ୍ରତିରକ୍ଷା ପ୍ରସଙ୍ଗରେ ଡକ୍ଟର ପୁଷ୍ପଶ୍ରୀ ମିଶ୍ର କହନ୍ତି, "ଭବିଷ୍ୟତର ଯୁଦ୍ଧରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ୍ ଟେକ୍‌ନୋଲୋଜି ଓ ଅନ୍‌ମ୍ୟାନ୍‌ଡ ଏରିଏଲ୍ ଭେଇକିଲ୍‌ସ (ୟୁ.ଏ.ଭି.) ବା ଡ୍ରୋନ୍ ଭଳି ଜ୍ଞାନକୌଶଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏ ଦିଗରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଯଥେଷ୍ଟ ଗୁରୁତ୍ୱ ଦେଇ ଅଗ୍ରସର ହେଉଛି।"

> ଝିଅ ହୋଇଥିବାରୁ ମୋ ବୋଉ ପ୍ରେମଲତା ମିଶ୍ର ସେ ସମୟର ସାମାଜିକ ପରିସ୍ଥିତରେ ବିଶେଷ ପାଠ ପଢ଼ି ପାରିନଥିଲା। ସେଥିପାଇଁ ସେ ସବୁବେଳେ ଚାହୁଁଥିଲା ତା' ଝିଅମାନେ ବହୁତ ପାଠପଢ଼ି ନାଁ କରନ୍ତୁ। ମୁଁ ବହୁତ ଭଲ ପଢୁଥିଲି। ବାପା ଚାହୁଁଥିଲେ ଇଂଜିନିୟର୍ କିମ୍ବା ଡାକ୍ତର ହେବାକୁ, ହେଲେ ବୋଉ ଚାହୁଁଥିଲା ସଂଗୀତ ଶିକ୍ଷା ସହିତ ବୈଜ୍ଞାନିକ ହେବାକୁ। ମାତ୍ର ୫ ବର୍ଷ ବୟସରୁ ମୁଁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ଆରମ୍ଭ କଲି। ମୁଁ ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରରେ ତଥା ଜଣେ ବୈଜ୍ଞାନିକ ଭାବେ ଯେତେସବୁ ଶ୍ରେୟ ଓ ସଫଳତା ପାଇଛି ସେସବୁର ହକ୍‌ଦାର୍ ମୋ ବୋଉ।' ଡକ୍ଟର ପୁଷ୍ପଶ୍ରୀ ମିଶ୍ର

## ସବୁଠାରୁ ଲୋଭନୀୟ ମହିଳା କ୍ରୀଡ଼ା



ବିଶ୍ୱ ସ୍ତରରେ 'ପିଲ୍‌କବଲ୍' ନାମକ କ୍ରୀଡ଼ା ମହିଳା କ୍ରୀଡ଼ାବିତ୍‌ଙ୍କ ଲାଗି ଏକ ଅତ୍ୟନ୍ତ ଲୋଭନୀୟ ଖେଳ ଭାବେ ଉଭା ହୋଇଛି। ବିଗତ ପାଞ୍ଚ ବର୍ଷରେ ଏହାର ଲୋକପ୍ରିୟତା ବହୁଗୁଣିତ ହୋଇଥିବାରୁ କ୍ରୀଡ଼ାବିତ୍‌ମାନଙ୍କୁ ଏହାର ଆର୍ଥିକ ପୁରସ୍କାର ମିଳୁଛି। ଜଣେ ପେସାଦାର ମହିଳା ପିକ୍‌ଲବଲ୍ କ୍ରୀଡ଼ାବିତ୍ ହାରାହାରି ୨ କୋଟି ଟଙ୍କାରୁ ଅଧିକ ଆୟ କରିଛନ୍ତି। ଏହି ଖେଳର ଲୋକପ୍ରିୟତା ବୃଦ୍ଧିର ମୁଖ୍ୟ କାରଣ ହେଲା ଏଥିରେ ଉଭୟ ପୁରୁଷ ଓ ମହିଳାମାନେ ମିଳିତ ଭାବେ ଗୋଟିଏ କୋର୍ଟରେ ଖେଳିଥାନ୍ତି ଏବଂ ମହିଳାଙ୍କୁ ପୁରୁଷଙ୍କ ସହ ପ୍ରତିଯୋଗିତା କରିବାର ସମାନ ସୁଯୋଗ ମିଳିଥାଏ। ଆନୁଷ୍ଠାନିକ ତଥ୍ୟ ଅନୁସାରେ ମହିଳା ପିକ୍‌ଲବଲ୍ ଖେଳାଳିମାନ ପୁରୁଷଙ୍କୁ ଅତିକ୍ରମ କରିବାକୁ ଲାଗିଛନ୍ତି। ମିଶ୍ରିତ ଯୁଗ୍ମ ଖେଳରେ ମହିଳା ଖେଳାଳିଙ୍କୁ ଦୁର୍ବଳ ମନେ କରାଯାଉଥିବାରୁ ସେମାନଙ୍କ ଆଡ଼କୁ ପ୍ରତିପକ୍ଷ ଖେଳାଳିମାନେ ଅଧିକ ବଲ୍ ମାରିଥାନ୍ତି। ହେଲେ ଏହି ଖେଳକୁ ନେଇ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ପିକ୍‌ଲବଲ୍ କୋର୍ଟରେ ଉକ୍ତ ରଣକୌଶଳ ଭୁଲ୍ ପ୍ରମାଣିତ ହେଉଛି, କାରଣ ମହିଳା କ୍ରୀଡ଼ାବିତ୍‌ମାନେ ଅସାଧାରଣ ଦକ୍ଷତା ଓ ନମନୀୟତା ଦେଖାଉଛନ୍ତି। ଏହା କ୍ରୀଡ଼ାକ୍ଷେତ୍ରରେ ପାରମ୍ପରିକ ଲିଙ୍ଗଭେଦକୁ ଆହ୍ୱାନ କରୁଛି। ଏହି କ୍ରୀଡ଼ାର ଲୋକପ୍ରିୟତା ସାଙ୍ଗକୁ ଏଥିରେ ନିବେଶ ମଧ ବଢ଼ିଚାଲିଛି। ତେଣୁ ମହିଳାଙ୍କ ଲାଗି ଏହି କ୍ରୀଡ଼ା ଆଗକୁ ସଫଳତାର ଅପ୍ରତ୍ୟାଶିତ ସୁଯୋଗ ସୃଷ୍ଟି କରିବାକୁ ଯାଉଛି ବୋଲି କୁହାଯାଇପାରେ।

## ରାତିରେ ଖାଆନ୍ତୁ ନାହିଁ ଏସବୁ ଖାଦ୍ୟ

ଖାଦ୍ୟ ସମସ୍ତଙ୍କ ଜୀବନର ଆଧାର। ହେଲେ ଜାଣନ୍ତି କି, ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏମିତି କିଛି ଖାଦ୍ୟ ରହିଛି, ଯାହାକୁ ରାତିରେ ଖାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଜାଣିବା ରାତିରେ କ'ଣ ଖାଇବା ଉଚିତ ନୁହେଁ...

- **ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ର ଭୋଜନରେ ଏଭଳି ଖାଦ୍ୟକୁ ସାମିଲ କରିବା ଦ୍ୱାରା ସହଜରେ ଖାଦ୍ୟ ହଜମ ହୋଇ ନପାରି ଏସିଡିଟି, ଗ୍ୟାସ୍ ଓ ଛାତି ପୋଡ଼ିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଆଦୌ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ କମ୍ ଖାଆନ୍ତୁ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।
- **ଫଳ:** ଫଳ କାହାକୁ ବା ପସନ୍ଦ ନୁହେଁ! ତେବେ ଫଳ ମଧରେ ବର୍ଷର ସବୁ ସମୟରେ ସହଜରେ ମିଳୁଥିବା କଦଳୀ ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ଏଥିରେ ଅନେକ ପୋଷକତତ୍ତ୍ୱ ମଧ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।
- **ଚା, କଫି:** ସକାଳୁ ଉଠିଲେ ଓ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅନେକଙ୍କର ଅଭ୍ୟାସ ରହିଛି। ହେଲେ ଏକ ଗବେଷଣା ଅନୁଯାୟୀ, ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁଁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।
- **ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ବହୁତ ଲୋକ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହାବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର୍ ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



## ପ୍ରେମର ମନ୍ଥର ଶୈଳୀକୁ ଫେରୁଛନ୍ତି ଯୁବପିଢ଼ି

ଜେନେରେସନ୍ ଜେଡ୍ ବା ୧୯୯୭ରୁ ୨୦୧୨ ମଧରେ ଜନ୍ମଗ୍ରହଣ କରିଥିବା ଯୁବଗୋଷ୍ଠୀ ଏବେ ପ୍ରେମର ଏକ ନୂଆ ଶୈଳୀ ଆପଣାଇବାର ଦେଖାଯାଉଛି। ଅତ୍ୟାଧୁନିକ ପ୍ରଯୁକ୍ତି ସହ ବଡ଼ ହୋଇଥିବା ଏହି ଗୋଷ୍ଠୀ ରୋମାଣ୍ଟିକ୍ ସାଥୀ ଖୋଜିବା ପାଇଁ ବିଭିନ୍ନ ଡେଟିଂ ଆପ୍ ବ୍ୟବହାର କରିଥାନ୍ତି ବୋଲି ବିଭିନ୍ନ ସର୍ବେକ୍ଷଣ କହିଥାଏ। ତେବେ ବର୍ତ୍ତମାନ ଏମାନେ ତ୍ୱରିତ ପ୍ରେମ ସମ୍ପର୍କ ଗଢ଼ିବାର ମୋହ ଛାଡ଼ି ପୁରୁଣା ଶୈଳୀରେ ଧୀରେସୁସ୍ଥେ ସମ୍ପର୍କ ଗଢ଼ିବାର ପ୍ରକ୍ରିୟା ଆଡ଼କୁ ଅଧିକ ଆକର୍ଷିତ ହେଉଛନ୍ତି। ଏହାକୁ 'ସିମର୍ ଡେଟିଂ' ବୋଲି କୁହାଯାଉଛି।

ସିମର୍ ଡେଟିଂ ଶୈଳୀ ଅନୁସାରେ ଦୀର୍ଘକାଳୀନ ପ୍ରକ୍ରିୟାରେ ଜଣଙ୍କ ବିଷୟରେ ଜାଣିବା ଓ ସମ୍ପର୍କରେ ଅଗ୍ରଗତି କରିବା ଗୁରୁତ୍ୱପୂର୍ଣ୍ଣ। ଆରାମଦାୟକ ଗତିରେ ବନ୍ଧନକୁ ସୁଦୃଢ଼ କରିବା ସହିତ ଭବିଷ୍ୟତର ଆକାଂକ୍ଷାଗୁଡ଼ିକୁ ଆଲୋଚନା କରିବା ଦ୍ୱାରା ପ୍ରେମୀଯୁଗଳ ଅଧିକ ଗଭୀର ଓ ଅର୍ଥପୂର୍ଣ୍ଣ ବୁଝାମଣା ସୃଷ୍ଟି କରିପାରିବେ। ଏହି ଡେଟିଂ ଶୈଳୀର ନାମ ନୂଆ ହୋଇଥିଲେ ହେଁ ଭାରତୀୟ ସଂସ୍କୃତିରେ ଏହାର ଖିଅ ପୁରୁଣା। ୧୯୯୦ ଦଶକରେ ବିବାହିତ ଦମ୍ପତିମାନେ ଏହି ପ୍ରକ୍ରିୟାରେ ପରସ୍ପରଙ୍କୁ ଜାଣି, ବୁଝି ବିବାହର ନିଷ୍ପତ୍ତି ନେଉଥିଲେ, ଯେଉଁ କାରଣରୁ ସେମାନଙ୍କ ସମ୍ପର୍କ ଦୀର୍ଘସ୍ଥାୟୀ ହୋଇଥାଏ। ତେବେ ଆଧୁନିକ ସମ୍ପର୍କରେ ବସ୍ତୁବାଦ ଅତ୍ୟଧିକ ଗୁରୁତ୍ୱ ପାଉଥିବାରୁ ଆଜିର ଯୁବପିଢ଼ି କୌଣସି ସମ୍ପର୍କରେ ଦୀର୍ଘ ସମୟ ରହିବା କଷ୍ଟକର ହୋଇପଡୁଛି। ତେବେ ଜେନେରେସନ୍ ଜେଡ୍‌ର ଯୁବକଯୁବତୀ ବିଳମ୍ବରେ ହେଉ ପଛେ ବୁଝିଲେଣି ଯେ ପ୍ରେମ ଓ ବିବାହ ପରି ବନ୍ଧନର ପ୍ରକୃତ କେନ୍ଦ୍ର ପରସ୍ପରଙ୍କ ଦୋଷତ୍ରୁଟିକୁ ଗ୍ରହଣ କରିନେବା, ଆହ୍ୱାନପୂର୍ଣ୍ଣ ସମୟରେ ନିରନ୍ତର ସମର୍ଥନ ଯୋଗାଇବା ଓ ଏକାଠି ବିତାଉଥିବା ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ଭଳି ଜିନିଷରେ ନିହିତ। ତେଣୁ ସେମାନେ ପରସ୍ପରଙ୍କୁ ବୁଝିବା ଲାଗି ସମୟ ଓ ଧୈର୍ଯ୍ୟ ବିନିଯୋଗ କରିବାକୁ ପ୍ରସ୍ତୁତ ହେଲେଣି।



## ଶିବରାତ୍ରିରେ ସେବାକାର୍ଯ୍ୟ କରିବେ ଶତାଧିକ ସ୍ୱେଚ୍ଛାସେବୀ



**ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ):**ବିଭିନ୍ନ ଯାନିଯାତ୍ରା ଯଥା ରଥଯାତ୍ରା, ତାରାତାରିଣୀଙ୍କର ଚଇତି ଯାତ୍ରା ଆଦିରେ ଶୃଙ୍ଖଳିତ ଢ଼ଙ୍ଗରେ ଲୋକଙ୍କର ସେବା କରି ପ୍ରଶାସନ ତଥା ସାଧାରଣ ଜନତାଙ୍କର ପ୍ରିୟପାତ୍ର ହୋଇଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପ୍ରତିନିଧିର ବିଭିନ୍ନ ଜିଲ୍ଲା ଯଥା ଗଞ୍ଜାମ, ଅନୁଗୁଳ, ଜଗତସିଂହପୁର, ଖୋର୍ଦ୍ଧାର ଶତାଧିକ ସଦସ୍ୟ ଚଳିତବର୍ଷ ତା ୨୬-୦୨-୨୦୨୫ ବୁଧବାର ଦିନ ମହାଶିବରାତ୍ରିରେ ଏକାମ୍ର ଅଧିପତି ଶ୍ରୀ ଲିଙ୍ଗରାଜ ମନ୍ଦିରରେ ୨୪ଘଣ୍ଟିଆ ଅହରାତ୍ର ସେବା ଯୋଗାଇବା ନେଇ ସଙ୍ଗଠନର ମୁଖ୍ୟ ଶ୍ରୀ ନୀଳମଣି ମିଶ୍ର ଜଣାଇଛନ୍ତି। ଏହି ସଦସ୍ୟମାନେ ମନ୍ଦିରରେ ଉପସ୍ଥିତ ରହି ଯଥାସମ୍ଭବ ପ୍ରଶାସନକୁ ତଥା ଭକ୍ତବୃନ୍ଦଙ୍କୁ ସାହାଯ୍ୟ ସହଯୋଗ କରିବା ସହ ତା ୨୫-୦୨-୨୦୨୫ ରିଖ ରାତିରେ ବେଢ଼ା ପରିଷ୍କାର କରିବା ସହ ଶିବରାତ୍ରୀଦିନ ଭୋର ୩।୩୦ମିନିଟରୁ ତା ୨୭-୦୨-୨୦୨୫ ତାରିଖ ସକାଳ ପର୍ଯ୍ୟନ୍ତ ବିଭିନ୍ନ ସେବାରେ ସାମିଲ ହେବେ। ଏ ବର୍ଷ କିପରି ଆହୁରି ଶୃଙ୍ଖଳିତ ଭାବେ ଭକ୍ତଙ୍କୁ ସେବା ପ୍ରଦାନ କରାଯାଇପାରିବ, ସେ ନେଇ ଛତ୍ରପୁର ସ୍ଥିତ କଣମଣା ବାତ୍ୟା ଆଶ୍ରୟସ୍ଥଳୀରେ ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମନୋରଞ୍ଜନ ବେହେରା, ବି। ଗୋପୀ, ଲସିତ ବରଣ ବେହେରା, ମାଧବ ସାସମଲ, ପ୍ରମୁଖ ଯୋଗ ଦେଇଥିଲେ। ଅନୁରୂପ ଭାବେ ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ଦୁର୍ଗା ପ୍ରସାଦ ପରିଡ଼ା, ଡ଼ଃ ପ୍ରିୟବ୍ରତ ଶତପଥୀ, ସ୍ରୋତ ଶାଶ୍ୱତ ଦାସ, ଦୀପକ ମହାପାତ୍ର, ଶ୍ରୁତିକ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ସଦସ୍ୟମାନେ ଦୀର୍ଘ ୩୫ବର୍ଷ ଧରି ଦୈନନ୍ଦିନ ଭାବେ ଲିଙ୍ଗରାଜ ମନ୍ଦିରରେ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ସେବା କରି ଆସୁଛନ୍ତି।

# ପ୍ରକ୍ସି ସରପଞ୍ଚଙ୍କ ରାଜୁତି, କାର୍ଯ୍ୟାନୁଷ୍ଠାନ ଦାବି



**ବିଞ୍ଝାରପୁର,୨୪।୨(ସଂଚାର ବ୍ୟୁରୋ):** ବିଞ୍ଝାରପୁର ରେ ଚାଲିଛି ସ୍ୱାମୀ ସରକାର। ମହିଳା ସରପଞ୍ଚ ଙ୍କ ସ୍ଥାନ ରେ ସମ୍ପର୍କୀୟଙ୍କ ଚାଲିଛି ରାଜ।ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ରେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କଲା ବିଜେପି। ଅଭିଯୋଗ ଅନୁଯାୟୀ ଗତ ରବିବାର ଦିନ ଛୁଟି ଦିନ ରେ ବିଞ୍ଝାରପୁର ବ୍ଲକ୍ ରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଆୟୋଜିତ ଏହି ସ୍ୱତନ୍ତ୍ର ତତ୍କାଳୀନ ବୈଠକ ରେ ଭାଗ ନେଇଥିଲେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ଅଧକ୍ଷା ରଞ୍ଜିତା କୁମାରୀ ଦାସ୍, ଯାଜପୁର ସାଂସଦ ଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା ଙ୍କ ସମେତ ବିଂଝାରପୁର ବ୍ଲକ୍ ର ବିଭିନ୍ନ ବିଭାଗର ଅଧିକାରୀ। ତେବେ ଏହି ବୈଠକ ରେ କିଛି ପଞ୍ଚାୟତ ର ସରପଞ୍ଚ ଏବଂ ସମିତି ସଭ୍ୟ ଙ୍କ ପରିବର୍ତ୍ତେ ତାଙ୍କ ସମ୍ପର୍କୀୟ ମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।ଯେପରିକି ଗୁହାଳି ପଞ୍ଚାୟତ ର ସରପଞ୍ଚ ଙ୍କ ପରିବର୍ତ୍ତେ ତାଙ୍କ ଶଶୁର ଗଣେଶ ଚନ୍ଦ୍ର ଧଳ, କଲ୍ୟାଣ ପୁର ପଂଚାୟତ ର ସରପଞ୍ଚ ସୁଶ୍ରୀ ସଂଗୀତା ନାୟକ ଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀ ଦୀପ୍ତି ରଞ୍ଜନ ନାୟକ, କପିଳା ପଞ୍ଚାୟତ ର ସମିତି ସଭ୍ୟା ଆରତୀ ମଲିକ ଙ୍କ ସ୍ଥାନ ରେ ତାଙ୍କ ସ୍ୱାମୀ ଉମାକାନ୍ତ ମଲ୍ଲିକ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।ତେବେ ପଞ୍ଚାୟତ ସମିତି ବୈଠକ ରେ ନିର୍ବାଚିତ ଜନ ପ୍ରତିନିଧି ଙ୍କ ପରିବର୍ତ୍ତେ ତାଙ୍କ ସମ୍ପର୍କୀୟ ମାନଙ୍କୁ ଅଂଶ ଗ୍ରହଣ କରିବାକୁ ଅନୁମତି କିଏ ଦେଲା ତାକୁ ନେଇ ପ୍ରଶ୍ନ ଉଠିଛି।କେବଳ ସେତିକି ନୁହେଁ ସରପଞ୍ଚ ଙ୍କ ପରିବର୍ତ୍ତେ ତାଙ୍କ ସମ୍ପର୍କୀୟ ମାନେ ବିଭିନ୍ନ ଯୋଜନା କୁ ନେଇ ପ୍ରଶ୍ନ ଉଠାଇଥିଲେ। ସାଂସଦ ଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା କଥା ପ୍ରସଙ୍ଗ ରେ ସବୁ ଖାଇଦେଲେ ବୋଲି କହିବାରୁ ଚିଢ଼ିକି ଉଠି ଥିଲେ ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ।ତେବେ ସାଂସଦ ଙ୍କ ପ୍ରତିନିଧି ଙ୍କ ଏଭଳି ମନ୍ତବ୍ୟ କୁ ନେଇ ପଞ୍ଚାୟତ ସମିତି ବୈଠକ ରେ ତୁମ୍ଭି ତୋଫାନ ଦେଖା ଦେଇଥିଲା। କିଏ ଖାଇଦେଲା କଣ ଖାଇଦେଲା ବୋଲି କହି ସାଂସଦ ଙ୍କ ପ୍ରତିନିଧି ଙ୍କୁ ଘେରିଥିଲେ ପ୍ରମିଳା ଏବଂ ବିଜେଡ଼ି ସମର୍ଥିତ ସରପଞ୍ଚ ଆଉ ସରପଞ୍ଚ ଆଉ ସମିତି ସଭ୍ୟ ଙ୍କ ପରିବର୍ତ୍ତେ ଅନଧିକୃତ ଭାବେ ଯୋଗ ଦେଇଥିବା ଏହି ସମ୍ପର୍କୀୟ ମାନେ।ସରପଞ୍ଚ ଙ୍କ ସ୍ଥାନ ରେ ତାଙ୍କ ସଂପର୍କୀୟ ମାନଙ୍କୁ ପ୍ରଶ୍ନ କରିବା ସହିତ ଉପସ୍ଥିତି ରହିବାକୁ ଅନୁମତି କିଏ ଦେଲା ତାକୁ ନେଇ ଜିଲ୍ଲାପାଳ ଙ୍କ ମିଳିତ ଜନ ଶୁଣାଣୀ ଶିବିର ରେ ଅଭିଯୋଗ କରିଛନ୍ତି ବିଜେପି ର ଏକ ପ୍ରତିନିଧି ଦଳ। ଆଇନ୍ ଅନୁଯାୟୀ ଏହି ସରପଞ୍ଚ ଙ୍କ ବିରୋଧ ରେ ଯଥା ସମ୍ଭବ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ବିଜେପି ନେତା ନିରଞ୍ଜନ ବେହୁରିଆ, ଭୁବନାନନ୍ଦ ସାମଲ, ଜ୍ୟୋତି ପ୍ରକାଶ ନାୟକ, ପୁରୁଷୋତ୍ତମ ବେହେରା, ରବୀନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

### ତିନିଦିନିଆ ନିୟମରଜା ପର୍ବ ଉଦ୍‌ଯାପିତ

## ନିୟମଗିରି ପାହାଡ଼ ସୁରକ୍ଷା ପାଇଁ ଆଦିବାସୀଙ୍କ ବଜ୍ରଶପଥ

**କଳାହାଣ୍ଡି, ୨୪।୨(ସଂଚାର ବ୍ୟୁରୋ):** ଲାଞ୍ଜିଗଡ ସ୍ଥିତ ନିୟମଗିରି ଶିର୍ଷ ଧର୍ଙ୍ଗଡ଼ା ବସା ଠାରେ ନିୟମ ଗିରି ସୁରକ୍ଷା ସମିତି ପକ୍ଷରୁ ନିୟମ ରାଜାର ବାର୍ଷିକ ପର୍ବ ଉଦଯାପିତ ହୋଇଯାଇଛି । ଏଥିରେ ଜିଲ୍ଲା ଏବଂ ରାଜ୍ୟ ବାହାରୁ ହଜାର ହଜାର ମହିଳା ଓ ପୁରୁଷଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ ନିୟମଗିରି ୧୧୨ରୁ ଉର୍ଦ୍ଧ ଗ୍ରାମର ଝରଣିଆ ଓ ଡ଼ଙ୍ଗରିଆ ଆଦିବାସୀ ସମେତ ବିଭିନ୍ନ ସଂଗଠନ ଏହି ପର୍ବରେ ସମବେଶ ହୋଇ ରକ୍ତ ଚାଉଳ ଧରି ମରିବୁ ପଛେ ଛାଡ଼ିବୁ ନାହିଁ ନିୟମଗିରି ପାହାଡ଼କୁ ସୁରକ୍ଷା ଦେବା ଆମ ଦାୟିତ୍ୱ କୌଣସି ପ୍ରକାର ଧ୍ୱଂସ ହେବାକୁ ଦିଆଯିବ ନାହିଁ ବୋଲି ବଜ୍ରଶପଥ ନେଇଥିଲେ । ଆଦିବାସୀ ମାନେ ପରମ୍ପରା କ୍ରମେ ଏହି ପର୍ବକୁ ପ୍ରତି ବର୍ଷ ଫେବ୍ରୁୟାରୀ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥାଏ । ଉକ୍ତ ପର୍ବରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶବୁସାରେ ସଜିତ ହୋଇ ସେମାନେ ସକାଳୁ ପୋଡ଼ ବଳି ସମେତ ବୋଦା, ପାରା, କୁକୁଡ଼ା ବଳି ଦେଇ ଦେବତାଙ୍କୁ ଆବାହନ କରିଥିଲେ । ଏଥି ପୂର୍ବରୁ ଶୁଭଖମ୍ବ ପାଖରେ ବାଉଁଶ ପାଡିଆ କୂଲାରେ ମନ୍ତୁ ରା ଚାଉଳରେ ବନ୍ଦାପନା କରିବାପରେ ଆଦିବାସୀ ତଥା ଡ଼ଙ୍ଗରିଆ ଓ ଝରଣିଆ କନ୍ଧ ଯୁବକମାନେ ଟାଙ୍ଗୀ ଟାଙ୍ଗିଆ ଧରି ନୃତ୍ୟ କରିବା ସହିତ ବୋଦା ଓ କୁକୁଡ଼ା ବଳି ଦେଇଥିଲେ। ସ୍ଥାନୀୟ ଆଦିବାସୀଙ୍କ ମତାମତକୁ ଉପେକ୍ଷା କରି ପରିବେଶକୁ ବିପର୍ଯ୍ୟସ୍ତ ମୁହଁକୁ ଠେଲି ଦେଇ ସରକାର ଏହାକୁ ବହୁ ରାଷ୍ଟ୍ରୀୟ କମ୍ପାନୀ ହାତକୁ ଟେକି ଦେଇଛନ୍ତି ତେବେ ଏଠାରେ ଖଣି ଖୋଲା ଗଲେ ଶହଶହ ଆଦିବାସୀ ଡ଼ଙ୍ଗରିଆଙ୍କ ଜୀବନ ଜୀବିକା ବିପନ୍ନ ହୋଇ ପଡିବ ତେଣୁ ସମସ୍ତେ ଏକଜୁଟ ହୋଇ ଆନ୍ଦୋଳନକୁ ନକୁ ଓହ୍ଲାଇବାକୁ ପଡିବ ନଚେତ ଆମ ଜଳ, ଜମି, ଜଙ୍ଗଲକୁ ସରକାର ବହୁ ରାଷ୍ଟ୍ରୀୟ କମ୍ପାନୀ ହାତରେ ଟେକି ଦେବ ବୋଲି ଉପସ୍ଥିତ ଆନ୍ଦୋଳନ କାରି ମାନେ ଏହି ପର୍ବ ଅବସରରେ ଆହ୍ୱାନ ଦେଇ ଯେ କୌଣସି ମୂଲ୍ୟ ନିୟମ ଗିରିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ବୋଲି ମତ ପ୍ରକାଶ ପାଇଛି । ନିୟମ ଗିରି ସୁରକ୍ଷା ସମିତିର ସଭାପତି ଲଦ ସିକକା ଦଧି ପୁଷିକା, ଭୂଜେନ୍ଦ୍ରଙ୍କ ମିଥ୍ୟା ମଳକମା ବିରୋଧୀ ଅଭିଯାନ ରୁ ନରେନ୍ଦ୍ର ମହାନ୍ତି, ସିପିଆଇ ସଂଜୟ ସୁନାମୀ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଟଙ୍କଧର ଧାରୁଆ,ଖଣ୍ଡୁଆଲ ମାଳି ସୁରକ୍ଷା ସମିତି ସଭାପତି ବ୍ରିଟିଶ କୁମାର, ଦାସରୁ କାଡ୍ରାକା, ଲେଲିନ କୁମାର ପ୍ରମୁଖ ନେତୃତ୍ୱ ନେଇଁ ଥିବା ବେଳେ ସଂଗ୍ରାମୀ ନେତା ସମସ୍ତ କର୍ମକର୍ତ୍ତା ଉତ୍ସବରେ । ଯୋଗ ଦେଇ ଥିଲେ।

● 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ' ତିରୋଧାନ ଦିବସ ଉପଲକ୍ଷେ

## ଆଲୋଚନା ସଭା ଓ କବିତା ପାଠୋତ୍ସବ



**କଟକ, ୨୪।୨(ସଂଚାର ବ୍ୟୁରୋ):** କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ମୃତ୍ୟୁ ତିରୋଧାନ ଦିବସ ଉପଲକ୍ଷେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ 'କାନ୍ତକବିଙ୍କ ସାହିତ୍ୟରେ ସମାଜ ଚେତନା' ବିଷୟରେ ଏକ ଆଲୋଚନା ଓ ସାମାଜିକ ମନନ କବିତା ପାଠୋତ୍ସବ "ସଂପର୍କର ସେତୁ" ପକ୍ଷରୁ ଆୟୋଜିତ ହୋଇଯାଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ବିଜୟଲକ୍ଷ୍ମୀ ଦାଶ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିଲେ । "ସଂପର୍କର ସେତୁ" ପତ୍ରିକାର ସଂପାଦକ ଭାଗ୍ୟବତୀ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କସକ ଜେନା ଏହି ସଭାକୁ ପରିଚାଳନା କରିଥିଲେ । ମୁଖ୍ୟ ଆଲୋଚକ କାନ୍ତକବିଙ୍କ ସାହିତ୍ୟରେ ଜାତୀୟତାବୋଧ, ସାମାଜିକ ଚେତନା ତଥା ଜୀବନର ବାସ୍ତବତା କିପରି ପରିପ୍ରକାଶ ଘଟିଛି ଆଲୋଚନା କରିବା ସହ କାନ୍ତକବିଙ୍କ କାଳଜୟୀ ସୃଷ୍ଟି କଣାମାମୁଁ ଉପରେ ବିଶଦ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନେ କବିତା ପାଠ କରିବା ପରେ ସୂର୍ଯ୍ୟକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ମାନବାଧିକାର ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ମାନବାଧିକାର ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଏ।ନ୍।-୬, ନୟାପାଲ୍ଲୀ, ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଯାଇଅଛି । ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ କବି ଓ ଲେଖକ ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ନିରାକାର ଦାସ, ସମ୍ମାନୀୟ ଅତିଥି ଭାବେ ଲିଙ୍କ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ଼। ଆଲୋକ କୁମାର ସାହୁ ଯୋଗ ଦେଇଥିଲେ । ଅନୁଷ୍ଠାନର ଚେୟାରପର୍ସନ ଶ୍ରୀ ରାଜେନ୍ଦ୍ର କୁମାର ମଲ୍ଲିକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଅନୁଷ୍ଠାନର ଲକ୍ଷ ଏବଂ ଅଭିମୂଖ୍ୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମାନବର ଅଧିକାର, ସମ୍ବିଧାନିକ ଅଧିକାର ଉଲ୍ଲଙ୍ଘନ କରୁଥିବା ବ୍ୟବସ୍ଥା ଓ ବ୍ୟକ୍ତି ବିଶେଷଙ୍କ ଉପରେ କିପରି ଭାବେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି ଶ୍ରୀ ମଲ୍ଲିକ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସେଠାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନେ ଏହାକୁ ସ୍ୱାଗତ କରିବା ସହିତ ମାନବାଧିକାର ଅଇନକୁ ପ୍ରତ୍ୟେକ ଜିଲ୍ଲା, ବ୍ଲକ୍ ଏବଂ ପଂଚାୟତ ସ୍ତରରେ ପହଂଚାଇବା ସହ ସାଧାରଣରେ ସଚେତନ କରାଇବେ ବୋଲି ମତପ୍ରକାଶ କରିଥିଲେ ।

## ସଂସ୍କୃତି ଭବନରେ ଲାଇଫଲୁମ କ୍ଲାସିକ୍ ବଡିବିଲଡିଂ ଫିଟନେସ ପ୍ରତିଯୋଗିତା



**ଯାଜପୁର ରୋଡ଼, ୨୪।୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ସଂସ୍କୃତି ଭବନ ପରିସରରେ ଓଡିଶା ବଡି ବିଲଡିଂ ଓ ଫିଟନେସ ପ୍ରତିଯୋଗିତା ତଥା ଲାଇଫ ଲୁମ କ୍ଲାସିକ ୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ଲାଇଫ ଲୁମ ଫିଟନେସ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶ୍ରୀ ଦୀପକ କୁମାର ବାରିକ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧକ୍ଷ୍ୟ ଶ୍ରୀ କୁଶ ଚନ୍ଦ୍ର ପ୍ରଧାନ, ଯାଜପୁର ରୋଡ ଅଗ୍ନିଶମ ବିଭାଗର ଅଧିକାରୀ ଶ୍ରୀ ତାପସ ମନ୍ତ୍ରୀ, ଅନ୍ତର୍ଜାତୀୟ କ୍ରୀଡ଼ାବିତ ଶ୍ରୀ ବଜ୍ରବାହୁ ସୀମାନ୍ତ କେଶରୀ ସାମଲ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥି ସହିତ ଜୀବନରେ ନିରୋଗ ଓ ସୁସ୍ଥ ଜୀବନ ଯାପନ କରିବାକୁ ହେଲେ କିଛିଟା ଶାରୀରିକ ପରିଶ୍ରମ ପ୍ରତ୍ୟେକ ଦିନ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ରହିଛି ବୋଲି ଅତିଥି ମାନେ ଉପସ୍ଥିତ ଜନସାଧାରଣ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଭଳି ଏକ ସ୍ୱାସ୍ଥ୍ୟ ଭିତିକ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଲାଇଫ ଲୁମ ଜିମ୍ ଅନୁଷ୍ଠାନ ମାଲିକ ଶ୍ରୀ ଦୀପକ କୁମାର ବାରିକ ଆୟୋଜନ କରିଥିବାରୁ ଅତିଥି ମାନେ ତାଙ୍କୁ ବହୁତ ବହୁତ ଧନ୍ୟବାଦ ଜ୍ଞାପନ କରିବା ସହିତ ପ୍ରଶଂସା କରିଥିଲେ। ବଡି ବିଲଡିଂ କରୁଥିବା ବଡ଼ି ବିଲଡର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କାର୍ଯ୍ୟକ୍ରମ ହେବା ପରେ କୃତି ପ୍ରତିଯୋଗୀ ମାନଙ୍କୁ ଜିମ୍ କୋଚ, ମାର୍ଶାଲ୍ ଓ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କମ୍ପିଟିସନରେ ଓଡିଶାର କୋଣ ଅନୁକୋଣର ବିଭିନ୍ନ ପ୍ରାନ୍ତରୁ ବଡି ବିଲଡିଂ କରୁଥିବା ପାଖାପାଖି ୧୭୦ଜଣ ବଡ଼ି ବିଲଡର ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲାଇଫଲୁମ କ୍ଲାସିକ୍ ଜିମ ଅନୁଷ୍ଠାନର ସମସ୍ତ କର୍ମକର୍ତା ମାନେ ସହଯୋଗ କରିଥିଲେ।

## ସାଙ୍ଗ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ବ୍ରହ୍ମପୁର,୨୪।୨(ସଂଚାର ବ୍ୟୁରୋ):** ବନ୍ଧା ରଖିଥିବା ମୋବାଇଲ ନ ଫେରାଇବାରୁ ଛୁରି ଭୁସି ସାଙ୍ଗଙ୍କୁ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍ (ଏଡିଜେ-୧) ଡ. ଇନ୍ଦୁ ଶର୍ମା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧୮ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଆସିକା ବ୍ରଜରାଜନଗରର ପିଣ୍ଟୁ ସାହୁ (୨୮)। ଘଟଣା ବେଳେ ସେ ବଡ଼ବଜାର ଥାନା ଅନ୍ତର୍ଗତ ଗଣପତି ନଗର ତୃତୀୟ ଲାଇନ୍‌ରେ ରହୁଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ, ପିଣ୍ଟୁ ଓ ପାଣିଗ୍ରାହୀପେଣ୍ଠର ପପୁନ ସାହୁ ୨ ସାଙ୍ଗ ଥିଲେ। ୨୦୨୧ରେ ପିଣ୍ଟୁ ନିଜ ମୋବାଇଲ ଫୋନ୍ ବନ୍ଧା ରଖି ପପୁନଙ୍କଠାରୁ ୫ହଜାର ଟଙ୍କା ଧାର ନେଇଥିଲେ। କିଛିମାସ ପରେ ମୋବାଇଲ ଫୋନ୍‌ଟି ଫେରାଇ ଦେବାକୁ ପପୁନଙ୍କୁ ପିଣ୍ଟୁ କହିଥିଲେ। ଟଙ୍କା ନ ଦେଲେ ଫୋନ୍ ଫେରାଇବି ନାହିଁ ବୋଲି ପପୁନ କହିବାରୁ ପିଣ୍ଟୁ ରାଗି ଯାଇଥିଲେ। ସେହିବର୍ଷ ମେ ୧୭ ତାରିଖରେ ପପୁନ ୨ ଜଣ ସାଙ୍ଗ ସୁରଜ ସାହୁ ଓ କାହ୍ନା ସାହୁ ସାହି ଛକରେ ଛିଡ଼ା ହୋଇଥିବା ବେଳେ ପିଣ୍ଟୁ ପହଞ୍ଚି ଫୋନ ପାଇଁ ଝଗଡା କରିଥିଲେ। ପରେ ସେ ଏକ ଛୁରିରେ ପପୁନଙ୍କ ପେଟକୁ ବାରମ୍ବାର ଭୁସିଥିଲେ। ସେଠାରେ ଥିବା ୨ ସାଙ୍ଗ ଏହାର ପ୍ରତିବାଦ କରିଥିବା ବେଳେ ପିଣ୍ଟୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପପୁନଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ମା' ଏ ନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ।

## ବ୍ରାଇଟ୍ ବିକନ୍ ସ୍କୁଲର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ):** ବ୍ରାଇଟ୍ ବିକନ୍ ସ୍କୁଲର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ନିରୁପମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅରବିନ୍ଦ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଡ। ପଦ୍ମାଳୟା ନାଥ ଓ ସମ୍ମାନିତ ଅତିଥି ରୂପେ ଡାଫୋଡିଲ୍ ସ୍କୁଲର ନିର୍ଦ୍ଦେଶକ ବିରଜା ପଟ୍ଟନାୟକ, ବ୍ରାଇଟ୍ ବିକନ୍ ସ୍କୁଲର ଅଧ୍ୟକ୍ଷା ପୁଷ୍ପା ସିଂଦେଓ ପ୍ରମୁଖ ଯୋଗଦେଇ ବ୍ରାଇଟ ବିକନ ସ୍କୁଲର ଗୁଣବତ୍ତା ଓ ଶିକ୍ଷାପଦ୍ଧତିକୁ ପ୍ରଶଂସା କରିବା ସହିତ ପିଲାମାନଙ୍କ ଭବିଷ୍ୟତ ନିମନ୍ତେ ସ୍କୁଲ ଦ୍ୱାରା ପରିଚାଳିତ ଭିନ୍ନ ଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। କୁନି କନି ପିଲାମାନଙ୍କ ଏକକ ନୃତ୍ୟ, ଦଳୀୟ ନୃତ୍ୟ ଓ ଏକକ ଅବିନୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଅଙ୍କିତ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା, ସୁମିତ୍ରା, ସୁଚିତ୍ରା, ଲୁସ୍ମିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଭିଭାବକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ




**ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶୀ କଣ୍ଠସଂଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ କାବ୍ୟ କବିତାର ତତ୍ତ୍ୱ ଓ ମହନୀୟତା ସଂପର୍କରେ ଆଲୋଚନା କରିବା ସହ ଓଡ଼ିଆ ଜାତିର ପରିଚୟ ଓ ଅସ୍ମିତା ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ଉପନିର୍ଦ୍ଦେଶକ ଡା ତାପସ କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଚିନ୍ତାଧାରା ଓ ଭାବଧାରା ତାଙ୍କ ସାମଗ୍ରିକ ସାହିତ୍ୟ ରଚନାରେ ପ୍ରତିଫଳିତ ହୋଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛି ବୋଲି କହିଥିଲେ। ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ପୃଷ୍ଠାରେ ଏହି ମହାନ ସାରସ୍ୱତ ସାଧକଙ୍କ ରଚନା ସମୂହ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ ମତ ଦେଇଥିଲେ। ପ୍ରଫେସର ନିଶାମଣି କର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟ କୃତିର ଅନନ୍ୟତା ସଂପର୍କରେ ତଥ୍ୟଭିତ୍ତିକ ସୂଚନା ଦେବା ସହ ତାଙ୍କ ରଚନାବଳୀର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାନ୍ତକବିଙ୍କ ଜୀବନୀ ଓ ତାଙ୍କ ସାହିତ୍ୟ କୃତି ବିଷୟରେ ସୁବିସ୍ତୃତ ଆଲୋଚନା କରିବା ସହ ସମସାମୟିକ ଯୁବପିଢ଼ି କାନ୍ତକବିଙ୍କ ଜାତୀୟତାବାଦ ଭାବଧାରାରେ ଅନୁପ୍ରାଣିତ ହେବା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ଦେଇଥିଲେ । ଏହି ଅବସରରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ସହଯୋଗୀ ପ୍ରଫେସର ଡା ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଚିରସ୍ମରଣୀୟ 'ବନ୍ଦେ ଉତ୍କଳ ଜନନୀ' ସହିତ ତାଙ୍କ ଅନ୍ୟାନ୍ୟ ରଚନାରୁ ସଂଗୀତ ପରିବେଷଣ କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡା। ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଡା। ଜ୍ଞାନ ରଂଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

### ବ୍ଲକ ଆକାଉଣ୍ଟ ଅଫିସରଙ୍କ ଲାଞ୍ଚ ଖୋର ମନବୃତି

## ପେନସନ କାଗଜ ପାଇଁ ମାଗୁଛନ୍ତି ୨୦ ହଜାର ଟଙ୍କା



**ବିଞ୍ଝାରପୁର,୨୪।୨ (ସଂଚାର ବ୍ୟୁରୋ):** ବିଂଝାରପୁର ବ୍ଲକ୍ ରେ ଦିନକୁ ଦିନ ସାମ୍ନାକୁ ଆସୁଛି ଦୁର୍ନୀତି ଗ୍ରସ୍ତ କର୍ମଚାରୀ ଙ୍କ ଅସଲ ଚେହେରା। ବିନା ହାତ ଗୁଞ୍ଜା ରେ ଚାଲୁନି ସରକାରୀ ଅଧିକାରୀ ଙ୍କ କଲମ। ଏମିତି ଏକ ଘଟଣା ଯାହାକି ହାତଗୁଞ୍ଜା ନଦେବାରୁ ସରକାରୀ ବାବୁ ଅଟକାଇ ଛନ୍ତି ଆଉ ଆଉ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ର କାର୍ଯ୍ୟ। ଆଜି ବିଂଝାରପୁର ବ୍ଲକ ପ୍ରକୋଷ୍ଠ ମଧ୍ୟରେ ଥିଲା ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣି। ଏହି ଅଭିଯୋଗ ଶୁଣାଣୀ ରେ ଆସିଛି ଏକ ସାଙ୍ଘାତିକ ଅଭିଯୋଗ। ଯାହାକି ଅଭିଯୋଗ ଆଣିଥିଲେ ଏହି ବ୍ଲକ ରେ କାର୍ଯ୍ୟକରି ଅବସର ନେଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ବିନୋଦ ବିହାରୀ ନାୟକ। ନିଜର ଅବସର ପରେ ପେନସନ ପାଇବା ବାବଦ କୁ ବାକି ରହିଥିବା କାଗଜ ପତ୍ର ପାଇଁ ବ୍ଲକ ଆକାଉଣ୍ଟ ଅଫିସର ଙ୍କ ପାଖକୁ ବାରମ୍ବାର ଦୌଡ଼ି ଦୌଡ଼ି କିଛି ସୁଫଳ ହେଉ ନ ଥିବା ଅଭିଯୋଗ କରିଛନ୍ତି ବିନୋଦ। ବିଞ୍ଝାରପୁର ବ୍ଲକ ରେ ଚାରିବର୍ଷ ରୁ ଉର୍ଦ୍ଧ ହେବ ରହି ନିଜକୁ ଅଘୋଷିତ ବିଡିଓ ଭାବେ ନିଜର କାର୍ଯ୍ୟ ତୁଲାଉ ଛନ୍ତି ଆକାଉଣ୍ଟ ଅଫିର କାଶୀନାଥ ମଲିକ। ବିନାଲାଞ୍ଚ ରେ ଆକାଉଣ୍ଟ ଅଫିସର ଙ୍କ କଲମ ଚାଲେନି ବୋଲି କୁହା ଯାଉଛି। ନିଜର କାର୍ଯ୍ୟ ବିଳମ୍ବ ହେବା ନେଇ ବିନୋଦ ବିହାରୀ ନାୟକ ଆକାଉଣ୍ଟ ଅଫିସର କାଶୀନାଥ ମଲିକ ଙ୍କୁ ପଚାରିବାରୁ ଶ୍ରୀ ମଲିକ ୨୦ହଜାର ଟଙ୍କା ହାତ ଗୁଂଜା ନଦେଲେ କିଛି କାମ ହେଇ ପାରିବନି କହି ଫେରାଇ ଦେଇଥିଲେ। ଶ୍ରୀ ନାୟକ ଙ୍କ ପରେ ଅବସର ନେଇଥିବା ଅଧିକାରୀ ଙ୍କ ପେନସନ ପ୍ରୋଭିଜନାଲ କାଗଜ ପତ୍ର କାର୍ଯ୍ୟ ସରି ଯାଇଥିବା ବେଳେ କେବଳ ଆକାଉଣ୍ଟ ଅଫିସର ଙ୍କ ୨୦ ହଜାର ହାତ ଗୁଞ୍ଜା ପାଇଁ ଅଧା ବାଟରେ ଅଟକିଛି କାର୍ଯ୍ୟ। ଯାହାକୁ ନେଇ ଶ୍ରୀ ନାୟକ ଆଜି ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ପ୍ରକୋଷ୍ଠ ରେ ଅଭିଯୋଗ ଆଣିଥିଲେ। ତେବେ ଘଟଣା ର ତଦନ୍ତ ସହ ଓ ସତ୍ୟ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବ କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ। ବିଂଝାରପୁର ବ୍ଲକ ଆକାଉଣ୍ଟ ଅଫିସର କାଶୀନାଥ ମଲିକଙ୍କ ବିଷୟ ରେ ତେବେ ଏ ସମ୍ପର୍କ ଆକାଉଣ୍ଟ ଅଫିସର କାଶୀନାଥ ମଲିକ ଙ୍କୁ ପଚାରିବାରୁ ଉତ୍ତର ନ ଦେଇ ଚୁପ୍ ରହିଥିଲେ କାଶୀନାଥ।ତେବେ ଏ ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ କଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଦିବ୍ୟାଙ୍ଗ ଝିଅର ହାତ ଧରିଛନ୍ତି ଜଣେ ସାଧାରଣ ଯୁବକ

**ବାଲେଶ୍ୱର,୨୪।୨ (ସଂଚାର ବ୍ୟୁରୋ):** ବାଜୁଛି ଶଙ୍ଖ ମହୁରୀ, ସଜା ହୋଇଛି ବେଦୀ, ନାଚୁଛନ୍ତି ବରଯାତ୍ରୀ। ରିତୀ ନିତୀରେ ଚାଲିଛି ବାହାଘର ଭୋଜି ଭାତରେ ଜମୁଛି ପୁରା ଆସର। ମୁଣ୍ଡରେ ନାଲି ଓଢ଼ଣୀ ଟାଣି ନବବଧୂ ବେଶ ରେ ସଜେଇ ହୋଇଛି କନିଆ । ଆଉ କନିଆକୁ କୋଳ ରେ ଉଠାଇ ବେଦୀରେ ସାତ ଘେରା ନେଉଛି ବର । ହୋମ ନିଆଁକୁ ସାକ୍ଷୀ ରଖି ମଥାରେ ଦେଇଛନ୍ତି ସିନ୍ଦୁର । ଏଇ ଯୋଡି ସ୍ୱୟଂ ଜଗନ୍ନାଥ ହିଁ ବନାଇଛନ୍ତି । କାରଣ ଜଣେ ଦିବ୍ୟାଙ୍ଗ ଝିଅର ହାତ ଧରିଛନ୍ତି ଜଣେ ସାଧାରଣ ଯୁବକ। ଝଡ଼ ତୋଫାନ ଭଳି ଦୁହିଁଙ୍କ ପ୍ରେମ ଜୀବନରେ ଅନେକ ବାଧା ଆସିଛି ହେଲେ କେହିବି କାହାର ହାତ ଛାଡି ନାହାଁନ୍ତି । ଆଜି ପ୍ରତିଜ୍ଞା କରିବା ସହିତ ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ସାତ ଜନ୍ମ ପାଇଁ ବାନ୍ଧି ହୋଇଛନ୍ତି । ଆଜିର ସମାଜରେ ପ୍ରେମର ପରିଭାଷା ବଦଳୁଥିବା ବେଳେ ଅନେକ ପ୍ରେମ ଏମିତି ଥାଏ ନା କେବେ ଲିଭେ ନା କେବେ ହଜେ। ସେମିତି ଏକ ନିଃସ୍ୱାର୍ଥ ପ୍ରେମିକର ପ୍ରେମ ଦେଖିବାକୁ ମିଳିଛି। ଦୁଇ ପ୍ରେମ ପକ୍ଷୀଙ୍କର ଏହି ସୁନ୍ଦର କାହାଣୀ ସମସ୍ତଙ୍କୁ ଏକ ଶିକ୍ଷା ଦେଇଛି ।

## ମନାଲିର ଶୀତକାଳୀନ ଦୁଃସାହସିକ ଶିବିରରେ ଯୋଗଦେବେ ଓଡ଼ିଶାର ଛାତ୍ରଛାତ୍ରୀ




**ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ):** ହିମାଚଳ ପ୍ରଦେଶ ମନାଲି ଠାରେ ଆସନ୍ତା ଫେବୃଆରୀ ୨୭ ତାରିଖରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଶୀତକାଳୀନ ଦୁଃସାହାସିକ ଶିବିର (ୱିଣ୍ଟର ଆଡ଼ଭେଞ୍ଚର କ୍ୟାମ୍ପ) ଆୟୋଜିତ ହେବାକୁ ଯାଉଛି। ଏହି ଶୀତକାଳୀନ ଦୁଃସାହାସିକ ଶିବିରରେ ଓଡ଼ିଶାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବେ। ଏଥିପାଇଁ ଛାତ୍ରଛାତ୍ରୀମାନେ ଆଜି ମନାଲି ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିବେ। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସଫଳ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀମାନେ ନୂତନ ଅଭିଜ୍ଞତା ଓ ଅନୁଭୂତି ସାଉଁଟିବା ସହ ଜଣେ ଯୁବ ପ୍ରତିନିଧି ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏଥିସହ ଏହି ଶିବିର ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିତ୍ୱର ବିକାଶ କରିବାରେ ସହାୟକ ହେବା ସହ ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। 'ଛାତ୍ରଛାତ୍ରୀମାନେ ଶିବିରରୁ ଫେରି ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତାକୁ ନିଜର ସହପାଠୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ମୋ ସହ ବାଣ୍ଟିବେ ଏବଂ ଶିବିରରୁ କଣ ନୂଆ ଜାଣିବାକୁ ପାଇଲେ ତାହା ମୋତେ ଜଣାଇବେ', ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜିର କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ମନାଲିରେ ଆୟୋଜିତ ହେବାକୁ ଥିବା ଏହି ଦୁଃସାହାସିକ ଶୀତକାଳୀନ ଶିବିରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦୁଃସାହାସିକ କାର୍ଯ୍ୟାବଳୀ ଯଥା ଟ୍ରେକିଙ୍ଗ, ରକ୍ କ୍ଲାଇମ୍ବିଙ୍ଗ, ରିଭର କ୍ରସିଂ, ରିଭର ରାଫଟିଙ୍ଗ, ଜିପ୍-ଲାଇନିଙ୍ଗ ଆଦି ବିଭିନ୍ନ କାର୍ଯ୍ୟାବଳୀରେ ଯୋଗଦେବେ।